

ଲଳିତ ମୋଦୀଙ୍କୁ ବିବାହ କରିବେ ସୁସ୍ମିତା ସେନ୍
▸ଦେଶବିଦେଶ ପୃଷ୍ଠା ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-146 • BHUBANESWAR • TUESDAY • 21 NOVEMBER 2023 • PAGE-16 • ₹ 6.00

ବର୍ଷ-୪୧ • ସଂଖ୍ୟା-୧୪୬ • ଭୁବନେଶ୍ୱର • ମଙ୍ଗଳବାର • ୨୧ ନଭେମ୍ବର ୨୦୨୩ • ପୃଷ୍ଠା-୧୬ • ଟ.୬.୦୦





सत्यमेव जयते



## ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍ତମ ସଂଯୋଗ ଏବଂ ଭିତ୍ତିଭୂମି ସ୍ଥାପନ

## ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ଭାରତର ମାନନୀୟ ରାଷ୍ଟ୍ରପତିଙ୍କ
ଦ୍ୱାରା

**ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ**

ବାଦାମପାହାଡ଼-ଟାଟାନଗର ମେମୁ
ବାଦାମପାହାଡ଼-ରାଉରକେଲା ସାପ୍ତାହିକ ଏକ୍ସପ୍ରେସ୍
ବାଦାମପାହାଡ଼-ଶାଲିମାର ସାପ୍ତାହିକ ଏକ୍ସପ୍ରେସ୍

**ଭିତ୍ତିପ୍ରସ୍ତର ସ୍ଥାପନ**

ବାଦାମପାହାଡ଼ ରେଳ ଷ୍ଟେସନର ପୁର୍ନବିକାଶ
(ଅମୃତ ଷ୍ଟେସନ ଯୋଜନା ଅନ୍ତର୍ଗତ)

**ଉଦ୍‌ଘାଟନ**

ରାଇରଙ୍ଗପୁର ନୂତନ ଡାକ ମଣ୍ଡଳ

**ଉନ୍ମୋଚନ**

ଡାକ ବିଭାଗର ବିଶେଷ ସ୍ମରଣିକା ଲଫାଫା

**ସୁବିଧା**

**ନୂଆ ଟ୍ରେନ୍**
- ଅଞ୍ଚଳର ଅଭିବୃଦ୍ଧି ଓ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉନ୍ନତ ଯୋଗଯୋଗ ବ୍ୟବସ୍ଥା
- ବାଣିଜ୍ୟ ଓ ଉଦ୍ୟୋଗ ଉପରେ ଏକ ସକାରାତ୍ମକ ପ୍ରଭାବ ପାଇଁ ରେଳ ସେବାରେ ଅଭିବୃଦ୍ଧି
- ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ଉନ୍ନତ କରିବା ପାଇଁ ଅତିରିକ୍ତ ପରିବହନ ସୁବିଧା

**ଅମୃତ ଭାରତ ଷ୍ଟେସନ**
- ଯାତ୍ରୀମାନଙ୍କର ଆରାମ ଓ ସୁବିଧାକୁ ଗୁରୁତ୍ୱ ଦେଇ ସୁବିଧାଗୁଡ଼ିକର ନବୀକରଣ
- ଅତ୍ୟାଧୁନିକ, ବିଶ୍ୱସ୍ତରୀୟ ଭ୍ରମଣ ଅନୁଭୂତି ପ୍ରଦାନ

**ନୂତନ ଡାକ ମଣ୍ଡଳ**
- ପ୍ରାୟ 12 ଲକ୍ଷ ଜନସାଧାରଣଙ୍କୁ ଉତ୍ତମ ମାନର ଡାକସେବା ଯୋଗାଇଦେବା
- 5 କି.ମି. ବ୍ୟାସାର୍ଦ୍ଧରେ ପ୍ରତ୍ୟକ ଜନସାଧାରଣଙ୍କୁ ଯୋଜନାବଦ୍ଧ ଡାକ ଓ ଆର୍ଥିକ ସେବା ପ୍ରଦାନ

**ଗରିମାମୟ ଉପସ୍ଥିତି**

ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ବିଶ୍ୱେଶ୍ୱର ଟୁଡୁ
କେନ୍ଦ୍ରୀୟ ଜଳ ଶକ୍ତି ଏବଂ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ମମତା ମହନ୍ତ
ସାଂସଦ (ରାଜ୍ୟସଭା)

ନବ ଚରଣ ମାଝୀ
ବିଧାୟକ

ଡ. ବୁଧନ ମୁର୍ମୁ
ବିଧାୟକ

ଗଣେଷ ରାମ ସିଂହ ଖୁଣ୍ଟିଆ
ବିଧାୟକ

**ତାରିଖ : 21 ନଭେମ୍ବର, 2023 । ସ୍ଥାନ : ବାଦାମପାହାଡ଼ ରେଳ ଷ୍ଟେସନ, ଓଡ଼ିଶା । ସମୟ : ସକାଳ 9.00 ଘଟିକା**

ସମସ୍ତଙ୍କୁ ସାଦର ଆମନ୍ତ୍ରଣ

ରେଳ ମନ୍ତ୍ରାଳୟ

भारतीय डाक
India Post
ଡାକ ବିଭାଗ
ସଂଚାର ମନ୍ତ୍ରାଳୟ

https://www.facebook.com/southeasternrailwaykol https://www.instagram.com/serailwaykolkata https://twitter.com/serailwaykol https://www.youtube.com/@southeasternrailway1256 https://www.kooapp.com/profile/serailwaygrc



ରକି ଭାଇଙ୍କ ସହ ହାତ ମିଳାଇଲେ ପ୍ରଭାସ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-146 •BHUBANESWAR •TUESDAY •21 NOVEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୪୬ •ଭୁବନେଶ୍ୱର •ମଙ୍ଗଳବାର •୨୧ ନଭେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


# ସ୍ୱପ୍ନରୁ ବାସ୍ତବ 'ମେଟ୍ରୋ' ଯାତ୍ରା

## ଦିଲ୍ଲୀ ମେଟ୍ରୋ ସହ ବୁଝାମଣାପତ୍ର ସ୍ୱାକ୍ଷର; ୪ ବର୍ଷରେ ସରିବ ପ୍ରକଳ୍ପ

- ନୂତନ ଓଡ଼ିଶାର ପ୍ରତୀକ ହେବ ଐତିହାସିକ ମେଟ୍ରୋ ପ୍ରକଳ୍ପ
- ଓଡ଼ିଶା ଇତିହାସରେ ଭିତ୍ତିଭୂମିରେ ସର୍ବବୃହତ୍ ପୁଞ୍ଜିନିବେଶ
- ରାଜ୍ୟ ସରକାର ବହନ କରିବେ ପ୍ରକଳ୍ପର ସମ୍ପୂର୍ଣ୍ଣ ନିର୍ମାଣ ବ୍ୟୟ
- ପୂରଣ ହେଲା ୨୦୧୯ ନିର୍ବାଚନ ପ୍ରତିଶ୍ରୁତି



■ ଭୁବନେଶ୍ୱର, ୨୦।୧୧(ସମିସ): ବାସ୍ତବ ରୂପ ନେବାକୁ ଯାଉଛି ଓଡ଼ିଶାର 'ମେଟ୍ରୋ' ସ୍ୱପ୍ନ। ସମ୍ପୂର୍ଣ୍ଣ ନିଜସ୍ୱ ପାଣ୍ଠିରେ ରାଜ୍ୟ ସରକାର ଏହି ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିପାଇଁ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ (ଡିଏମ୍ଆରସି) ଓ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ (ବିଏମ୍ଆର୍ସି) ମଧ୍ୟରେ ଆଜି(ସୋମବାର) ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ୬ହଜାର ୨୫୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମେଟ୍ରୋ ରେଳ ନିର୍ମାଣ ପାଇଁ ଟର୍ଣ୍ଣ-କି ପରାମର୍ଶଦାତା ଭାବେ ଡିଏମ୍ଆର୍ସିକୁ ନିଯୁକ୍ତି ଦିଆଯାଇଛି। ଆସନ୍ତା ୪ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସୋମବାର ଲୋକସେବା ଭବନରେ ଏମ୍ଓୟୁ ସ୍ୱାକ୍ଷର ସମୟରେ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ '୫-ଟି' ଅଧୀନରେ ରାଜ୍ୟ ସରକାରଙ୍କ କୌଣସି ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏହା ସର୍ବବୃହତ୍ ପୁଞ୍ଜିନିବେଶ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଚୁକ୍ତି ଓଡ଼ିଶାର ପରିବହନ ଇତିହାସରେ ଏକ ନୂତନ ଯୁଗର ଉଦାହରଣ ସୃଷ୍ଟି କରିଛି। ବର୍ତ୍ତମାନ ରାଜଧାନୀ ଅଞ୍ଚଳରେ ପରିବହନ ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିବାକୁ ଏହା ଏକ ବଡ଼ ପଦକ୍ଷେପ। '୫-ଟି' ରୂପାନ୍ତରଣ ଅଧୀନରେ ଏହା ଏକ ଫ୍ଲାଗସିପ୍ ଯୋଜନା ହୋଇଥିବା ବେଳେ ଏହା ନୂତନ ଓଡ଼ିଶାର ପ୍ରତୀକ ହେବ। ରାଜ୍ୟ କ୍ୟାବିନେଟ୍ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୬ହଜାର ୨୫୫ କୋଟି ଟଙ୍କା ବ୍ୟୟରେ ପ୍ରଥମ ▶ପୃଷ୍ଠା-୯

# ଆଜିଠୁ ବିଧାନସଭାର ଶୀତ ଅଧିବେଶନ

■ ଭୁବନେଶ୍ୱର, ୨୦।୧୧(ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ଷୋଡ଼ଶ ବିଧାନସଭାର ଚତୁର୍ଦ୍ଦଶ ଅର୍ଥାତ୍ ଶୀତ ଅଧିବେଶନ। ଚଳିତମାସ ୨୧ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ। ବିଭିନ୍ନ ପ୍ରସଙ୍ଗକୁ ନେଇ ଚଳିତ ଅଧିବେଶନ ସରଗରମ୍ ହେବାର ସମ୍ଭାବନା ଥିବାବେଳେ ବିରୋଧୀ ବିଜେପି ଆଜି ନିଜ ବିଧାୟକ ଦଳ ବୈଠକରେ ଏନେଇ ରଣନୀତି ପ୍ରସ୍ତୁତି କରିଛି। କଂଗ୍ରେସ ପକ୍ଷରୁ ମଧ୍ୟ ଆସନ୍ତାକାଲି ବିଧାୟକ ଦଳ ବୈଠକ କରିବାକୁ ନିଷ୍ପତ୍ତି ନେଇଛି। ଅପରପକ୍ଷେ ଆସନ୍ତାକାଲି ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶାସକ ଦଳର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ଦଳୀୟ ବିଧାୟକଙ୍କୁ ଗୃହରେ ଦଳର ରଣନୀତି ନେଇ ମାର୍ଗଦର୍ଶନ କରିବେ। ଦଳୀୟ ବିଧାୟକଙ୍କ ସୂଚନା ଅନୁସାରେ ଅନୁଯାୟୀ ଗୃହରେ ଗଠନମୂଳକ ଆଲୋଚନାକୁ ଶାସକ ଦଳ ବିଜେଡି ସବୁବେଳେ ସ୍ୱାଗତ କରିଆସିଛି। ରାଜ୍ୟସ୍ୱାର୍ଥ ସଂକ୍ରାନ୍ତ ସମସ୍ତ ଆଲୋଚନା ପାଇଁ ବିଜୁ ଜନତା ଦଳ ପ୍ରସ୍ତୁତ। ବିରୋଧୀ ଯଦି ଏନେଇ ସକରାତ୍ମକ ଆଭିମୁଖ୍ୟ ପୋଷଣ କରିବେ ତାହେଲେ ଚଳିତ ଅଧିବେଶନଟି ବେଶ୍ ଫଳପ୍ରଦ ରହିବ। ଅନ୍ୟପକ୍ଷରେ ଗୃହରେ ବିଜେଡି ପକ୍ଷରୁ ମଧ୍ୟ ଏକାଧିକ ରାଜ୍ୟସ୍ୱାର୍ଥ ଏବଂ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଗୃହରେ ଉତ୍ଥାପନ କରିବ। ତେବେ ଆସନ୍ତାକାଲି ▶ପୃଷ୍ଠା-୯



- ଆଜି ବିଜେଡି ବିଧାୟକ ଦଳ ବୈଠକରେ ବିଧାୟକଙ୍କ ମାର୍ଗଦର୍ଶନ କରିବେ ମୁଖ୍ୟମନ୍ତ୍ରୀ
- ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିଜେପି-କଂଗ୍ରେସର ରଣନୀତି ପ୍ରସ୍ତୁତ
- ରାଜ୍ୟସ୍ୱାର୍ଥ ଏବଂ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗକୁ ଗୃହରେ ବିଜେଡି ଉଠାଇବା ସୂଚନା

## ସୁଲଭ ବାସଗୃହ ପ୍ରକଳ୍ପକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ବସ୍ତିବାସିନ୍ଦାଙ୍କୁ 'ଖୁସି'ର ଚାବି



■ ଭୁବନେଶ୍ୱର, ୨୦।୧୧(ସମିସ): ଭୁବନେଶ୍ୱରର ବସ୍ତିବାସିନ୍ଦା ଓ ଗରିବ ଲୋକଙ୍କୁ ରହିବା ପାଇଁ ଘର ସହ ସମ୍ମାନର ସହ ବଞ୍ଚିବାର ଅଧିକାର ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱରରେ ବସ୍ତିବାସିନ୍ଦାଙ୍କ ପାଇଁ ୩ଟି ସୁଲଭ ବାସଗୃହ ପ୍ରକଳ୍ପ ଲୋକାର୍ପଣ କରିବା ସହ ହାତରେ ଦେଇଛନ୍ତି 'ଖୁସି'ର ଚାବି। ଚନ୍ଦ୍ରଶେଖରପୁର ବୁଦ୍ଧବିହାରରେ ସୁଲଭ ବାସଗୃହ, ସତ୍ୟନଗର ଶାନ୍ତିପଲ୍ଲୀରେ ବସ୍ତି ପୁନଃବିକାଶ ପ୍ରକଳ୍ପ ଓ ସୁବୁଦ୍ଧିପୁରରେ ସୁଲଭ ବାସଗୃହ ପ୍ରକଳ୍ପରେ ବସ୍ତିବାସିନ୍ଦାଙ୍କୁ ଏହି ଘରଗୁଡ଼ିକ ପ୍ରଦାନ କରାଯାଇଛି। ହିତାଧିକାରୀମାନଙ୍କୁ ନୂଆ ଘରର ଚାବି ହସ୍ତାନ୍ତର କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରର ବିକାଶରେ ବସ୍ତିଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଗରିବ ଲୋକମାନଙ୍କୁ ନୂଆ ଓ ଭଲ ଘର ଯୋଗାଇ ଦେଇ ସେ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖରପୁର ବୁଦ୍ଧବିହାରରେ ସୁଲଭ ବାସଗୃହ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ସହରାଞ୍ଚଳରେ 'ସମସ୍ତଙ୍କ ପାଇଁ ଘର' କାର୍ଯ୍ୟକ୍ରମରେ ଏହି ପ୍ରକଳ୍ପଟି ୫ ମହଲା ବିଶିଷ୍ଟ ଏବଂ ଏହା ୧୨ ଏକର ଜମିରେ ନିର୍ମାଣ କରାଯାଇଛି। ଏଥିରେ ୮୨୦ଟି ଘର ସମ୍ପୂର୍ଣ୍ଣ କରାଯାଇ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଉଛି। ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କ ପାଇଁ ସମୁଦାୟ ୨୬୦୦ଟି ▶ପୃଷ୍ଠା-୯

- ସମ୍ମାନର ସହ ବଞ୍ଚିବାର ଅଧିକାର ଲାଗି ମିଳିଲା ଫ୍ଲାଟ୍
- ୩ ପ୍ରକଳ୍ପରେ ୧୭୨୨ ହିତାଧିକାରୀଙ୍କୁ ବାସଗୃହ

## ସ୍ମରଣୀୟ ହେବ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ

# ରାଜ୍ୟବାସୀ ଦେଖିବେ ଲୋକାର୍ପଣ

■ ପୁରୀ, ୨୦।୧୧(ସମିସ): ୨୦୨୪ ଜାନୁଆରୀ ୧୭ ତାରିଖ। ଶ୍ରୀକ୍ଷେତ୍ର ଇତିହାସରେ ଯୋଡ଼ି ହେବ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ। ସାକାର ହେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ। ଏହିଦିନ ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ହେବ ଲୋକାର୍ପଣ। ଏଥିପାଇଁ ଭବ୍ୟ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଉଛି। ବିଶ୍ୱବାସୀଙ୍କ ନଜର ଟାଣିବା ଭଳି ଲୋକାର୍ପଣ ଉତ୍ସବକୁ ସ୍ମରଣୀୟ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି କ୍ରମରେ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ▶ପୃଷ୍ଠା-୯

- ୧୭ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ଯଜ୍ଞରେ ପୂର୍ଣ୍ଣାହୁତି ଦେବେ ଗଜପତି ମହାରାଜା
- ବଡ଼ଦାଣ୍ଡର ସବୁ କୋଠା ହେବ ଗୋଟିଏ ରଙ୍ଗ

# ସାଲୁଗା ହେବେ ଉପବାଚସ୍ପତି



■ ଭୁବନେଶ୍ୱର, ୨୦।୧୧(ସମିସ): ଜି.ଉଦୟଗିରିର ବିଧାୟକ ସାଲୁଗା ପ୍ରଧାନ ହେବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି। ବିଜେଡି ପକ୍ଷରୁ ସାଲୁଗାଙ୍କ ନାମ ଘୋଷଣା ପରେ ସେ ଉପବାଚସ୍ପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ୨୧ ତାରିଖ ସକାଳ ସାଢ଼େ ୯ଟାରେ ଉପବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବ ଆପାତତଃ ନିଶ୍ଚିତ ବୋଲି ▶ପୃଷ୍ଠା-୯

## ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀ ଓ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

# ନିରନ୍ତର ସଚେତନତା ଦ୍ୱାରା ସଶକ୍ତ ସମାଜ ଗଠନ ସମ୍ଭବ: ରାଷ୍ଟ୍ରପତି

■ ବାରିପଦା,୨୦।୧୧ (ସମିସ): କବି ଓ ଲେଖକ ସମାଜର ସତର୍କ ପ୍ରହରୀ। ସାହିତ୍ୟ ମାଧ୍ୟମରେ ସେମାନେ ସମାଜକୁ ଜାଗ୍ରତ କରାନ୍ତି ଏବଂ ଦିଗ୍‌ଦର୍ଶନ ଦିଅନ୍ତି। ସ୍ୱାଧୀନତା ସଂଗ୍ରାମରେ ଅନେକ ସାହିତ୍ୟିକ ଜାତୀୟ ଆନ୍ଦୋଳନକୁ ନୂଆ ପଥ ଦେଖାଇଥିଲେ। ସାହିତ୍ୟିକମାନେ ନିଜ ସୃଷ୍ଟି ମାଧ୍ୟମରେ ଲୋକଙ୍କ ଭିତରେ ସଚେତନତା ଜାଗ୍ରତ କରାଇବା ଆବଶ୍ୟକ। ବିଶେଷକରି ଆଦିବାସୀ ସମାଜର ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ନିରନ୍ତର ସଚେତନତା ଦ୍ୱାରା ଏକ ଦୃଢ଼ ଓ ସକ୍ରିୟ ସମାଜ ଗଠନ ସମ୍ଭବ ହୋଇପାରିବ। ବାରିପଦା ସହିଦ ସ୍ମୃତିଭବନରେ ୩୬ତମ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀ ଓ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସାହିତ୍ୟିକମାନଙ୍କୁ ଏପରି ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସୋମବାର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ



ବାରିପଦା ରିଜର୍ଭ ପୁଲିସ ପଡ଼ିଆରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ସେ ଅବତରଣ କରିବା ପରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଲେଖକ ସଂଘର ଅଧ୍ୟକ୍ଷା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାନ୍ତାଳୀ ଭାଷାର ଯୋଗଜନ୍ମା ମହାପୁରୁଷ ପଣ୍ଡିତ ରଘୁନାଥ ମୁର୍ମୁ, ମାଝୀ ରାମଦାସ ଟୁଡୁ, ସାଧୁ ରାମଚାନ୍ଦ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସାନ୍ତାଳୀ ଭାଷାରେ ଅଭିଭାଷଣ ରଖିଥିଲେ। ସେ କହିଥିଲେ ଯେ ସାନ୍ତାଳୀ ଭାଷାର ବିକାଶ, ପ୍ରଚାରପ୍ରସାର ଓ ସାହିତ୍ୟ ସୃଷ୍ଟି ଅନେକ ଲେଖକ ଓ ବିଦ୍ୱାନମାନଙ୍କ ଦ୍ୱାରା କରାଯାଇଆସୁଛି। ଏ କ୍ଷେତ୍ରରେ ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ନିଜର ଅବଦାନ ଦେଇଥିବା ଲେଖକ-ଲେଖିକା ଓ ଗବେଷକଙ୍କୁ ଧନ୍ୟବାଦ ଜଣାଇଥିଲେ।

ଅନ୍ୟତମ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଆଦିବାସୀ ଓ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା, କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ତଥା ରାଜ୍ୟ ଆଦିବାସୀ ବ୍ୟାପାର ମନ୍ତ୍ରୀ ▶ପୃଷ୍ଠା-୯

## ଲୋକକଥା



ଓଡ଼ିଶା ମାଟିରୁ ମରିଚାଲିଛନ୍ତି,
ଗଜରାଜ ନିତି ନିତି,
ଏଭଳିଆ ଦିନ ନ ଆସୁଚି କେବେ
ନ ହୁଅନ୍ତୁ ପ୍ରତିକୃତି।
ସର୍କାରଙ୍କ ଦୃଢ଼ ନୀତି,
ହତ୍ୟାକାରୀଙ୍କୁର କଠୋର ଦଣ୍ଡିଲେ
ବଞ୍ଚିଯିବେ ଜାଣ ହାତୀ !!

## '୫-ଟି' ଅଧ୍ୟକ୍ଷଙ୍କୁ ୯ ସଂଗଠନର କର୍ମକର୍ତ୍ତାଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ

# ରାଜ୍ୟ ରୂପାନ୍ତରଣରେ ସାମିଲ ହୁଅନ୍ତୁ: ପାଣ୍ଡିଆନ



■ ଭୁବନେଶ୍ୱର, ୨୦।୧୧(ସମିସ): '୫-ଟି' ଓ 'ନବୀନ ଓଡ଼ିଶା'ର ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍‌ଙ୍କୁ ଛୁଟିଛି ଶୁଭେଚ୍ଛାର ସୁଅ। ନୂତନ ନିଯୁକ୍ତି ଓ ନୂତନ ଦାୟିତ୍ୱ ନିମନ୍ତେ ପ୍ରତିଦିନ ଶହଶହ ବ୍ୟକ୍ତି ଓ ସଂଗଠନ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ଅଭିନନ୍ଦନ ଜଣାଉଛନ୍ତି। 'ନବୀନ ଓଡ଼ିଶା' ଗଠନ ନିମନ୍ତେ ତାଙ୍କର ପ୍ରୟାସକୁ ପ୍ରଶଂସା କରୁଛନ୍ତି। ଏହିକ୍ରମରେ ସୋମବାର ୯ଟି ସରକାରୀ ଓ ବେସରକାରୀ ସଂଗଠନର କର୍ମକର୍ତ୍ତା ନବୀନ ନିବାସରେ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଭେଟିବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ପୂରଣ କରିବା ନିମନ୍ତେ ପ୍ରୟାସକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ଗଠନ ନିମନ୍ତେ '୫-ଟି' ଅଧ୍ୟକ୍ଷ ଯେଉଁଭଳି ଭାବେ ପରିଶ୍ରମ କରୁଛନ୍ତି ତାହାକୁ ପ୍ରଶଂସା ସହ ଏ ଦିଗରେ ସମସ୍ତ ସମର୍ଥନ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ ଶୁଭେଚ୍ଛୁ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କୁ ଶ୍ରୀ ପାଣ୍ଡିଆନ୍ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ନୂଆ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ରୂପାନ୍ତରଣ ଯାତ୍ରା ଚାଲିଛି। ▶ପୃଷ୍ଠା-୯


DADLS-53







ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁ ଏବଂ ନବ ଉତ୍କଳର ନିର୍ମାତା
ଡଃ ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

୨୧ ନଭେମ୍ବର, ୨୦୨୩ (ଅଁଳା ନବମୀ ତିଥି)

ସମୟ: ସକାଳ ୮ ଘଟିକା - ଏଜି ଛକ, ଭୁବନେଶ୍ୱରସ୍ଥିତ
ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସମୟ: ଦିବା ୧୧ ଘଟିକା - ଜୟଦେବ ଭବନ, ଭୁବନେଶ୍ୱର
ଆଲୋଚନାଚକ୍ର: "୧୮୦୪ ପାଇକ ବିଦ୍ରୋହ: ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ"
(ଆୟୋଜକ: ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶା)

ଉଦ୍‌ଘାଟକ:
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ କାରିଗରୀ,
ସରକାରୀ ଉଦ୍ୟୋଗ,
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ମୁଖ୍ୟ ଅତିଥି: :
ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡିଆ ଭାଷା,
ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ

(ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଐତିହାସିକ, ଗବେଷକ, ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଯୋଗ ଦେବେ)

ସନ୍ଧ୍ୟା ୫ ଘଟିକା - ସାଧାରଣ ସଭା - ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି:
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ

ବିଶିଷ୍ଟ ଅତିଥି:
ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ
ମାନ୍ୟବର ବିଧାୟକ, ଭଣ୍ଡାରୀ ପୋଖରୀ

ସମ୍ମାନନୀୟ ଅତିଥି:
କସ୍ତୁରୀ ମହାପାତ୍ର
ସମ୍ପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ସମ୍ମାନନୀୟ ଅତିଥି:
ଶ୍ରୀଯୁକ୍ତ ଦିଗମ୍ବର ମହାନ୍ତି
ଅବସରପ୍ରାପ୍ତ ପ୍ରଶାସକ ଓ ସଂସ୍କୃତି ବିତ୍

ମୁଖ୍ୟବକ୍ତା:
ଡଃ ଦିଲୀପ ଶ୍ରୀଚନ୍ଦନ
ବିଶିଷ୍ଟ ସମାଜ ସେବୀ

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ ଉପରେ ଆଧାରିତ ଏକ ଗବେଷଣାତ୍ମକ ସଙ୍କଳନର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ ଏବଂ ସ୍ମୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ

OIPR-15001/13/0198/2324



### ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ

▶ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-146 ◆BHUBANESWAR ◆TUESDAY ◆21 NOVEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୪୬ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୧ ନଭେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-396

ଆମ ଓଡ଼ିଶା ନବୀନ ଓଡ଼ିଶା









ବିଶ୍ୱ ମତ୍ସ୍ୟଦିବସ ଅବସରରେ ଆମ ରାଜ୍ୟରେ ମତ୍ସ୍ୟସମ୍ପଦର ଅଭିବୃଦ୍ଧି ନିମନ୍ତେ ମତ୍ସ୍ୟ ଚାଷ ସହ ଜଡ଼ିତ ହିତାଧିକାରୀ ଓ ମତ୍ସ୍ୟଜୀବୀଙ୍କର ଉନ୍ନତି କାମନା କରୁଛି । ଏହି ଉପଲକ୍ଷେ ଓଡ଼ିଶାର ମାଛ ଉତ୍ପାଦନ ବୃଦ୍ଧି ଓ ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ MMKY ଯୋଜନାକୁ ଉତ୍ସର୍ଗୀକୃତ କରି ମୁଁ ଆନନ୍ଦିତ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ମତ୍ସ୍ୟ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ

## ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY) ର

ଲୋକାର୍ପଣ କାର୍ଯ୍ୟକ୍ରମ

୨୧ ନଭେମ୍ବର ୨୦୨୩

- ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୪୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ୧୬ ଗୋଟି ଯୋଜନା ସମ୍ମିଶ୍ରଣର ବୃହତ୍ ରାଜ୍ୟ ଯୋଜନା
- ଏହାଦ୍ୱାରା ସ୍ୱାବଲମ୍ବୀ ହେବେ ୧୧ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ
- ପ୍ରତ୍ୟକ୍ଷ ଉପକୃତ ହେବେ ୫୦ ହଜାର ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀ
- ସୃଷ୍ଟି ହେବ ୧ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ

OIPR-06015/13/0022/2324

---------- ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ----------

Follow us farddepartment farddepartment farddepartment farddept

## କୁଳିଅଣା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

# ଶିକ୍ଷା ଆର୍ଥିକ ଓ ସାମାଜିକ କଲ୍ୟାଣର ଚାବିକାଠି






**ବାରିପଦା, ୨୦।୧୧(ସମିସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଦୁଇଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି ଏହି ଅବସରରେ ସେ କୁଳିଅଣା ବ୍ଲକ ପାଣିଜିଆଠାରେ ନବନିର୍ମିତ ନୂତନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ପିଲାଦିନେ ତାଙ୍କ ଘର ନିକଟରେ କୌଣସି ବିଦ୍ୟାଳୟ ନ ଥିଲା। ତେଣୁ ପାଠ ପଢ଼ିବା ପାଇଁ ତାଙ୍କୁ ଘରୁ ଦୂରକୁ ଯିବାକୁ ପଡ଼ିଥିଲା ବୋଲି ସେ କହିଥିଲେ। ଏହି ସମସ୍ୟା ଆଜି ଦେଖିବାକୁ ମିଳୁନାହିଁ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଖୋଲିବା ଦ୍ୱାରା ସ୍ଥାନୀୟ ପିଲା ଶିକ୍ଷା ପାଇଁ ଅଧିକ ସୁଯୋଗ ପାଇବେ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି କହିଥିଲେ ଯେ, ଶିକ୍ଷା ହେଉଛି ଆର୍ଥିକ ଏବଂ ସାମାଜିକ କଲ୍ୟାଣର ଚାବିକାଠି। ସେ ଅଭିଭାବକଙ୍କୁ ନିଜ ପିଲାମାନଙ୍କୁ ପାଠ ପଢ଼ାଇବାକୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ସେମାନଙ୍କ ଭଳି ସେ ମଧ୍ୟ ଏକ ସାଧାରଣ ପୃଷ୍ଠଭୂମିରୁ ଆସିଛନ୍ତି। ପାଠପଢ଼ା ଯୋଗୁଁ ସେ ନାଗରିକଙ୍କ ସେବା କରିବାର ସୁଯୋଗ ପାଇଥିଲେ। ଶିକ୍ଷା ସେମାନଙ୍କୁ ସଫଳ କରିପାରିବ ବୋଲି କହିଥିଲେ। ଆଦିବାସୀ ପିଲାଙ୍କ ଶିକ୍ଷା ପାଇଁ ସମଗ୍ର ଦେଶରେ ୭୦୦ରୁ ଅଧିକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଥିବାରୁ ସେ ଆନନ୍ଦିତ ବୋଲି କହିଥିଲେ। ଉଦଘାଟନ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା, ଜଳଶକ୍ତି ତଥା ଆଦିବାସୀ ବ୍ୟାପାର ବିଭାଗ ମନ୍ତ୍ରୀ ଙ୍‌. ବିଶ୍ୱେଶ୍ୱର ଟୁଡୁ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରିକା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାକୁ ସର୍ବାଧିକ ୧୯ଟି ମିଳିଛି। ବର୍ତ୍ତମାନ କୁଳିଅଣା ଏବଂ ବରିପଦା ଦୁଇଟି ବ୍ଲକର କ୍ୟାମ୍ପସ ଉଦଘାଟନ ପାଇଁ ପ୍ରସ୍ତୁତ। ୧୦ରୁ ୧୨ଏକର ଜମିରେ ନୂତନ ଇଏମଆରଏସ କ୍ୟାମ୍ପସ ନିର୍ମାଣ କରାଯାଉଛି। ଯେଉଁଥିରେ କ୍ୟାମ୍ପସ ଭିତରେ ନିର୍ମିତ ଅଲଗା ବାଳକ ଓ ବାଳିକା ହଷ୍ଟେଲରେ ମାଗଣା ବୋର୍ଡିଂ ସୁବିଧା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପାଇବା ପାଇଁ ସମସ୍ତ ପ୍ରକାରର କଳା ସୁବିଧା ରହିଛି ବୋଲି କହିଥିଲେ।

## ଶ୍ରୀସତ୍ୟସାଇ ବିଦ୍ୟାବିହାରର ପ୍ରଥମ ଆଲୁମିନ ମିଟ୍

**ବାରିପଦା, ୨୦।୧୧(ସମିସ):** ବାରିପଦା ଶ୍ରୀ ସତ୍ୟସାଇ ବିଦ୍ୟାବିହାର ପରିସରରେ ଶ୍ରୀ ସତ୍ୟସାଇ ବିଦ୍ୟା ବିହାରର ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ପ୍ରଥମ ଆଲୁମିନି ମିଟ୍ ସମାରୋହରେ ରବିବାର ପାଳିତ ହୋଇଯାଇଛି। ସମାରୋହରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ, ଶ୍ରୀ ସତ୍ୟସାଇ ବିଦ୍ୟା ବିହାରର ଅଧ୍ୟକ୍ଷ ଗିରିଜା ଶଙ୍କର ମହାନ୍ତି, ଶ୍ରୀସତ୍ୟସାଇ ସେବା ସଙ୍ଗଠନର ମୟୂରଭଞ୍ଜ ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁ, ବାରିପଦା ଶ୍ରୀସତ୍ୟସାଇ ବିଦ୍ୟାବିହାରର ପରିଚାଳନା ସମିତିର ସଭାପତି ସନ୍ଦୀପ ଆଚାର୍ଯ୍ୟ, ପରିଚାଳକ ଦେବାଶିଷ ମହାପାତ୍ର, ଆବାହକ ମାନସ ରଞ୍ଜନ ମହାପାତ୍ର, ଓଡ଼ିଶା ବାଳ ବିକାଶ ଆଲୁମିନି ଇନଚାର୍ଜ ମନିଷା ଦେବତା, ପୂର୍ବ ଜୋନ ବିଦ୍ୟାଜ୍ୟୋତି ଇନଚାର୍ଜ ଚିନ୍ମୟ ପତି ଏବଂ ସର୍ବୋପରି ଶ୍ରୀ ସତ୍ୟସାଇ ବିଦ୍ୟାବିହାରର ପ୍ରଥମ ଅଧ୍ୟକ୍ଷା ତଥା ଆଲୁମନି ମିଟର ଅଧ୍ୟକ୍ଷା ସୁମିତ୍ରା ମିଶ୍ର, ସମ୍ପାଦକ ମୁକେଶ ଶର୍ମା, ସଭାପତି ଅମିତ ପଣ୍ଡା ପ୍ରମୁଖ ସମାରୋହରେ ଉଦ୍‌ବୋଧନ ଦେଇଥିଲେ। ସମାରୋହରେ ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଥିଲେ ଯେ, ବାରିପଦା ଶ୍ରୀ ସତ୍ୟସାଇ ବିଦ୍ୟାବିହାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ। ଏଠାରେ ପ୍ରଦାନ କରାଯାଉଥିବା ଶିକ୍ଷା ସହିତ ଆଧ୍ୟାତ୍ମିକ ଜ୍ଞାନ ଆଜିର ସମାଜ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ। ପ୍ରାକ୍ତନ ଛାତ୍ରଛାତ୍ରୀ ସୁଶ୍ରୀ ସୁଚିସ୍ମିତା ବେହେରା, ପ୍ରଣବ ବିନ୍ଧାଣୀ ଓ ରବିକାନ୍ତ ସିଂହ, ସଞ୍ଜୟ ମହାନ୍ତି ପ୍ରମୁଖଙ୍କ ସହ ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।



## ଚାରି କନିଷ୍ଠ ଯନ୍ତ୍ରୀଙ୍କ ବଦଳି

**ବାରିପଦା, ୨୦।୧୧(ସମିସ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମୟୂରଭଞ୍ଜ ଜିଲ୍ଲାର ୪ ଜଣ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ହୋଇଛି। ଏ ନେଇ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବଦଳି ଆଦେଶ ଅନୁଯାୟୀ, ଅଶୋକ କୁମାର ମାଝୀଙ୍କ ସମ୍ବଲପୁର, ଦୀପକ କୁମାର ରାଉତଙ୍କ ଯାଜପୁର ଲକ୍ଷ୍ମୀକାନ୍ତ ମହାନ୍ତି ଓ ରଶ୍ମିତାରାଣୀ ମହାନ୍ତିଙ୍କ ବାଲେଶ୍ୱର ଜିଲ୍ଲାକୁ ବଦଳି ହୋଇଛି। ସେମାନଙ୍କ ସ୍ଥାନରେ କଳାହାଣ୍ଡିରୁ ଗୁରୁଭା ପୂର୍ତ୍ତି, ଯାଜପୁରରୁ ନିରୋଧ କୁମାର ସେଠୀ, ବାଲେଶ୍ୱରରୁ ଶ୍ରୀହରି ସାନ୍ତରା, କେନ୍ଦ୍ରାପଡ଼ାରୁ ମନସ୍ୱିନୀ ଦାସ ମୟୂରଭଞ୍ଜ ଜିଲ୍ଲାରେ ଯୋଗ ଦେବେ।

## ରକ୍ତଦାନ ଶିବିର: ୩୬ ୟୁନିଟ୍ ସଂଗୃହୀତ



**ବାରିପଦା, ୨୦।୧୧(ସମିସ):** ୭୦ତମ ଅଖିଳ ଭାରତୀୟ ସମବାୟ ସପ୍ତାହ ଉପଲକ୍ଷେ ସୋମବାର ସମବାୟ ସପ୍ତାହର ଅନ୍ତିମ ଦିବସରେ ଏକ ରକ୍ତଦାନ ଶିବିର ସମବାୟ ସମିତି ସମୂହର ଉପନିବନ୍ଧକ କୃଷ୍ଣଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ରେଡକ୍ରସର ଆଜୀବନ ସଦସ୍ୟ ଅମର ସେଠୀ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମବାୟ ସମିତିର ସମୂହର ସହକାରୀ ନିବନ୍ଧକ ବାଦଲ କୁମାର ସାହାଣୀ ଏବଂ ମୟୂରଭଞ୍ଜ ଜିଲ୍ଲା ସମବାୟ ସଂଘର ସଭାପତି ଉପସ୍ଥିତ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ରକ୍ତଦାନ କେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୩୬ ଜଣ ସ୍ୱଇଚ୍ଛାରେ ରକ୍ତଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଲ୍ୟାମ୍ପ୍ସରୁ କର୍ମଚାରୀ ଏବଂ ସମବାୟ ବିଭାଗର ଅଧିକାରୀ ଏବଂ କର୍ମଚାରୀ ତଥା ସମବାୟବିତ୍‌ମାନେ ରକ୍ତଦାନରେ ଯୋଗ ଦେଇଥିଲେ।

## ହସ୍ତତନ୍ତ କେନ୍ଦ୍ରରେ ବୁଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ବାରିପଦା, ୨୦।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅନ୍ତର୍ଗତ ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସରରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅନ୍ତର୍ଗତ ଜାତୀୟ ଦକ୍ଷତା ବିକାଶ ନିଗମ ଅଧୀନରେ ପରିଚାଳିତ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ଜାକର୍ଡରେ ବୁଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍‌ର ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଭର୍ଚୁଆଲ୍ ମୋଡ୍/ ଅନ୍‌ଲାଇନ୍ ମାଧ୍ୟମରେ ପିଏମକେଭିୱାଇର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ଥାନୀୟ ଅଦାପାଳ ଏବଂ ବାବନଗଡ଼ ଗ୍ରାମର ୨୬ଜଣ ମହିଳା ବୁଣାକାର ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ୮ଦିନ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଏହି ମହିଳା ବୁଣାକାରମାନେ ମୌନଧ୍ୱନି ଫାଉଣ୍ଡେସନ୍ ପକ୍ଷରୁ ମୌଳିକ ବୁଣାବୁଣିର ତାଲିମ୍ ନେଇଥିଲେ। ଏବେ ଏହି କାର୍ଯ୍ୟକ୍ରମରେ ସେମାନେ ଜାକର୍ଡ ସହାୟତାରେ ଉନ୍ନତମାନର ବୁଣା କୌଶଳ ଶିଖିପାରିବେ। ମୌନଧ୍ୱନିର ପ୍ରୋଗ୍ରାମ ମ୍ୟାନେଜର କିଶୋର ମହାପାତ୍ର, ବୈଷୟିକ ସହାୟକ ଶକ୍ତିପ୍ରସାଦ ନନ୍ଦ, ସଂଯୋଜକ ସୌମ୍ୟରଞ୍ଜନ ସ' ପ୍ରମୁଖ ସରକାରଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ମହିଳା ବୁଣାକାରଙ୍କୁ ବୁଝାଇଥିଲେ। ଏହାଦ୍ୱାରା କିପରି ଜଣେ ବୁଣାକାର ହସ୍ତତନ୍ତ ବୁଣାବୁଣିରେ ଅଧିକ ଦକ୍ଷ ଓ କୁଶଳୀ ହୋଇପାରିବ ସେ ବିଷୟରେ ଅବଗତ କରାଇଥିଲେ। ଏହାପରେ ମୁଖ୍ୟ ପ୍ରଶିକ୍ଷକ ଧିରେନ୍ ଦାସ ଜାକର୍ଡ ବିଷୟରେ ମୌଳିକ ଧାରଣା ଦେବା ସହ ଏହି କୌଶଳ ବିକାଶ କାର୍ଯ୍ୟକ୍ରମରେ ମନୋନିବେଶ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମରେ ଡିଜିଟାଲାଇଜେସନ୍ ମାଧ୍ୟମରେ ଉପସ୍ଥାନ ରହିବା ସହ ଭେରିଫିକେସନ୍ ମଧ୍ୟ କରାଯିବ। ପ୍ରଥମଥର ପାଇଁ ଏଭଳି କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ସଫଳ ରୂପାୟନ ହେବା ପରେ ଅନ୍ୟ ଗ୍ରାମରେ ମଧ୍ୟ ଆରମ୍ଭ କରାଯିବ।

## ଟ୍ରେନ୍‌ରେ ଲୋକଙ୍କ ସହ ଯାତ୍ରା କରିବେ ରାଷ୍ଟ୍ରପତି

# ୯୧ ବର୍ଷ ପରେ ବାଦାମପାହାଡ଼ରୁ ଚାଲିବ ଏକ୍ସପ୍ରେସ୍ ଟ୍ରେନ୍



**ବାରିପଦା, ୨୦।୧୧(ସମିସ):** ଭାରତ ରେଳ ଇତିହାସରେ ମଙ୍ଗଳବାର ଯୋଡିବ ନୂଆ ଅଧ୍ୟାୟ। ବାଦାମପାହାଡ଼, ରାଇରଙ୍ଗପୁର ଅଞ୍ଚଳର ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ଦେଶର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିବା ପରେ ପ୍ରଥମ ରାଷ୍ଟ୍ରପତି ଭାବେ ସାଧାରଣ ଲୋକଙ୍କ ସହିତ ଟ୍ରେନ ଯାତ୍ରା କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ୨୧ ତାରିଖ ମଙ୍ଗଳବାର ବାଦାମପାହାଡ଼ ରେଳ ଷ୍ଟେସନରୁ ୩ଟି ନୂତନ ଟ୍ରେନର ଶୁଭାରମ୍ଭ କରାଯିବ। ଶୁଭାରମ୍ଭ କରିବାକୁ ଥିବା ଟ୍ରେନଗୁଡ଼ିକ ହେଲା-ଶାଳିମାର-ବାଦାମପାହାଡ଼-ଶାଳିମାର (ଟ୍ରେନ୍ ସଂଖ୍ୟା-୧୮୦୪୯/୧୮୦୫୦, ସାପ୍ତାହିକ), ବାଦାମପାହାଡ଼-ରାଉରକେଲା-ବାଦାମପାହାଡ (ଟ୍ରେନ୍ ସଂଖ୍ୟା- ୧୮୦୫୧/୧୮୦୫୨, ସାପ୍ତାହିକ) ଓ ଟାଟାନଗର-ବାଦାମପାହାଡ଼-ଟାଟାନଗର (ଟ୍ରେନ୍ ସଂଖ୍ୟା-୦୮୧୪୭/୦୮୧୪୮)। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସହିତ ରାଜ୍ୟପାଳ ରଘୁବର ଦାସ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଜନଜାତି ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ଉପସ୍ଥିତ ରହିବେ ବୋଲି ଦକ୍ଷିଣ-ପୂର୍ବ ରେଳର ଚକ୍ରଧରପୁର ମଣ୍ଡଳ ତରଫରୁ ସୂଚନା ଦିଆଯାଇଛି। ତିନୋଟି ଟ୍ରେନ ମଧ୍ୟରୁ ବାଦାମପାହାଡ-ଶାଳିମାର ଏକ୍ସପ୍ରେସ ଟ୍ରେନରେ ରାଷ୍ଟ୍ରପତି ବାଦାମପାହାଡରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ଯାତ୍ରା କରିବେ। ଏସି ଏସ-୧କୋଚରେ ୩୨କିମି ବାଟ ଯାତ୍ରା କରିବେ। ତାଙ୍କ ସହିତ ଉପରୋକ୍ତ ଅତିଥିଗଣ ଓ ବିଭିନ୍ନ ସ୍କୁଲର ୨ଶହ ଛାତ୍ରଛାତ୍ରୀ ଯାତ୍ରା କରିବେ। ସ୍ୱତନ୍ତ୍ର ପ୍ରେସିଡେନ୍ସିଆଲ କୋଚ ବଦଳରେ ସାଧାରଣ ଏସି କୋଚରେ ଯାତ୍ରା କରିବେ। ସେହିପରି ୧୯୩୨ମସିହାରୁ ବାଦାମପାହାଡକୁ ରେଳ ସଂଯୋଗ ହୋଇଥିଲେ ହେଁ କେବଳ ମାଲବାହୀ ଓ ପେସେଞ୍ଜର ଟ୍ରେନ ଚାଲୁଥିଲା। ଦୀର୍ଘ ୯୧ ବର୍ଷ ପରେ ମଙ୍ଗଳବାର ଗୋଟିଏ ଦିନରେ ୩ଟି ଏକ୍ସପ୍ରେସ ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ ରାଷ୍ଟ୍ରପତି। ଏଥିପାଇଁ ବାଦାମପାହାଡ ଓ ରାଇରଙ୍ଗପୁର ରେଳଷ୍ଟେସନରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ପ୍ରୋଟକଲ ଭାଙ୍ଗି ପିଲାଙ୍କୁ ବାଣ୍ଟିଲେ ଚକ୍‌ଲେଟ

**ବାରିପଦା, ୨୦।୧୧(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦୁଇଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ତାଙ୍କର ବାରିପଦା ଗସ୍ତ ଅବସରରେ ଭଞ୍ଜପୁରଠାରେ ପ୍ରୋଟକଲ ଭାଙ୍ଗି ଉପସ୍ଥିତ ସ୍କୁଲ ପିଲାଙ୍କୁ ଭେଟିବା ସହ ଚକଲେଟ ବଣ୍ଟନ କରିଥିଲେ। ତାଙ୍କ ଦ୍ରୌପଦୀ ଦିଦି ତାଙ୍କ ନିକଟକୁ ଆସିଥିବା ବେଳେ ସାଙ୍ଗରେ ତାଙ୍କ ପାଇଁ ଆଣିଥିଲେ ଭଳିକି ଭଳି ଚକୋଲେଟ। ରାଷ୍ଟ୍ରପତିଙ୍କୁ ଖୁବ ନିକଟରୁ ଦେଖି ବେଶ ଖୁସି ହୋଇଥିଲେ କୁନି କୁନି ପିଲା। ତେବେ ପ୍ରୋଟକଲ ଭାଙ୍ଗି ପିଲାଙ୍କ ନିକଟକୁ ଯାଇଥିବାବେଳେ ଚିନ୍ତାରେ ପଡ଼ି ଯାଇଥିଲେ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଥିବା ଅଧିକାରୀ।

## ଶିଶୁ ବାଟିକା ବିଭାଗର ଆଲୋଚନାଚକ୍ର



**ବାରିପଦା, ୨୦।୧୧(ସମିସ):** ବାରିପଦା ତୁଳସୀଚୌରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକା ବିଭାଗର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରୀତିସୁଧା ତ୍ରିପାଠୀ ଯୋଗଦେଇଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଆଲୋଚନା ଚକ୍ରରେ ୧୭ଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଅତିଥିମାନେ ଶିଶୁମାନଙ୍କ ବିକାଶରେ ଭାଷା ଓ ଅଙ୍କ ଜ୍ଞାନ ବିଷୟରେ ଆଲେଚନା କରିଥିଲେ। ଶିଶୁମାନଙ୍କ ବିକାଶରେ ଭାଷା ଓ ଅଙ୍କ ଜ୍ଞାନର ଆବଶ୍ୟକ ଓ ପ୍ରୟୋଗର ଶୈଳୀ ପୁଙ୍ଖାନୁପୁଙ୍ଖ ଭବେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଶେଷରେ ସମ୍ପାଦକ ଶୁଭେନ୍ଦୁ କୁମାର ପାଲ ଧନ୍ୟବାଦ ଦେଇଥିଲେ।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ




**ବାରିପଦା, ୨୦।୧୧(ସମିସ):** ବାରିପଦା ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ଉଦଘାଟନ କରି ଯୁବଶକ୍ତିର ବିକାଶରେ କ୍ରୀଡା ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ରଖିଥିଲେ। ଡକ୍ଟର ତ୍ରିନାଥ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀ, ଡକ୍ଟର ଚିତ୍ରସେନ ସେଠୀ, ଡକ୍ଟର ସରୋଜ ନାୟକ, ସରୋଜ ଦାସ, ଖିରୋଦ କୁମାର ଚୌଧୁରୀ, ନବୀନ ନାଏକ, ସନ୍ଦୀପ ସିଂ, ଅଧ୍ୟାପିକା ମନାଲି ପ୍ରଧାନ, ଶିକ୍ଷକ ବ୍ରଜଗୋପାଳ ବ୍ରହ୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆନନ୍ଦ ଉଲ୍ଲାସରେ ପାଳିତ ହେଲା ଛଟ୍ ପର୍ବ

# ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟଦେଲେ ବ୍ରତଧାରୀ

**ବାରିପଦା, ୨୦।୧୧(ସମିସ)**



ବାରିପଦା ସହରରେ ଉତ୍ତର ଭାରତୀୟ ଓ ବିହାରୀ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ପକ୍ଷରୁ ଆସ୍ଥା ତଥା ବିଶ୍ୱାସର ପର୍ବ ଛଟ୍ ପୂଜା ସମାରୋହରେ ପାଳିତ ହେଉଛି। ଷ୍ଟେସନବଜାର ବନ୍ଧ, ବୁଢାବଳଙ୍ଗ ନଦୀର ଚିପଟ ଅସ୍ତିଆ ଘାଟ ଏବଂ ପୋଡାଅସ୍ତିଆ ପୋଲର ତଳ ଡଙ୍ଗା ଘାଟରେ ଏହା ପାଳିତ ହୋଇଛି। ଛଟ୍ ଏକମାତ୍ର ଲୋକପର୍ବ ଯେଉଁଥିରେ କି ଅସ୍ତଗାମୀ ସୂର୍ଯ୍ୟ ଏବଂ ଉଦିତ ସୂର୍ଯ୍ୟଙ୍କୁ ବିଧିବଦ୍ଧ ଭାବେ ଉପାସନା କରି ପୂଜା କରାଯାଏ। ଏହା ମୁଖ୍ୟତଃ ମହିଳାଙ୍କ ଦ୍ୱାରା ପାଳନ କରାଯାଉଥିବା ବେଳେ ଛଟ୍ ବ୍ରତ ଉଭୟ ପୁରୁଷ ଓ ମହିଳା ରଖିଥାନ୍ତି। ଏହି ପର୍ବ ପ୍ରତିବର୍ଷ ଦୀପାବଳି ଅମାବାସ୍ୟା ପରେ କାର୍ତ୍ତିକ ଶୁକ୍ଳ ପକ୍ଷ ଷଷ୍ଠ ଦିବସରେ ପାଳିତ ହୋଇଥାଏ। ଏହା ଚତୁର୍ଥୀଠାରୁ ଆରମ୍ଭ ହୋଇ ଉପବାସ କରୁଥିବା ସହିତ ଘରକୁ ଆଲୋକମାଳାରେ ସଜାଯାଇଛି। ଏହାକୁ ଛଟ୍ ବା ଡାଲା ଛଟ୍ ବ୍ରତ କୁହାଯାଏ। ରବିବାର ସୂର୍ଯ୍ୟାସ୍ତର ଦୁଇ ଘଣ୍ଟା ପୂର୍ବରୁ ବାଣ, ବାଜା, ଶଙ୍ଖ ଓ ମହୁରୀର ଅପୂର୍ବ ସମନ୍ୱୟରେ ପୁରୁଷ ଓ ମହିଳାମାନେ ଘାଟ ନିକଟରେ ପହଁଚି ନିଜ ନିଜ ପରିବାରର ମଙ୍ଗଳ କାମନା କରି ପୂଜାର ଆୟୋଜନ କରିଥିଲେ। ଘାଟରେ କଦଳୀ ଗଛ ଓ ଫୁଲ ଦ୍ୱାରା ବିଭିନ୍ନ ତୋରଣମାନ ସଜାଇ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ଆବାହନ କରିବା ସହ ପ୍ରଥମ ଅର୍ଘ୍ୟ ଅର୍ପଣ କରିଥିଲେ। ଏହା ଛଠ୍ ପର୍ବ ଆରମ୍ଭର ତୃତୀୟ ଦିନ ଯାହାକି 'ଛଟ୍ ସନ୍ଧ୍ୟା' ଭାବେ ପରିଚିତ। ରାତିରେ ଘରେ ଅଗ୍ନୀ ଦେବତାଙ୍କୁ ପୂଜା କରାଯାଇଥାଏ। ଚତୁର୍ଥ ଦିନ ଅର୍ଥାତ୍ ଶେଷ ଦିନକୁ 'ଛଟ୍ ସୂର୍ଯ୍ୟୋଦୟ ଅର୍ଘ୍ୟ' କୁହାଯାଏ। ଏହି ଦିନ ସକାଳେ ପୂର୍ବ ପରି ଘାଟରେ ଉଦିତ ସୂର୍ଯ୍ୟଙ୍କୁ ଦ୍ୱିତୀୟ ଅର୍ଘ୍ୟ ଦିଆଯିବାର ବିଧି ରହିଛି। ଚତୁର୍ଥୀରୁ ଆରମ୍ଭ ହୋଇଥିବା ଛଠ୍‌ର ପ୍ରଥମ ଦିନକୁ 'ନାହାୟ ଖାଏ' ବା ଗାଧୁଆ ଖିଆ କୁହାଯାଏ। ଏହି ଦିନ ମହିଳାମାନେ ସ୍ନାନ କରି ଇଟା ଓ ମାଟିରେ ତିଆରି କରାଯାଇଥିବା ନୂଆ ଚୁଲ୍ଲାରେ ଅନ୍ନପ୍ରସାଦ ରାନ୍ଧି ସୂର୍ଯ୍ୟ ଦେବତାଙ୍କୁ ଭୋଗ ଲଗାନ୍ତି। ଏଥିରେ ଲାଉ, ଅରୁଆ ଚାଉଳ, ଡାଲି, ପୋଟଳ କିମ୍ବା ଆଳୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। ପଞ୍ଚମୀ ଅର୍ଥାତ୍ ଦ୍ୱିତୀୟ ଦିନକୁ 'ଖରନା' ଓ 'ଲୋହଣ୍ଡା' କୁହାଯାଇଥାଏ। ଏହିଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଉପବାସ ରଖାଯାଇ ରାତିରେ ଖିରି ଏବଂ ପୁରୀ ପ୍ରସ୍ତୁତ କରି ଫଳମୂଳ ଆଦି ଦେବଦେବୀଙ୍କୁ ସମର୍ପିତ କରାଯାଇଥିଲା।

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




ଜୋକୋଭିକ୍‌ଙ୍କୁ ସପ୍ତମ ଏଟିପି ଫାଇନାଲ୍ସ ଟାଇଟଲ

▸ପୃଷ୍ଠା ୧୫ ଦେଖନ୍ତୁ...


◆VOLUME- 41 ◆ISSUE-146 ◆BHUBANESWAR ◆TUESDAY ◆21 NOVEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୪୬ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୧ ନଭେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦





# କେନ୍ଦୁଝର କାଳୀମେଳା: ଶେଷ ବେଳକୁ ବଢୁଛି ଗହଳି







**କେନ୍ଦୁଝର, ୨୦।୧୧(ସମିସ)**





## ଅପେରା ଦେଖିବାକୁ ଠେଲାପେଲା

କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ମେଳା ସରିବାକୁ ବସିଥିବା ବେଳେ ଗହଳି ଦନିକ ଦିନ ବଢ଼ିବାରେ ଲାଗିଛି। କାଳୀତୀର୍ଥ କମିଟି କାଳୀପୂଜା ଓ କାଳୀମେଳା, ଶ୍ମଶାନ କାଳୀପୂଜା କମିଟି କାଳୀପୂଜା, ଟେଲିଫୋନ ଏକ୍ସଚେଞ୍ଜ ଛକ କାଳୀପୂଜା କମିଟି କାଳୀପୂଜା, ମାଇନିଂ ବଜାର କାଳିପୂଜା କମିଟି ମେଳାକୁ ଅନେକ ମୀନାବଜାର ସହିତ ଦୋକାନବଜାର ଆସିଥିବାରୁ ଏବଂ ୨ୟ ପର୍ଯ୍ୟାୟରେ କଳିଙ୍ଗ ଗଣନାଟ୍ୟ ଦ୍ୱାରା ଅପେରା ସୋ' ଆରମ୍ଭ ହୋଇଥିବାରୁ ଚଳିତ ବର୍ଷ ଅଧିକ ସଂଖ୍ୟାରେ ଦର୍ଶକ ତଥା ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। କଳିଙ୍ଗ ଗଣନାଟ୍ୟ ଆସନ୍ତା ବୁଧବାର ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରିବାକୁ ଥିବାବେଳେ ଅପେରା ସୋ' ଦେଖିବାକୁ ଠେଲାପେଲା ହେଉଛି। ପ୍ରତ୍ୟେକ ଦିନ ଅପେରା ହଲ ଦର୍ଶକରେ ଭରପୁର ହୋଇଯାଉଛି। ମେଳାର ସୁରକ୍ଷା ବ୍ୟବସ୍ଥାକୁ ଆଖି ଆଗରେ ରଖି ଟାଉନ ପୁଲିସ ପକ୍ଷରୁ ବ୍ୟାପକ ପୁଲିସ ନିୟୋଜିତ ହୋଇଛନ୍ତି। ଥାନା ଛକ, ଚର୍ଚ୍ଚ ଛକ, ପାର୍କଲାଇନ ଆଡୁ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ଟେଲିଫୋନ୍ ଏକ୍ସଚେଞ୍ଜ ଛକ କାଳୀପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଭଳି ବନ୍ଧୁମାନଙ୍କ ଗହଣରେ ଏଥର ମଧ୍ୟ ଲଟେରୀ ରଖାଯାଇଛି ଏବଂ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ରବିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ କେନ୍ଦୁଝରର ନୃତ୍ୟଗୁରୁ ଗୁରୁଦାସ ଏବଂ ତାଙ୍କ ସାଂସ୍କୃତିକ ଦଳର କଳାକାର ମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଗହଳି କାରଣରୁ କେନ୍ଦୁଝର ସହରର ଥାନା ଛକଠାରୁ ଚର୍ଚ୍ଚ ଛକ, ଏକ୍ସଚେଞ୍ଜ ଛକରୁ ପାର୍କଲାଇନ, ଏକ୍ସଚେଞ୍ଜ ଛକରୁ ଟାଲିଫୋନ ଅଫିସ ଗଳି, ନଗରଭବନ ରାସ୍ତାକଡ, ବାଲୁଙ୍କେଶ୍ୱର ପଡ଼ିଆ, କାଳୀତୀର୍ଥ, ସିନେମା ହଲ ସମ୍ମୁଖ ଯେଉଁ ଆଡ଼େ ଦେଖିଲେ ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନ ଲୋକଙ୍କୁ ବିଶେଷ ଆକୃଷ୍ଟ କରିବା ସହିତ କିଣାକିଣି ପାଇଁ ଦୋକାନ ଗୁଡିକରେ ପ୍ରବଳ ଭିଡ଼ ଜମୁଛି। ସେପଟେ ଜନଜାତି ସାଧନ କେନ୍ଦ୍ର ସମ୍ମୁଖରେ ଭଳିକିଭଳି ଖାଦ୍ୟ ଷ୍ଟଲ, କାଳୀମେଳା ପ୍ରବେଶ ପଥର ଡାହାଣ ପଟ ଖାଦ୍ୟଷ୍ଟଲ ମେଳା ଏବଂ ମେଡ଼ ଦେଖିବାକୁ ଆସୁଥିବା ଲୋକଙ୍କ ପାଇଁ ଖାଦ୍ୟର ମଜ୍ଜା ଉଠାଇବା ସ୍ଥାନ ହୋଇଥିବାରୁ ସେହି ଷ୍ଟଲ ଗୁଡିକରେ ବିଶେଷତଃ ମହିଳା ଏବଂ ଛୋଟ ପିଲ୍ଲାମାନଙ୍କର ପ୍ରଥମରୁ ଭିଡ଼ ଜମୁଛି।

## ପୁରୁଣାବାନ୍ଧଗୋଡ଼ାରେ କାର୍ତ୍ତିକେଶ୍ୱର ପୂଜା



**ଘଷିପୁରା, ୨୦।୧୧(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ା ଗ୍ରାମରେ ୫୭ ବର୍ଷ ଧରି କାର୍ତ୍ତିକେଶ୍ୱର ପୂଜା ପାଳନ ହୋଇଆସୁଛି। ଗ୍ରାମବାସୀ ସମ୍ମିଳିତ ଭାବେ ଶ୍ରଦ୍ଧା ପୂର୍ବକ ଏହି ପୂଜା ଉତ୍ସବକୁ ପାଳନ କରି ଆସୁଛନ୍ତି। ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯାଉଛି। ଆସନ୍ତା ଡିସେମ୍ବର ୧୦ ତାରିଖ ଠାରୁ ତିନି ଦିନ ଧରି ଅପେରା ରଙ୍ଗମହଲ ଖୋଲା ମଞ୍ଚରେ ଯାତ୍ରା ପରିବେଷଣ କରିବା ସହ ସନ୍ଧ୍ୟାରେ ମୀନା ବଜାର, ଦୋଳିର ମଜା ନେବାକୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସ୍ଥାନୀୟ ସରପଞ୍ଚ ସୁଧାରାଣୀ ଧୀର, ସୁଜିତ କୁମାର ଧୀର, ସମେତ ପୂଜା କମିଟି ସମ୍ପାଦକ ସନ୍ତୋଷ କୁମାର ଧୀର, ସୌମେନ୍ଦ୍ର କୁମାର ଧୀର, ଅଜିତ କୁମାର ଧୀର, ଜିତେନ୍ଦ୍ର ପଟ୍ଟନାୟକ, ପ୍ରଭାସ ଦାସ, ସୁଶାନ୍ତ ଧୀର, ରଣଜିତ୍ ଧୀର, ପିଙ୍କୁନ ମାଝୀ, ପାପୁନା ମାଝୀ, ପ୍ରଦୀପ ନାୟକ, ପଙ୍କଜ ମାଝୀ, ରଣଜିତ୍ ଧୀର, ସ୍ୱାଗତ ଧୀର, ଅନିଲ ଦଳେଇ, ସନାତନ ଦଳେଇ ସମେତ ଗ୍ରାମର ଛୋଟରୁ ବଡ ପର୍ଯ୍ୟନ୍ତ ସଭିଏଁ ଗାଁର ଗଣପର୍ବରେ ସାମିଲ ହୋଇଛନ୍ତି।

## କନକମଞ୍ଜରୀ ବାଲ୍‌ଶିକ୍ଷା ସଂସ୍ଥାନରେ ବିଜ୍ଞାନମେଳା

**ଆନନ୍ଦପୁର, ୨୦।୧୧(ସମିସ):** ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ଶିକ୍ଷାନୁଷ୍ଠାନ କନକମଞ୍ଜରୀ ବାଲଶିକ୍ଷା ସଂସ୍ଥାନ ପକ୍ଷରୁ ବିଦ୍ୟାଳୟ ପରିସରରେ ୩୬ତମ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନମୋହନ ଦାଶଙ୍କ ସଭାପତିତ୍ୱରେ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣା ଏବଂ ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପଲେଇ ଅତିଥି ଭାବେ ଯୋଗ ଦେଇ ଏହି ବିଜ୍ଞାନମେଳାକୁ ଉଦଘାଟନ କରିଥିଲେ। ଏଥିରେ ୩୦ରୁ ଅଧିକ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ବରିଷ୍ଠ ବିଭାଗର ରୋହିତେଶ ସାହୁ ପ୍ରଥମ, ଶୁଭମ ପ୍ରିୟଦର୍ଶୀ ସାହୁ ଦ୍ୱିତୀୟ ଓ ସ୍ୱସ୍ତିକ କୁମାର ସାହୁ ତୃତୀୟ। ସେହିପରି କନିଷ୍ଠ ବିଭାଗରେ ଶ୍ରେୟାଶ୍ରୀ ପଣ୍ଡା, ଦ୍ୱିତୀୟ ଅର୍ଣ୍ଣବ ଓଝା, ଶ୍ରେୟାଂସୁ ଶେଖର ଓଝା ଓ ତୃତୀୟରେ ଅନାମିକା ଅଧିକାରୀ ଯୋଗ୍ୟ ବିବେଚିତ ହୋଇଥିଲେ। ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ଆଚାର୍ଯ୍ୟ ଶ୍ରୀଲୋଚନ ପୁହାଣ, ନଟବର ସାହୁ, କାଳନ୍ଦୀ ମହାରଣା, ଚିତ୍ରସେନ ସାହୁ, ଆଚାର୍ଯ୍ୟା ରୋନାଲି ଜେନା, ଜ୍ୟୋତ୍ସ୍ନାମୟୀ ନାୟକ, ସ୍ନିଗ୍ଧା ମହାରଣା, ରଶ୍ମିତା ସିଂ, ପ୍ରଜ୍ଞା ପରମିତା ଓଝା, ସନ୍ଧ୍ୟାରାଣୀ ପଟ୍ଟନାୟକ, ଚିନ୍ମୟୀ ରାଉତ, ପଦ୍ମିନୀ ରାଉତ, ସେବକ ମନୋଜ ସାହୁ, ଶଙ୍କର୍ଷଣ ରାଉତ, ଶାନ୍ତି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସାଇଁକୁଳ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିତି ପରଖିଲେ କାୟାକଳ୍ପ ଟିମ୍

**ଘଷିପୁରା, ୨୦।୧୧(ସମିସ):** ଘଷିପୁରା ବ୍ଲକ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲ୍ଲାସ୍ତରୀୟ କାୟାକଳ୍ପ ଟିମ ପରିଦର୍ଶନ କରିଛନ୍ତି। ଟିମ୍‌ରେ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜୟନ୍ତ କୁମାର ଦାସ, ବିପିଏମ୍ ପ୍ରଜତନ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ ସହ ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ବ୍ୟବସ୍ଥା, ନିଦାନ, ଔଷଧ ବଣ୍ଟନ ବ୍ୟବସ୍ଥା, ପ୍ରସବ ଗୃହ ସହ ଡାକ୍ତରଖାନା ପରିସରରେ ଥିବା ଫୁଲ ବଗିଚା ଆଦି ବୁଲି ନିରୀକ୍ଷଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜୀବ କୁମାର ରାଉତ, ଡାକ୍ତର ସୁଚରିତା ପଟନାୟକ, ଡାକ୍ତର ବିଜନ କୁମାର ନାୟକ, ବିପିଏମ ଦେବାଶିଷ ଭଞ୍ଜ, ବିଏମ୍ ବଦ୍ରିନାରାୟଣ ରାଉତ, ବିଡିଏମ୍ ମନୋଜ କୁମାର ପଟ୍ଟନାୟକ, ବିଜୟକୁମାର କୁଅଁର, ଫାର୍ମାସିଷ୍ଟ କବିନ୍ଦ୍ରକୁମାର ସାହୁ, ଏଲଟି ପ୍ରୀତିରଞ୍ଜନ ଚକ୍ର, ଭିବିଟିଏସ୍ ଆଶୁତୋଷ ସାହୁ ସମେତ ପୁରୁଷ, ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ନିର୍ମଳ ସେବକ ଉପସ୍ଥିତ ରହି କାୟାକଳ୍ପ ଟିମ୍‌ର ସଦସ୍ୟ ମାନଙ୍କୁ ପରିଦର୍ଶନରେ ସକ୍ରିୟ ସହଯୋଗ କରିଥିଲେ।

## ଅଳତି ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା

**ଘଷିପୁରା, ୨୦।୧୧(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ଅଳତି ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଦ୍ୱାଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଡିଏନ୍ ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ପ୍ରମୋଦିନୀ ରାଉତଙ୍କ ସଂଯୋଜନାରେ ବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ଶୁଭ୍ରଜ୍ୟୋତି ଓଝା ଏବଂ ଶିଶୁ ମନ୍ଦିରର ପୂର୍ବତନ ସଭାପତି ତଥା ପ୍ରାକ୍ତନ କ୍ରୀଡ଼ାଶିକ୍ଷକ କାର୍ତ୍ତିକ ପ୍ରସାଦ ଶତପଥି, ସହ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ଉପସ୍ଥିତ ରହି ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ସଙ୍କୁଳ ସ୍ତରୀୟ ଖେଳକୁଦ ପାଇଁ ଚୟନ କରାଯିବା ସହ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କ୍ରୀଡ଼ା ପ୍ରତିଯୋଗିତାରେ ସକ୍ରିୟ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ଓଲଟିଲା ବୋଲେରୋ



**ତୁରୁମୁଙ୍ଗା/ପାଟଣା, ୨୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ପାଟଣା- କେନ୍ଦୁଝର ରାସ୍ତାର ଶରଧାପୁର ନିକଟରେ ସୋମବାର ଅପରାହ୍ନରେ ଏକ ବୋଲେରୋ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ବୋଲେରୋଟି ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ପରେ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଗାଡିର ଡ୍ରାଇଭର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲକୁ ପଠାଇଛନ୍ତି। ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛି। ଦୁର୍ଘଟଣା ଗ୍ରସ୍ତ ବୋଲେରୋଟି ବିଦ୍ୟୁତ କାର୍ଯ୍ୟାଳୟରେ ନିୟୋଜିତ ହୋଇଥିବା ବେଳେ ଦୁର୍ଘଟଣା ପରେ ଗାଡିର ଡ୍ରାଇଭର ଆହତ ହୋଇଥିବା ତୁରୁମୁଙ୍ଗା ଉପଖଣ୍ଡ ବିଦ୍ୟୁତ୍ ଅଧିକାରୀ ଜନ୍ମେଜୟ ବେହେରା ସୂଚନା ଦେଇଛନ୍ତି।

## ନୂଆରମ୍ଭାସରେ କାର୍ତ୍ତିକେଶ୍ୱର ପୂଜା

**ଛେନାପଦି, ୨୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବଡରମ୍ଭାସ ପଞ୍ଚାୟତ ଅଧୀନ ନୂଆରମ୍ଭାସ ଠାରେ ସାର୍ବଜନୀନ କାର୍ତ୍ତିକେଶ୍ୱରଙ୍କ ପୂଜା ବେଶ୍ ଧୁମଧାମରେ ଅନୁଷ୍ଠିତ ହେଉଛି। ଏହି ପୂଜାଟି ୧୭ତାରିଖ ଠାରୁ ଆରମ୍ଭ ହୋଇଥିଲା ବେଳେ ଗ୍ରାମର ଅଭୟ ସେନାପତି, ଶ୍ରୀଧର ସାହୁ, ସନାତନ ଦାସ, ଉଦୟନାଥ ରାଉତ, ପରମାନନ୍ଦ ନାୟକ, ସଞ୍ଜୟ ବାରିକ, ମଳୟ ମହାଲିକ, ବିଚିତ୍ର ଜେନା, ଅକ୍ଷୟ ପଣ୍ଡା, ଚଗଲା ପଣ୍ଡା, ନାରାୟଣ ରାଉତ, ପ୍ରଦୀପ ସେନାପତି, ଭରତ ଚନ୍ଦ୍ର ବାରିକ, ଜଗନ୍ନାଥ ସେନାପତି, ପ୍ରକାଶ ବାରିକଙ୍କ ସମେତ ଅନେକ ଶ୍ରଦ୍ଧାଳୁ କଳସ ବୁଡାଇ ପୂଜାର୍ଚ୍ଚନା କରିଥିଲେ। ଅନେକ ମାନସିକଧାରୀ ବ୍ରତ ମଧ୍ୟ ରଖିଥିଲେ। ପ୍ରଭୁ କାର୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ଦାୟିତ୍ୱକୁ ପୂଜକ ରବୀନ୍ଦ୍ର ପଣ୍ଡା ଓ ରଞ୍ଜନ ପଣ୍ଡା ସମ୍ପାଦନ କରିଥିଲେ। ଗ୍ରାମ ଯୁବକମାନେ ଏହି ପୂଜା ଉତ୍ସବଟିକୁ ପରିଚାଳନା କରିଥିଲା ଅନ୍ୟମାନେ ସହଯୋଗ କରିଥିଲେ।



## ଡଅଁର ସମବାୟ ସମିତିର ସେବା ସପ୍ତାହ ପାଳିତ

**ହାଟଡିହି/ଛେନାପଦି, ୨୦।୧୧(ସମିସ):** ହାଟଡିହି ବ୍ଲକ ଡଅଁର ସମବାୟ ସମିତିର ସମ୍ପାଦକ ଉମାକାନ୍ତ ନାୟକଙ୍କ ସଂଯୋଜନାରେ ଏହି ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଥିଲା ବେଳେ ଏଥିରେ କେନ୍ଦୁଝର କେନ୍ଦ୍ର ସମବାୟ ସମିତିର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର କାଣ୍ଡି, ସଭାପତି ଅକ୍ଷୟ କୁମାର ଧଳ, ହାଟଡିହି କୋ-ଅପରେଟିଭ୍ ବ୍ୟାଙ୍କର ଶାଖା ପରିଚାଳକ ସଲିଳ କୁମାର ନାୟକ, ଆଇନ୍‌ଜୀବୀ ରଙ୍ଗାଧର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅଧିକାରୀ ନାୟକ ପ୍ରମୁଖଙ୍କ ସହ ଗେଡ଼ମା ସମବାୟ ସମିତିର ସଭାପତି ଶଶିକାନ୍ତ ଦାସ, କଳିଗାଁ ସମବାୟ ସମିତିର ସଭାପତି ପୂର୍ଣ୍ଣିମା ଧଳ, ଉପସଭାପତି ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରୁ ଅହଲ୍ୟା ଜେନା, ଅମରବର ସେଠୀ, ରବୀନ୍ଦ୍ର ମଲ୍ଲିକ, କାର୍ତ୍ତିକେଶ୍ୱର ଖଣ୍ଡେଇ, ବିଦ୍ୟାଧର ଜେନା, ବିମଳ ପାତ୍ର, ବିନୋଦ ବେହେରା, ବେଣୁଧର ଜେନା, ଯୁଗଳ କିଶୋର ଦାସ, ପର୍ଶୁରାମ ସେଠୀ, ରଞ୍ଜନ କୁମାର ପହି ପ୍ରମୁଖ ନିର୍ଦ୍ଦେଶକଙ୍କ ସହ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଉମାକାନ୍ତ ନାୟକ ଓ ଡିଇଓ ଜୟନ୍ତ କୁମାର ସ୍ୱାଇଁ ପରିଚାଳନା କରିଥିଲେ।



## ଚୁଟିଆପସିରେ ଚୋରି

**ପାଟଣା, ୨୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଚୁଟିଆପସି ଗ୍ରାମ ରେଙ୍ଗାଲବେଡା ସାହିର ହୃଷୀକେଶ ମହାନ୍ତଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ୧୮ ତାରିଖ ବିଳମ୍ବିତ ରାତ୍ରରେ ତାଙ୍କ ଘରୁ ସୁନା ମଙ୍ଗଳସୂତ୍ର, ଏକ ମୋବାଇଲ ଫୋନ, ଏକ ଖାସି ଓ ପାଣି ପମ୍ପ ଚୋରି ହୋଇଥିଲା। ଏ ନେଇ ହୃଷୀକେଶ ଗତକାଲି ଥାନାରେ ଅଭିଯୋଗ କରିଛନ୍ତି। ଏହି ଚୋରି ଘଟଣାର ତଦନ୍ତ ଚାଲୁଥିବା ଥାନା ଏସଆଇ ମନୋରମା ସ୍ୱାଇଁ ପ୍ରକାଶ କରିଛନ୍ତି।

## ବାଲିପଶି ଅଜଗର ଜଙ୍ଗଲକୁ ଗଲା

**ଆନନ୍ଦପୁର, ୨୦।୧୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲିପଶି ଗ୍ରାମରୁ ଠାବ କରାଯାଇ ଥିବା ବିରାଟ ଅଜଗର ସାପକୁ ଆଜି ଗ୍ରାମବାସୀ ଉଦ୍ଧାର କରି ସ୍ଥାନୀୟ ବାରୁଁଆ ଜଙ୍ଗଲରେ ଛାଡିଥିବା ଜଣାଯାଇଛି। ଗତ କିଛିଦିନ ହେବ ଏହି ସାପ ବାଲିପଶି-ବାଉଁଶଗଡ଼ ପାଦଚଲା ରାସ୍ତାରେ ବିଚରଣ କରୁଥିବା ଜଣାପଡ଼ିବା ପରେ ଅଞ୍ଚଳବାସୀ ଭୟଭିତ ହୋଇ ବନବିଭାଗକୁ ଜଣାଇଥିଲେ। ଆଜି ସକାଳୁ ବାଲିପଶି ହାଟ ପଡ଼ିଆ ନିକଟରେ ଥିବା ଏକ ଇଟାଭାଟି ଜାଲରେ ଏହିସାପ ଛନ୍ଦିହୋଇ ପଡ଼ି ଛଟପଟ ହେଉଥିବା ଦେଖିବା ପରେ ଗ୍ରାମବାସୀ କୌଶଳ କ୍ରମେ କାବୁକରି ନେଇଥିଲେ। ବନ କର୍ମଚାରୀ ବିଳମ୍ବ କରିବାରୁ ଗ୍ରାମବାସୀ ସ୍ଥାନୀୟ ଜଙ୍ଗଲରେ ସାପ ଛାଡିଥିବା ଜଣାଯାଇଛି।

## ୨୨ ଓ ୨୩ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**କେନ୍ଦୁଝର, ୨୦।୧୧(ସମିସ):** ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ଆସନ୍ତା ୨୨ ଓ ୨୩ ତାରିଖରେ କେନ୍ଦୁଝର ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ (ଓଏସ୍ଏମ୍ଇ) ରେ ଅନୁଷ୍ଠିତ ହେବ। ଏଥିରେ ୨୨ରେ ଯୋଡ଼ା, ଝୁମ୍ପୁରା, ତେଲକୋଇ, ବାଂଶପାଳ, ସାହାରପଡ଼ା, ପାଟଣା ବ୍ଲକର ପ୍ରାର୍ଥୀ ମାନେ ଭାଗ ନେଇପାରିବେ। ସେହିପରି ୨୩ ତାରିଖରେ ଆନନ୍ଦପୁର, ଘଷିପୁରା, ହାଟଡିହି, ଘଟଗାଁ, ହରିଚନ୍ଦନପୁର ଓ ସଦର ବ୍ଲକ ପ୍ରାର୍ଥୀଙ୍କ ପାଇଁ ଅନୁଷ୍ଠିତ ହେବ। ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଯୁକ୍ତି ମେଳାରେ ଭାଗ ନେଇପାରିବେ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ଘରୋଇ ସଂସ୍ଥାମାନେ ଆସି ସେମାନଙ୍କ ସଂସ୍ଥାର ଆବଶ୍ୟକ ପଦପଦବୀ ପାଇଁ ପ୍ରାର୍ଥୀ/ପ୍ରାର୍ଥିନୀ ଚୟନ କରିବେ। ଏହି ମେଳାରେ ଯୋଗଦେବା ପାଇଁ ଶିକ୍ଷାଗତ ଯୋଗ୍ୟତା ୫ମରୁ ଊର୍ଦ୍ଧ୍ୱ ଦଶମ, ଦ୍ୱାଦଶ, ସ୍ନାତକ ପାସ୍, ଆଇଟିଆଇ, ଡିପ୍ଲୋମା, ଏଏନଏମ ଓ ଜିଏନଏମ ଏବଂ ଅନ୍ୟ ଯେ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀ ଭାଗ ନେଇପାରିବେ। ପ୍ରାର୍ଥୀଙ୍କ ବୟସ ସୀମା ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଆଗ୍ରହୀ ଯୁବକ ଓ ଯୁବତୀମାନେ ନିଜ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ସକାଳ ୯ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଯୋଗଦେଇ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେଇପାରିବେ। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ବିଶେଷ ସୂଚନା ପାଇଁ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ସହିତ ୬୩୭୨୯୧୯୧୬୪ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଉପାଧ୍ୟକ୍ଷ



**ଆନନ୍ଦପୁର, ୨୦।୧୧(ସମିସ):** ଆଜି ଏକ ସଡ଼କ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଘଷିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା। ତେବେ ଆହତ ଶ୍ରୀ ବେହେରା ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା ପରେ ଘରକୁ ଫେରି ଯାଇଥିବା ଜଣାଯାଇଛି। ଏହି ଘଟଣାରେ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଓ ଡ୍ରାଇଭରକୁ ଥାନାରେ ଅଟକ ରଖିଥିବା ଜଣାଯାଇଛି। ଆଜି ଦିନ ପ୍ରାୟ ୧୨ଟା ସମୟରେ ଉପାଧ୍ୟକ୍ଷ ଶ୍ରୀ ବେହେରା ବ୍ଲକ କାର୍ଯ୍ୟାଳୟରୁ ବସ୍‌ଷ୍ଟାଣ୍ଡକୁ ଯାଉଥିବା ବେଳେ ଝାଡେଶ୍ୱର୍ ହାଇସ୍କୁଲ ନିକଟରେ ପଛ ପଟରୁ ଆସୁଥିବା ଏକ ଟ୍ରାକ୍ଟର ଧକ୍କା ଦେବାରୁ ଶ୍ରୀ ବେହେରା ତଳେ ପଡ଼ିଯାଇଥିବା ବେଳେ ସ୍କୁଟି ଉପରେ ଟ୍ରାକ୍ଟର ଚଢ଼ିଯାଇଥିଲା। ତେବେ ଟିପିଏନ୍ ଓ ଡିଏଲ କର୍ମଚାରୀମାନେ ଆଣିଥିବା କେବୁଲ୍ କଣ୍ଟେନର ଥିବା ଯୋଗୁଁ ଉପାଧ୍ୟକ୍ଷ ଶ୍ରୀ ବେହେରା ଏକ ବଡଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଉପସ୍ଥିତ ଦୋକାନୀ ଓ ସ୍ଥାନୀୟ ଲୋକେ ଆହତ ଉପାଧ୍ୟକ୍ଷଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

## ଧାର୍ଯ୍ୟଠାରୁ ଅଧିକ ମୂଲ୍ୟ ନେବା ମହଙ୍ଗା ପଡ଼ିଲା

# ମଦ ଦୋକାନ ସିଲ୍‌କଲା ପ୍ରଶାସନ

**ଯୋଡ଼ା, ୨୦।୧୧(ସମିସ)**




କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ଦୁଇଗୋଟି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ନେଉଥିବାରୁ ସୋମବାର ଯୋଡ଼ା ପୁଲିସ, ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ସିଲ୍ କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଘଟିକା। ସମୟରେ ବଡ଼ବିଲ ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀଙ୍କ ଉପସ୍ଥିତିରେ ଏହି ଚଢ଼ଉ କରାଯାଇଥିଲା। ଯୋଡ଼ା ସହର ଉପକଣ୍ଠ କଳାପାହାଡ଼ ରାଜପଥ ନିକଟ ଓ ଧରଣୀଧର ଛକ ନିକଟରେ ଥିବା ୩ ନମ୍ବର ମଦ ଦୋକାନରେ ଚଢ଼ଉ କରାଯାଇଥିଲା। ନାମକୁ ଗୋପନରେ ରଖି ଏକାଧିକ ଗ୍ରାହକ ପୁଲିସ ନିକଟରେ ଅଭିଯୋଗ କରିଥିଲେ ଯେ, ଧାର୍ଯ୍ୟ ମୂଲ୍ୟ ଠାରୁ ୧୦ଟଙ୍କାରୁ ୩୦ଟଙ୍କା ପର୍ଯ୍ୟନ୍ତ ଅଧିକ ମଦ ଦୋକାନ ପକ୍ଷରୁ ନିଆ ଯାଉଥିଲା। ଏଥିରେ ଆପତ୍ତି କଲେ ଦୋକାନରେ ଥିବା କର୍ମଚାରୀମାନେ ଧମକ ଦେଉଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ଯୋଡ଼ା ପୋଲିସ ଏହି ଚଢ଼ଉ କରିଥିବା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ କହିଛନ୍ତି। ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ଗୋବିନ୍ଦ ନାଏକ କହିଛନ୍ତି ଯେ, କଳାପାହାଡ଼ ନିକଟରେ ଥିବା ମଦ ଦୋକାନରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ଜରିମାନା କରିବା ପାଇଁ ପ୍ରାରମ୍ଭିକ ସ୍ତରରେ ଆକଳନ କରାଯାଇଛି। ତେବେ ଉଭୟ ଦୋକାନର ସମ୍ପୂର୍ଣ୍ଣ ତଥ୍ୟ ଆକଳନ କରି ସୂଚନା ଦିଆଯିବ ବୋଲି ସେ କହିଛନ୍ତି। ଯୋଡା, ବଡ଼ବିଲ ଅଞ୍ଚଳରେ କେତେକ ମଦ ବ୍ୟବସାୟୀ ନକଲି ମଦ ପ୍ରସ୍ତୁତ କରି ନାମୀ ଦାମୀ ବ୍ରାଣ୍ଡ କରି ବିକୁଥିବାରୁ ଗ୍ରାହକ ଅସନ୍ତୋଷ ବୃଦ୍ଧିପାଉଛି ଏବଂ ସରକାରଙ୍କ ରାଜସ୍ୱହାନୀ ପାଉଛି। ଏହାକୁ ବାରମ୍ବାର ଯାଞ୍ଚ କରାଯିବ ବୋଲି ଅବକାରୀ ଅଧିକାରୀ ନାଏକ ସୂଚନା ଦେଇଛନ୍ତି। ଅଧିକ ସୂଚନା ଦେଇ ଯୋଡ଼ା ଥାନା ଅଧିକାରୀ ଖଣ୍ଡେଇ କହିଛନ୍ତି ଯେ, ୩ ନମ୍ବର ମଦ ଦୋକାନର ଗୋଦାମ ଘରେ ବେଆଇନ ଗଚ୍ଛିତ ଥିବା ୧୩ ପେଟି ମଦ ଜବତ କରାଯାଇଛି। ଯାହାକୁ କି ନକଲି ମଦ ବୋଲି ସନ୍ଦେହ କରାଯାଉଛି। ଏଣୁ ଖଣ୍ଡେଇ କହିଛନ୍ତି ଯେ, ଏହାର ନମୁନା ଯାଞ୍ଚ ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ଲବ୍ରୋଟରୀକୁ ପଠାଯିବ। ଏ ନେଇ ଯୋଡ଼ା ଥାନାରେ ଦୁଇଟି ମାମଲା ରୁଜୁ ହୋଇ ଥିବା ସେ କହିଛନ୍ତି। ତେବେ ପୂର୍ବରୁ ମଧ୍ୟ ଅଭିଯୋଗ ଥାଇ ଉଭୟ ଦୋକାନରୁ ଅବକାରୀ ପକ୍ଷରୁ ଜରିମାନା ଆଦାୟ କରାଯଇଥିଲା। ଏବେ ଦୋକାନ ଦ୍ୱୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଜ୍ କରାଯାଇଛି।

## ଭତ୍ତା ବଣ୍ଟନର ଶୁଭାରମ୍ଭ

**ଘଷିପୁରା, ୨୦ ।୧୧(ସମିସ):** ଘଷିପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି । ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବିଡିଓ ମାନସରଞ୍ଜନ ସାମଲ, ସିଡିପିଓ ବିନୋଦିନୀ ତ୍ରିପାଠୀ ଉପସ୍ଥିତ ରହି ୪୭ ଜଣ ବାର୍ଦ୍ଧକ୍ୟ, ବିଧବା, ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ । ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତଥିଲେ ।

## ପୁଲିସ ପରିଚୟ ଦେଇ ଯୁବକଙ୍କୁ ଧମକ

**ଆନନ୍ଦପୁର, ୨୦।୧୧(ସମିସ):** ନିଜକୁ ଜଣେ ପୁଲିସ ଅଧିକାରୀ କହି ଧମକ ଚମକ ଦେବା ଓ ଗିରଫ କରିବାକୁ ଭୟଭୀତ କରାଯାଉଥିବା ଭଳି ଘଟଣାରେ ମୁରାବାଲି ଗ୍ରାମର ମୃତ୍ୟୁଞ୍ଜୟ ସାହୁ ଘଷିପୁରା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ଫୋନ ଆସିଥିବା ନମ୍ବରକୁ ଟ୍ରାକିଂ କରି ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି । ମିଳିଥିବା ସୂଚନାନୁଯାୟୀ, ଘଷିପୁରା ଥାନା ଅନ୍ତର୍ଗତ ମୁରାବାଲି ଗ୍ରାମର ମୃତ୍ୟୁଞ୍ଜୟଙ୍କ ମୋବାଇଲ ଫୋନକୁ ଆଜି ଦିନ ୧୦.୪୩ ମିନିଟରେ ଆସିଥିଲା ଏକ ଫୋନ କଲ । 'ମୁଁ କେନ୍ଦୁଝର ସଦର ଥାନା ଏସ.ଆଇ କହୁଛି, ୩୦ ମିନିଟ ମଧ୍ୟରେ ଥାନାରେ ଦେଖା କର' ବୋଲି ଧମକ ଦେଇଥିଲେ । ୩୦ ମିନିଟ ମଧ୍ୟରେ କେନ୍ଦୁଝର ପହଞ୍ଚିବା ସମ୍ଭବ ନୁହେଁ ବୋଲି କହିବାରୁ ତୁମ ନାଁରେ ଜାମିନ ବିହୀନ ପରଓାନା ଅଛି ଏବଂ ନ ଆସିଲେ ତୁମକୁ ଓ ତୁମ ଭାଇକୁ ଗିରଫ କରାଯିବ ବୋଲି କହିଥିଲେ । ଏପରି ଫୋନ କଲ ପାଇ ମୃତ୍ୟୁଞ୍ଜୟ ଘଷିପୁରା ଥାନାରେ ଜଣାଇବା ପରେ ସେହି ନମ୍ବର ଫୋନ କଲ ଉକ୍ତ ବ୍ୟକ୍ତି ଜଣକ ଆଉ ଉଠାଉ ନଥିବାରୁ ଏହା ଜଣେ ଠକ ଓ ସାଇବର ଦୁର୍ବୃତ୍ତ ବୋଲି ଅନୁମାନ କରାଯାଉଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

## ଯାତ୍ରୀଙ୍କୁ ହଇରାଣ କରୁଛନ୍ତି ଅଟୋ ମାଲିକ

**ଚମ୍ପୁଆ, ୨୦।୧୧ (ସମିସ):** ଦିନକୁ ଦିନ ଅଟୋ ମାଲିକଙ୍କ ମନମାନି ବଢ଼ିବାରେ ଲାଗିଛି । ସୀମିତ ଦୂରତାକୁ ମଧ୍ୟ ଆବଶ୍ୟକ ଠାରୁ ଅଧିକ ଅର୍ଥ ଦାବି କରାଯାଉଥିବା ବେଳେ ଯାତ୍ରୀମାନେ ବାଧ୍ୟ ହୋଇ ଅଧିକ ଅର୍ଥ ଦେଉଛନ୍ତି । ଏମାନଙ୍କ ପ୍ରତି କୌଣସି ଅଙ୍କୁଶ ନଥିବା ଫଳରେ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ ଭାବରେ ଝାରଖଣ୍ଡ ଅଞ୍ଚଳରୁ ଆସୁଥିବା ଅଟୋ ଗୁଡ଼ିକ ଏହାର ପ୍ରମୁଖ ଉଦାହରଣ ପାଲଟିଛନ୍ତି । ସୂଚନା ଅନୁସାରେ ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଝାରଖଣ୍ଡ ମାତ୍ର ୫୦୦ ମିଟର ଦୂରରେ ଅବସ୍ଥିତ । ଝାରଖଣ୍ଡର ଶେଷ ଅଞ୍ଚଳ ଭାବରେ ଜୟନ୍ତୀଗଡ଼ ବଜାର ରହିଥିବା ବେଳେ ଟାଟା, ରାଞ୍ଚି, ଚାଇଁବସା ଆଦି ଅଞ୍ଚଳରୁ ଲୋକମାନେ ବସ ଯୋଗେ ଉକ୍ତ ଜୟନ୍ତୀଗଡ଼ରେ ଓହ୍ଲେଇ ଓଡ଼ିଶା ଦେଇ ବିଭିନ୍ନ ସ୍ଥାନକୁ ଯାଉଛନ୍ତି । ମାତ୍ର ଜୟନ୍ତୀଗଡ଼ରୁ ଚମ୍ପୁଆ ୫୦୦ ମିଟର ଦୂରକୁ ଯାତ୍ରୀଙ୍କ ଠାରୁ ଅଟୋ ଭଡ଼ା ବାବଦକୁ ୨୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ବେଳେ ଚମ୍ପୁଆରୁ ଯାତ୍ରୀ ନେଇ ଜୟନ୍ତୀଗଡ଼ ଯାଉଥିବା ଅଟୋ ମାଲିକ ମାନେ ଯାତ୍ରୀ ପିଛା ୧୦ ଟଙ୍କା ଲେଖାଏଁ ନେଉଛନ୍ତି । ଅନ୍ୟ ପକ୍ଷରେ ଜୟନ୍ତୀଗଡ଼ରୁ ଓଡ଼ିଶା ଭିତର ସ୍ଥାନକୁ ଯାଉଥିବା ରିଜର୍ଭ ଅଟୋ ଗୁଡ଼ିକ ମନ ଇଚ୍ଛା ଅର୍ଥ ଦାବି କରୁଥିବା ଜଣାଯାଇଛି । ଚମ୍ପୁଆ ଅଟୋ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ପଦକ୍ଷେପ ଗ୍ରହଣ କରାଯିବା ଏବଂ ଯାତ୍ରୀଙ୍କ ଆର୍ଥିକ ବୋଝକୁ ଲାଘବ କରିବା ପାଇଁ ଚମ୍ପୁଆ ଥାନା ଅଧିକାରୀ, ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କୁ ଅବଗତ କରାଯାଇଛି ବୋଲି ସଂଘ ସଭାପତି ବଶିଷ୍ଠ ପୃଷ୍ଟି ସୂଚନା ଦେଇଛନ୍ତି । ଏ ନେଇ ଚମ୍ପୁଆ ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କୁ ପଚାରିବାରୁ ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଶିଳ୍ପ ତାଲିମ କେନ୍ଦ୍ରରେ ବନ ବିଭାଗର ଚଢ଼ଉ

**ଆନନ୍ଦପୁର, ୨୦।୧୧(ସମିସ)**

ଶାଳପଡ଼ାସ୍ଥିତ ଆନନ୍ଦପୁର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଭିତରେ ବନବିଭାଗ ପକ୍ଷରୁ ଛାନବିନ୍ କରାଯାଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କେନ୍ଦ୍ର

**ଲୁଚାଛପାରେ ଚାଲିଥିଲା ଗଛକଟା**

ପରିସରରେ ଥିବା କେତେକ ପୁରାତନ ଓ ମୂଲ୍ୟବାନ ଗଛକୁ କାଟି ଅନ୍ୟତ୍ର ନେଇଯିବାକୁ ଉଦ୍ୟମ କରୁଥିବା ବେଳେ ଆନନ୍ଦପୁର ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜବତ କରାଯାଇଛି । ବିନା ଅନୁମତିରେ ଗଛକଟା ଯାଉଥିବା ଖବର ପାଇ ଘଟଣାସ୍ଥଳକୁ ଯାଇଥିବା ବନବିଭାଗ ଗାଡିକୁ ଛଡା ଯାଇନଥିଲା । ପ୍ରାୟ ୩୫ ମିନିଟ





ଯୁକ୍ତିତର୍କ ପରେ ବନପାଳ ଅନନ୍ତ ଚରଣ ପରିଡ଼ା କେନ୍ଦ୍ର ଭିତରକୁ ପଶି ୪ଟି ଆକାସିଆ, ଆମ୍ବ, ଯାମୁ ଓ ଶାଳ ଗଛକୁ ଜବତ କରିଥିଲେ । ଶିଳ୍ପ ତାଲିମ କେନ୍ଦ୍ରର ମୁଖ୍ୟ ଫାଟକରେ ତାଲା ପକାଇ ଏପରି ଲୁଚାଛପା କାରବାର ଚାଲିଥିବା ଘଟଣା ଜଣାପଡ଼ିବା ପରେ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶରେ ରେଞ୍ଜର ନବକୁମାର ନାୟକ, ଘଟଣାସ୍ଥଳ ପରିଦର୍ଶନ କରି ଏକ ମକଦ୍ଦମା ରୁଜୁ କରିବା ସହିତ ମାମଲାର ତଦନ୍ତ ପାଇଁ ଶିଳ୍ପ ତାଲିମ କେନ୍ଦ୍ର ଅଧକ୍ଷ ଓ ସମ୍ପୃକ୍ତ ଠିକାଦାରଙ୍କୁ ନୋଟିସ୍ କରିଛନ୍ତି । ଆନନ୍ଦପୁର ବନବିଭାଗରେ ହାଜର ହୋଇ ଏହାର ସନ୍ତୋଷଜନକ ଉତ୍ତର ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଆଜକୁ ପ୍ରାୟ ଦୁଇ ବର୍ଷ ହେବ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ନିର୍ମାଣକାର୍ଯ୍ୟ ଚାଲୁଛି । କଞ୍ଚାମାଲ ଯାତାୟତରେ ଆଳରେ ପ୍ରାୟ ୨୨ଟି ଗଛ କଟାଯାଇ ବାଲେଶ୍ୱର ନେଇଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି । ବାଲେଶ୍ୱର ଅଞ୍ଚଳର ଜନୈକ କର୍ମଚାରୀ ଠିକାଦାରଙ୍କ ସହିତ, ସଲାସୁତୁରା କରି ଏହି ଗଛ କାଟିନେବାକୁ ଉଦ୍ୟମ କରୁଥିବାରୁ ଉକ୍ତ କର୍ମଚାରୀମାନଙ୍କୁ ତଦନ୍ତ ପରିସରକୁ ନେବା ପାଇଁ ଦାବି ହୋଇଛି ।

## ବାଲି ବୋଝେଇ ୩ ଟ୍ରାକ୍ଟର ଜବତ, ୩ ଗିରଫ

**ଘଷିପୁରା, ୨୦ ।୧୧(ସମିସ):** ରାମଚନ୍ଦ୍ରପୁର ଥାନା ବାତୋ ଗାଁ ନିକଟରୁ ଗତ କାଲି ସକାଳେ ବୈତରଣୀ ନଦୀରୁ ବେଆଇନ ବାଲି ବୋଝେଇ କରି ଆସୁଥିବା ସମୟରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂ ଚଢ଼ଉ କରି ୩ଟି ଟ୍ରାକ୍ଟରକୁ ଜବତ କରିବା ସହ ୩ ଗାଡି ଚାଳକଙ୍କୁ ଥାନାରେ ଅଟକ ରଖି ପଚାରା ଉଚାରା ପରେ ଆଜି ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି । ଗିରଫ ଗାଡି ଚାଳକ ବାତୋ ଗ୍ରାମର ପ୍ରକାଶ ନାଥ ଏବଂ ମଧୁକେଶରି ଗ୍ରାମର ଆକାଶ ଜେନା, ଗଗନ ଜେନା ବୋଲି ଜଣାପଡ଼ିଛି ।

## ଝୁମ୍ପୁରାରେ ମିଳିତ ଜନଶୁଣାଣି ଶିବିର



**ବାଲିବନ୍ଧ, ୨୦।୧୧(ସମିସ)**

ଝୁମ୍ପୁରା ବ୍ଲକ ପରିସରରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୨୨ଟି ପଞ୍ଚାୟତରୁ ବ୍ୟକ୍ତିଗତ ଏବଂ ସାମୂହିକ ମୋଟ ୨୬୧ଟି ଅଭିଯୋଗ ପଞ୍ଜିକୃତ କରାଯାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆର୍କଷଣ କରାଯାଇଥିଲା । ଝୁମ୍ପୁରା ପଞ୍ଚାୟତ ଭାଲୁକା ଗ୍ରାମବାସୀ ପାନୀୟଜଳ ଯୋଗାଣ ନିମନ୍ତେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ । ବିଭାଗୀୟ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ । ଏହାବ୍ୟତିତ ବିଭିନ୍ନ ପଞ୍ଚାୟତର ବିଦ୍ୟୁତ୍, ପାନୀୟଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା, ରାସନ କାର୍ଡ, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ବିଜୁପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଅଭିଯୋଗ ହୋଇଥିଲା । ଜିଲ୍ଲାପାଳ ପ୍ରାଥମିକତା ଭିତ୍ତିରେ ସମସ୍ତ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଶିବିରରେ ୧୩ ଜଣ ଭିନ୍ନକ୍ଷମ ଭାଇ, ଭଉଣୀମାନଙ୍କୁ ବ୍ୟାଟେରୀ ଚାଳିତ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ଏହି ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଆଶିଷ୍ କୁମାର ଠାକରେ, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ପିଏଆଇଟିଡିଏ ଜୟଶ୍ରୀ ମଲ୍ଲିକ, ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) କିଶୋର କୁମାର ପୃଷ୍ଟି, ଅତିରିକ୍ତ ଆରୋକ୍ଷୀ ଅଧିକ୍ଷକ ଦୀଲ୍ଲିପ କୁମାର ନାଏକ, ସ୍ଥାନୀୟ ବିଡିଓ ହୃଦାନନ୍ଦ ଅଡ଼ା, ସ୍ଥାନୀୟ ତହସିଲଦାର ରୋହିତ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହା ବ୍ୟତିତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ ।

## ରାସ୍ତା ନିର୍ମାଣ ଓ ବିଦ୍ୟୁତ୍ ସଂଯୋଗ ଦାବି

**ତେଲକୋଇ, ୨୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଉପାନ୍ତ ଅଞ୍ଚଳ ତମାଙ୍ଗ (କାଞ୍ଜିଆଝରଣ, ଗୁଣ୍ଡୁରୁ ଓ ନୂଆ ତମାଙ୍ଗ)ର ଗ୍ରାମବାସୀ ରାସ୍ତା ନିର୍ମାଣ ଓ ବିଦ୍ୟୁତ ସଂଯୋଗ ନିମନ୍ତେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପ୍ରଶାସନ ଉପରେ ବିଶ୍ୱାସ ରଖି ପାହାଡି ଗାଁ ତମାଙ୍ଗରୁ ସରକାରୀ ସୁବିଧା ସୁଯୋଗ ପାଇବା ଆଶାରେ ପାହାଡ ତଳକୁ ଆସି ନୂଆ ତମାଙ୍ଗ ଗ୍ରାମ ଗଠନ କରିଥିଲେ । ସୁବିଧା ସୁଯୋଗ କଥା ଛାଡ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଲେ ଉକ୍ତ ଗ୍ରାମବାସୀ ।

ସମ୍ପୂର୍ଣ୍ଣ ଆଦିବାସୀ ଏହି ଗ୍ରାମରେ ୬୮ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ବହୁବର୍ଷ ହେବ ବାରମ୍ବାର ଜନ ପ୍ରତିନିଧି ଠାରୁ ଆରମ୍ଭ କରି ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ ଏ ପର୍ଯ୍ୟନ୍ତ ଗ୍ରାମକୁ ବିଦ୍ୟୁତ ସଂଯୋଗ କିମ୍ବା ରାସ୍ତା ହୋଇ ପାରିନାହିଁ । ଯାହା ଫଳରେ ଛାତ୍ରଛାତ୍ରୀ ପାଠ ପଢ଼ାର ଅସୁବିଧା ହେଉଥିବା ବେଳେ ରାତିରେ ବନ୍ୟଜନ୍ତୁ ଏବଂ ସରୀସୃପଙ୍କ ଭୟରେ ଜୀବନ ଅତିବାହିତ କରୁଥିବା ଅଭିଯୋଗ କରିଛନ୍ତି । ସେହିପରି କାଞ୍ଜିଆଝରଣକୁ ଏ ପର୍ଯ୍ୟନ୍ତ କୌଣସି ରାସ୍ତା ସଂଯୋଗ ହୋଇ ନଥିବାରୁ ସାହିର ବାସିନ୍ଦା ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ସାହିକୁ ରାସ୍ତା ନ ଥିବା ଯୋଗୁଁ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁ ନ ଥିବାରୁ ରୋଗୀମାନେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଆଜି ଗ୍ରାମର ୱାର୍ଡମେମ୍ବର ସୁନି ଦେହୁରୀ, ଦୁର୍ଯୋଧନ ଦେହୁରୀ, ରଙ୍ଗେଶ୍ୱର ଦେହୁରୀ, ସୁଶାନ୍ତ ଦେହୁରୀ, ଦିଲ୍ଲୀପ ଦେହୁରୀ, ବାବୁଲି ଦେହୁରୀ, ମକୁନ୍ଦ ପଧାନଙ୍କ ସମେତ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏହାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।







ବାସ୍ତବତା ଯେ ଅନ୍ତର୍ନିହିତ ଧାରଣାଠାରୁ ଭିନ୍ନ, ତାହା ଯେକୌଣସି ଘଟଣାରୁ ଧରାପଡ଼ିଯାଏ। ତେଣୁ ବୌଦ୍ଧ ଧର୍ମରେ ଅନ୍ଧବିଶ୍ବାସ ଓ କଳ୍ପନା ଅଗ୍ରହଣୀୟ।
-ଦଲାଇ ଲାମା

ସକାଳ
THE SAKALA

# ଧାନ ଉତ୍ପାଦନ ବୃଦ୍ଧି ସମସ୍ୟା!

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଖାଦ୍ୟଶସ୍ୟ ଆବଶ୍ୟକତା ସୁନିଶ୍ଚିତ କରିବାକୁ ଆମ ଦେଶରେ ଧାନ, ଗହମ ଓ ଅନ୍ୟାନ୍ୟ ଫସଲର ଉତ୍ପାଦନ ବଢ଼ାଯାଉଛି। ଏହା ଫଳରେ ପ୍ରାୟ ୧୪୦ କୋଟି ଲୋକ ଖାଦ୍ୟ ଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ସହିତ ଦେଶର ଏକ ବଡ଼ ଭାଗ ଚାଷୀ ମଧ୍ୟ ଉପକୃତ ହେଉଛନ୍ତି। ଏଥିପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ପ୍ରୟାସରେ ଏବେ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପରିବର୍ଦ୍ଧିତ ସବୁଜ ବିପ୍ଳବ ଅଭିଯାନ (ପର୍ଯ୍ୟାୟ-୨) କାର୍ଯ୍ୟକାରୀ ହେଉଛି। ଓଡ଼ିଶାରେ ମଧ୍ୟ ବିଗତ କେତେବର୍ଷ ଧରି ଧାନଚାଷ ଓ ଅମଳ ବଢ଼ିବାରେ ଲାଗିଛି ଏବଂ କ୍ରମାଗତ ଭାବେ ରାଜ୍ୟ ଜାତୀୟସ୍ତରରେ 'କୃଷିକର୍ମଣ ପୁରସ୍କାର' ପାଇ ଆସୁଛି। ଏଥିରେ ପ୍ରାଦେଶିକ, କେନ୍ଦ୍ର ସରକାରଙ୍କ ସହିତ ସମ୍ପୃକ୍ତ ଚାଷୀଙ୍କର ଉଲ୍ଲେଖନୀୟ ଅବଦାନ ରହୁଛି।

ଆମ ଅନୁଭୂତି କହୁଛି ଓଡ଼ିଶା ସମେତ ଅନେକ ରାଜ୍ୟରେ ଧାନ ଆଉ ଲାଭଜନକ ଫସଲ ହୋଇ ରହିନାହିଁ। ଖର୍ଚ୍ଚ ତୁଳନାରେ ଏହାର ବିକ୍ରି ମୂଲ୍ୟ ବିଶେଷ ଲାଭଦାୟକ ହେଉନାହିଁ। ଆହୁରି ମଧ୍ୟ ଚାଷୀଙ୍କଠାରୁ ଧାନ ବା ଚାଉଳ କିଣିବାର ଯେଉଁ ସମସ୍ୟା ରହିଛି, ତାହା ଅଧିକ ଉତ୍ପାଦନ ଯୋଗୁଁ ଉଭୟ ସରକାର ତଥା ଉତ୍ପାଦକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଯେତିକି ଧାନ ବା ଚାଉଳ ସରକାର ସଂଗ୍ରହ କରିବା କଥା, ତା'ଠାରୁ ଢେର ଅଧିକ ଉତ୍ପାଦନ ହେଲେ ଚାଷୀ ବିକ୍ରିବଟାରେ ସମସ୍ୟାର ସମ୍ମୁଖୀନ ହେବା ସ୍ୱାଭାବିକ। ଆହୁରି ମଧ୍ୟ ସାର, କୀଟନାଶକ, ମଜୁରି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯୋଗୁଁ ଧାନର ଉତ୍ପାଦନ ମୂଲ୍ୟ ବଢ଼ୁଛି ଏବଂ ଏହାର ସହାୟକ ମୂଲ୍ୟ ଚାଷୀଙ୍କ ପାଇଁ ବିଶେଷ ଲାଭଜନକ ହେଉନାହିଁ।

ଚଳିତ ବର୍ଷ ପ୍ରଚୁର ଧାନ ଉତ୍ପାଦନ ଫଳରେ ଦେଶରେ ଅମଳ ବିପୁଳତା ଜନିତ ସମସ୍ୟା ସୃଷ୍ଟି ହେବାକୁ ଯାଉଛି। ପ୍ରକାଶିତ ତଥ୍ୟ ଅନୁସାରେ କେନ୍ଦ୍ରୀୟ ଶସ୍ୟ ଭଣ୍ଡାରରେ ଧାନ ମହଜୁଦ କରି ରଖିବାକୁ ସ୍ଥାନାଭାବ ସମସ୍ୟା ସୃଷ୍ଟି ହୋଇପାରେ। ଅଳ୍ପଦିନ ତଳେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ଚାଉଳ ଓ ଗହମ (ଅଧିକ ଚାଉଳ) ବଫର ଷ୍ଟକ୍‌ରୁ ଯୋଗାଇ ଦେଇଥିଲେ। ଚାଉଳର ମୂଲ୍ୟ ବୃଦ୍ଧିକୁ ରୋକିବାକୁ ଏହି ପଦକ୍ଷେପ ନିଆଯାଇଥିଲା ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବରେ ଖରିଫ ଧାନ ଅମଳକୁ ଦୃଷ୍ଟିରେ ରଖି ଏଥିପାଇଁ କେନ୍ଦ୍ରୀୟ ଭଣ୍ଡାର ଓ ବଫର ଷ୍ଟକ୍ ସ୍ଥାନକୁ ଖାଲି କରାଯାଇଥିଲା।

ଏବେ ପ୍ରଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ଜୋର୍ ସୋର୍ ଚାଲିଛି। ଏହାସତ୍ତ୍ୱେ ଏଫ୍‌ସିଆଇ ଗୋଦାମରେ ଯେଉଁ ସବୁ ଚାଉଳ ରହିଥିଲା ତାହାକୁ ପର୍ଯ୍ୟାପ୍ତ ପରିମାଣରେ ଖୋଲା ବଜାରକୁ ଛଡ଼ାଯାଇ ନ ଥିବାରୁ ନୂଆ ଚାଉଳ ରଖିବାରେ ସମସ୍ୟା ଦେଖାଦେଲାଣି। ସରକାରୀ ହିସାବ ଅନୁସାରେ ଚଳିତ ସଂଗ୍ରହ ଋତୁରେ (ଖରିଫ) କେନ୍ଦ୍ର ସରକାରଙ୍କୁ ଚାଉଳ ବଫର ମହଜୁଦ ପରିମାଣ ଦୁଇଗୁଣ କରିବାକୁ ପଡ଼ିବ। କେବଳ ସଂଗୃହୀତ ଧାନରୁ ପ୍ରସ୍ତୁତ ଚାଉଳ ନୁହେଁ, ନୂଆ ବ୍ୟବସ୍ଥାରେ ଚାଉଳକୁ ଭିଟାମିନ୍ ଯୁକ୍ତ (ଫର୍ଟିଫାଏଡ୍) କରିବାକୁ ହେବ। ତେଣୁ ପୁରୁଣା ଚାଉଳର ବିନିଯୋଗ ସହିତ ନୂଆ ଚାଉଳକୁ ସାଇତି ରଖିବା ଏବେ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସରକାର ମଧ୍ୟ ଅଣବାସୁମତୀ ଚାଉଳ ରପ୍ତାନୀ ଉପରେ କଟକଣା ଜାରି କରିଥିବାରୁ ଏହା ବିଦେଶକୁ ପଠାଯାଇପାରୁନାହିଁ। ତେଣେ ଖୋଲା ବଜାରରେ ଚାଉଳର ମୂଲ୍ୟ ଅଧିକ ରହୁଛି। ମନେ ହେଉଛି ଚାଉଳ ଓ ଗହମର ବଫର ଏବଂ ପରିଚାଳନାରେ କେଉଁଠି ଏକ ଗୁରୁତର ତ୍ରୁଟି ରହୁଛି।

ବିଗତ ଜୁନ୍‌ମାସରେ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରି ଖୋଲାବଜାରରେ ବିକ୍ରି ପାଇଁ ଏଫ୍‌ସିଆଇଠାରୁ ଚାଉଳ କିଣାକୁ ନିଷିଦ୍ଧ କରିଥିଲେ। ଏହା ଫଳରେ ଓପନ ମାର୍କେଟ ସେଲ୍‌ଫ ସ୍କିମ୍ (ଓଏମ୍‌ଏସ୍‌ଏସ୍) ପ୍ରଭାବିତ ହୋଇଛି। ଆହୁରି ମଧ୍ୟ ଚାଷୀଙ୍କଠାରୁ ଅତିରିକ୍ତ ଧାନ ସଂଗ୍ରହ ନ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ଏହାଫଳରେ ଚାଷୀମାନେ ବଳକା ଧାନ ବା ଚାଉଳ ବିକି ପାରୁନାହାନ୍ତି। ଇଥାନଲ୍ ଉତ୍ପାଦନ ପାଇଁ ଚାଉଳର ବ୍ୟବହାରକୁ ମଧ୍ୟ ସାମୟିକ ଭାବେ ସରକାର ବନ୍ଦ କରିଥିବାରୁ ଏବେ ଚାଉଳ ରଖିବା ଘେନି ସଂକଟ ସୃଷ୍ଟି ହେଉଛି। କହିବା ବାହୁଲ୍ୟ ଯେ ଚାଉଳ ଓ ଗହମ ଆଦିର ଭଣ୍ଡାର ବା ସାଇତା ଜନିତ ଖର୍ଚ୍ଚ ବିପୁଳ। ସେ ବୋଝ ସରକାରଙ୍କୁ ବହନ କରିବାକୁ ପଡୁଛି ଏବଂ ସାର ଉପରେ ପ୍ରଚୁର ରିହାତି ଦେବା ସହିତ ଚାଷୀଙ୍କଠାରୁ ଲାଭଜନକ ମୂଲ୍ୟରେ ଧାନ କିଣିବାକୁ ହେଉଛି।

ଏଇ ସଂଗ୍ରହ ଋତୁରେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟରୁ ଏଫ୍‌ସିଆଇ ଓ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ୧୭୦ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରିସାରିଲେଣି। ସଂଗ୍ରହ ଋତୁ ଆରମ୍ଭର ମାତ୍ର ଦେଢ଼ମାସ ମଧ୍ୟରେ ଏହି ଚାଉଳ ସଂଗୃହୀତ ହୋଇଛି। ଏଥିରେ ପୁଣି ଓଡ଼ିଶା ଓ ଝାଡ଼ଖଣ୍ଡରୁ ଚାଉଳ ସଂଗ୍ରହ କାମ ଏ ଯାଏଁ ଆରମ୍ଭ ହୋଇନାହିଁ। ତେଣେ ଅକ୍ଟୋବର ପହିଲା ସୁଦ୍ଧା ଏଫ୍‌ସିଆଇର ବଫର ଚାଉଳ ସଂଗ୍ରହ ପରିମାଣ ଦ୍ୱିଗୁଣିତ ହୋଇ ୨୨୧ ଲକ୍ଷ ଟନ୍‌ରେ ପହଞ୍ଚିଛି। ତଥାପି ସରକାର ଆଶା ରଖିଛନ୍ତି ଯେ ଚଳିତ ଋତୁରେ ୫୦୦ ଲକ୍ଷ ଟନ୍‌ରୁ ଅଧିକ ଚାଉଳ ସଂଗ୍ରହ କରିବେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଲୋକଙ୍କୁ ମାଗଣା ଚାଉଳ ଯୋଗାଇବାକୁ ସରକାର ବର୍ଷକୁ ୪୦୦ ଲକ୍ଷ ଟନ୍ ଚାଉଳ ଦରକାର କରୁଛନ୍ତି। ଏହି ଯୋଜନାରେ ଦେଶର ୮୧ କୋଟି ଲୋକଙ୍କୁ ମାସିକ ୫କିଲୋ ହିସାବରେ ଚାଉଳ ବା ଗହମ ମାଗଣାରେ ମିଳୁଛି। ଏହାସତ୍ତ୍ୱେ ଚାଉଳ ଉତ୍ପାଦନ ଓ ସଂଗ୍ରହ ବଢ଼ୁଥିବାରୁ ତାହାର ପରିଚାଳନା ଏବଂ ସେ ବାବଦ ଦେୟ ବୃଦ୍ଧି (ରିହାତି ତଥା ସହାୟକ ମୂଲ୍ୟ) ସରକାରଙ୍କ ପାଇଁ ଏକ ସମସ୍ୟା। ଏହାର ସମାଧାନ କିପରି ହେବ, ସରକାରଙ୍କୁ ତାହାର ବାଟ ଖୋଜିବାକୁ ପଡ଼ିବ। ଆସନ୍ତା ବର୍ଷ ଦେଶରେ ସାଧାରଣ ନିର୍ବାଚନ ହେବ। ତେଣୁ ବଳକା ଚାଉଳ ଓ ଗହମର ସଂଗ୍ରହ ଏବଂ ପରିଚାଳନା ପାଇଁ ସରକାର ଏକପ୍ରକାର ବାଧ୍ୟ ହେବେ। ଏହାକୁ ଚାଷୀଙ୍କଠାରୁ ସଂଗ୍ରହ ନ କଲେ ସରକାରଙ୍କ ଉପରେ ଅସନ୍ତୋଷ ବଢ଼ିବ। କିଣିଲେ ରାଜକୋଷ ଉପରେ କ୍ରୟ, ପରିଚାଳନା ଏବଂ ସାଇତା ଖର୍ଚ୍ଚ ବୋଝ ବଢ଼ିବ।

ଆମର ଖାଦ୍ୟ ନିରାପତ୍ତା ଦରକାର। ତା'ଛଡ଼ା ଯେଉଁମାନେ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ ନାହାନ୍ତି, ସେମାନଙ୍କ ପାଇଁ ଉଚିତ ମୂଲ୍ୟରେ ଚାଉଳ ଓ ଅଟା ଯୋଗାଣକୁ ମଧ୍ୟ ସୁନିଶ୍ଚିତ କରିବାକୁ ପଡ଼ିବ। ଦେଶରେ ଏହି ଦୁଇ ଖାଦ୍ୟ ଶସ୍ୟର ପ୍ରଚୁର ଉତ୍ପାଦନ ସତ୍ତ୍ୱେ ଖୋଲା ବଜାରରେ ଏହାର ଆକାଶଛୁଆଁ ମୂଲ୍ୟ ଘଟଣାରୁ ମନେ ହେଉଛି ଏଥିରେ ସମ୍ପୃକ୍ତ ବଡ଼ ବଡ଼ ବ୍ୟବସାୟୀ ଓ କମ୍ପାନୀମାନେ ଏକଚାଟିଆ ବେପାର କରି ପରିସ୍ଥିତିକୁ ବିଗାଡୁଛନ୍ତି। ଏ କ୍ଷେତ୍ରରେ ଉତ୍ତମ ସମନ୍ୱୟ ତଥା ଯୋଗାଣ-ଚାହିଦା ମଧ୍ୟରେ ତାଳମେଳ ରହିବା ଆବଶ୍ୟକ।

# କ୍ରିକେଟରେ ତାରକା ମୋହ



ବିଚିତ୍ର ବିଶ୍ୱାଳ
ଜଗତସିଂହପୁର, ମୋ: ୯୪୩୮୪୬୮୪୭୪

ଆମେ ଭାରତୀୟମାନେ ସାଧାରଣତଃ ଆମ ଦେଶର କ୍ରିକେଟ ଦଳ ଅପେକ୍ଷା ଆମ ପସନ୍ଦର କ୍ରିକେଟରମାନଙ୍କୁ ପ୍ରାଧାନ୍ୟ ଦେଉ। ଅସଲରେ ପୂଜା ହିଁ କରୁ। ଆମ ଦଳ ଆମ ଆଗରେ ହିରୋ ହୋଇ ନ ଥାଏ, ବରଂ ଆମ ପସନ୍ଦର କ୍ରିକେଟର ହିଁ ଆମ ଆଗରେ ହିରୋ ହୋଇଥା'ନ୍ତି। ତେଣୁ ଆମେ ମନେ କରୁ ସେମାନେ ଭୁଲର ବହୁ ଊର୍ଦ୍ଧ୍ୱରେ। ସେମାନଙ୍କ ସୀମିତ ସାମର୍ଥ୍ୟ ବା ଦୁର୍ବଳତା ଆମକୁ ଦେଖାଯାଏନା। ଆମେ ଦେଖିବାକୁ ବି ଚାହୁଁନା। କାରଣ ଆମ ଶିରା ପ୍ରଶିରାରେ ବ୍ୟକ୍ତି ପୂଜନ ମାନସିକତା ଭର୍ତ୍ତି ହୋଇ ରହିଛି। ଆପଣ ତେନ୍ଦୁଲକର, ବିରାଟ କୋହଲି କି ରୋହିତ ଶର୍ମାଙ୍କ କୌଣସି ବି ବାସ୍ତବିକ୍ ଦୁର୍ବଳତା କଥା କୁହନ୍ତୁ, ଦେଖିବେ କେମିତି ତାଙ୍କ ପ୍ରଶଂସକମାନେ ଆପଣଙ୍କ ଉପରେ ଉତ୍କ୍ଷିପ୍ତ ହୋଇପଡ଼ିବେ। କାରଣ ଆମେ ବ୍ୟକ୍ତି ପୂଜା ବା ହିରୋ ଓରସିପ୍‌ରେ ଧୂରନ୍ଧର ବୋଲି ପ୍ରମାଣିତ କରିଆସୁଛୁ।

'ଆମେ' କହିଲେ କେବଳ ସାଧାରଣ ଲୋକ ନୁହନ୍ତି, ଧାରା ବିବରଣୀ ଶୁଣାଉଥିବା ବିଶେଷଜ୍ଞ, ବିଶ୍ଳେଷକ, ବିଶାରଦମାନେ ମଧ୍ୟ ସେହିପରି। ଆମର ବ୍ୟକ୍ତି ପୂଜାର ମୋହ ଏତେ ଅଧିକ ଯେ, ଆମ ହିରୋ (କ୍ରିକେଟର) ବୟସାଧିକ୍ୟ ହେଲେ ମଧ୍ୟ ସେ ଆଉ ନ ଖେଳିପାରିଲେ ମଧ୍ୟ ଆମେ ତାଙ୍କୁ ଦଳରୁ ବାଦ୍ ଦେବାକୁ ଚାହୁଁନା। ଆମ ମନୋନୟନ କମିଟି ବି ସେହି ବ୍ୟକ୍ତି ପୂଜାର ପ୍ରଭାବ ଦ୍ୱାରା ସେମାନଙ୍କୁ ବାହାରେ ବସେଇ ପାରନ୍ତିନି। ସେହି ହିରୋମାନେ ନିଜର ଖରାପ ଓ ଦୁର୍ବଳ ପ୍ରଦର୍ଶନ ସତ୍ତ୍ୱେ ନିଜ ଆଡୁ ବିଦାୟ ନିଅନ୍ତି ନାହିଁ। ପ୍ରଶଂସକଙ୍କ ଦ୍ୱାରା ଭଗବାନ ମାନ୍ୟତା ପାଇ, ସେମାନେ ବି ନିଜକୁ ଭଗବାନ ମନେ କରନ୍ତି କି କ'ଣ, କିଏ ଜାଣେ!

ଉଦାହରଣ ସ୍ୱରୂପ ଦେଖାଯାଇପାରେ, ସୌରଭ ଗାଙ୍ଗୁଲି ଜଣେ ଉଚ୍ଚକୋଟିର ଖେଳାଳି ହେଲେ ମଧ୍ୟ ତାଙ୍କ କ୍ୟାରିଅରର ଶେଷ ସମୟରେ ସେ ଯେମିତି ସଂଘର୍ଷ କରୁଥିଲେ। ତାଙ୍କ ପାଖରେ ଆଉ ଖେଳ ନ ଥିଲା କି ସେ ଅବସର ନେଉ ନ ଥିଲେ। ସବୁଠୁ ସଫଳତମ କ୍ୟାପଟେନ ମହେନ୍ଦ୍ର ସିଂହ ଧୋନୀ। ସମସ୍ତେ ଅନୁଭବ କରିଥିବେ ତାଙ୍କ କ୍ୟାରିୟରର ଶେଷ ବେଳକୁ ତାଙ୍କ ବ୍ୟାଟରୁ ଆଉ ରନ ବାହାରୁ ନ ଥିଲା। ସେ ଅତି କଷ୍ଟରେ ଗୋଟିଏ ଗୋଟିଏ ରନ ନେଉଥିଲେ। ଏପରିକି ସେହି ସମୟରେ ବହୁତ୍ ମ୍ୟାଚରେ ଦେଖାଯାଇଛି ଯେ ବ୍ୟାଟିଂ ବେଳେ ସେ ସାମ୍ନାକୁ ଆସି ନେତୃତ୍ୱ ନେବା ପରିବର୍ତ୍ତେ ସେ ନିଜ ନା ତଳକୁ ତଳ ନେଇ ନିମ୍ନ ଭାଗ ବ୍ୟାଟରମାନଙ୍କୁ ପ୍ରଥମେ ବ୍ୟାଟିଂ ଦେଉଥିଲେ ଓ ନିଜେ ଲୁଚୁଥିଲେ। ତଥାପି ବି ଆମେ କହୁଥିଲେ ଧୋନି ବଢ଼ିଆ ରଣକୌଶଳ କରୁଛନ୍ତି ଓ ସେ ଖେଳ ଚାଲୁ ରଖନ୍ତୁ। ଏସବୁ କେବଳ ଦଳ ଅପେକ୍ଷା ବ୍ୟକ୍ତି ପୂଜାକୁ ପ୍ରାଧାନ୍ୟ ଦେବାର ପ୍ରଭାବ। ଆମର ବ୍ୟକ୍ତି ପୂଜା ଏତେ ବଢ଼ିଯାଏ ଯେ, ଆମକୁ ଆଉ ସତ୍ୟତା ଦେଖାଯାଏନି।

୨୦୨୩ ବିଶ୍ୱକପରେ ଟିମ୍ ଇଣ୍ଡିଆ ବହୁତ୍ ଭଲ ଖେଳିଲା। ଏହା ନିଃସନ୍ଦେହ। ଯଦିଓ ଫାଇନାଲରେ ହାରିଯିବାକୁ ନେଇ କିଏ ଖେଳାଳିଙ୍କୁ, କିଏ ପଡ଼ିଆକୁ ଓ କେହି କେହି ଅଶୁଭ ଲୋକର ପ୍ରବେଶ ଦାୟୀ ବୋଲି କହୁଛନ୍ତି; କିନ୍ତୁ ଖେଳ ପାଇଁ ଶୁଭ,




ଅଶୁଭ ଓ ଅଲକ୍ଷଣା ଆଦି କଥା ବିଜ୍ଞାନସମ୍ମତ ନୁହେଁ। ଫାଇନାଲରେ ଭାରତ ହାରିବା, ଚାପ ସମୟରେ ଦଳର ଖେଳିବାର ଦକ୍ଷତା ଉପରେ ମଧ୍ୟ ଅନେକ ପ୍ରଶ୍ନ ଉଠାଉଛନ୍ତି। ଚଳିତ ବିଶ୍ୱକପ୍‌ରେ ମଧ୍ୟ ବ୍ୟକ୍ତି ପୂଜା ଓ ହିରୋ ଓରସିପ୍‌ର ଝଲକ କମ୍ ଦେଖିବାକୁ ମିଳିନି। ଅଧିନାୟକ ରୋହିତ ଶର୍ମା ସାରା ବିଶ୍ୱକପରେ ଚମତ୍କାର ଖେଳିଲେ। କିନ୍ତୁ ଅନେକ ମ୍ୟାଚରେ ଏପରିକି ଫାଇନାଲରେ ବି ସେ ଅଧୈର୍ଯ୍ୟ ହୋଇ ଦରକାର ନଥାଇ (ମ୍ୟାଚ୍ ପରିସ୍ଥିତି ଆବଶ୍ୟକତାର ବିପରୀତ) କେବଳ ଛକା ଓ ଚଉକା ମାରିବାକୁ ଚେଷ୍ଟା କରି ଇନିଂସକୁ ଅଧାଗଡ଼ା କରି ଆଉଟ୍ ହୋଇଛନ୍ତି। କିନ୍ତୁ ଏ ଦୁର୍ବଳତାକୁ ଆମେ ସ୍ୱୀକାର କରିବା ପରିବର୍ତ୍ତେ ତାଙ୍କୁ ଆହୁରି ଭଗବାନ କଲୁ ଓ କହିଲୁ, ରୋହିତ ନିଃସ୍ୱାର୍ଥ କ୍ରିକେଟ ଖେଳୁଛନ୍ତି। ଭାରତୀୟ ଟିଭି ଧାରାବିବରଣୀ ଦେଉଥିବା ବିଶେଷଜ୍ଞମାନେ ତ ତାଙ୍କୁ ପ୍ରଶଂସାରେ ପୋତି ପକେଇଲେ। ତେଣୁ ଫାଇନାଲରେ ଗୋଟିଏ ୱିକେଟ ଯିବା ପରେ, ମ୍ୟାକ୍ସୱେଲ୍‌ଙ୍କୁ ଗୋଟିଏ ଛଅ ଓ ଚାରି ମାରି ସାରିବା ପରେ ବି ସେ ପୁଣି ନିଃସ୍ୱାର୍ଥ କ୍ରିକେଟ ଖେଳି ଆଉଟ୍ ହେଲେ।

ଆମ ବ୍ୟକ୍ତି ପୂଜନ ମାନସିକତା ଆମ ହିରୋଙ୍କର ସାମାନ୍ୟ ଦୁର୍ବଳତାକୁ ବି ସ୍ୱୀକାର କରିବାକୁ ରାଜି ହୁଏନି। ଏହା ଦୁର୍ଭାଗ୍ୟ। ସେହିପରି ବିରାଟ କୋହଲିଙ୍କ ଶତକ ପାଖେଇ ଆସିଲେ ତାଙ୍କର ମନ୍ଥର ଖେଳକୁ ଆମେ କହୁ କୋଟି କୋଟି ଭାରତୀୟଙ୍କ ସ୍ୱପ୍ନକୁ ସଫଳ କରିବା ପାଇଁ ସେ ପଚାଶ ଶତକ ହାସଲ କରିବା ପାଇଁ ଯେମିତି ଖେଳୁଛନ୍ତି ତାହା ଠିକ୍। ବିରାଟ କୋହଲି ବିଶ୍ୱର ଜଣେ ଚମ୍ପିୟାନ ଖେଳାଳି। ସେ କୋଟି କୋଟି ଲୋକଙ୍କର ହିରୋ। କିନ୍ତୁ ହିରୋଙ୍କର ବି ଦୁର୍ବଳତା ଥାଇପାରେ, ସ୍ୱୀକାର ନ କରିବାଟା ହିଁ ଆମ ଦୁର୍ଭାଗ୍ୟ।

ପ୍ରକୃତରେ କୌଣସି ବି ବ୍ୟକ୍ତିଗତ ରେକର୍ଡ ଦଳର ସ୍ୱାର୍ଥଠାରୁ ଅଧିକ ନୁହେଁ, ଏହାକୁ କ୍ରିକେଟ ପ୍ରେମୀମାନଙ୍କୁ ପ୍ରଥମେ ବୁଝିବାକୁ ହେବ। ରବୀନ୍ଦ୍ର ଜାଡେଜାଙ୍କ ବ୍ୟାଟରୁ ରନ ନ ବାହାରିଲେ ଆମେ ଭକ୍ତ ହୋଇଯାଇ, ପୂର୍ବ ରେକର୍ଡ ଦେଖାଉ। କିନ୍ତୁ କ୍ରିକେଟ ପୂର୍ବ ରେକର୍ଡରେ ଚାଲେନି, ସେହି ଦିନର ଖେଳ ଉପରେ ହିଁ ନିର୍ଭର କରେ। ଏତଦବ୍ୟତୀତ ଆହୁରି ଅନେକ ଖେଳାଳିଙ୍କୁ ଆମେ ପୂଜା କରି ତାଙ୍କୁ ଭଗବାନ ଆସନରେ ବସେଇଛୁ ବୋଲି ତାଙ୍କର ଦୁର୍ବଳତା ଦେଖି ପାରୁନୁ କି ସେମାନେ ବି ଦେଖି ପାରନ୍ତିନି। ଆମ ଦେଶର କ୍ରିକେଟ ପ୍ରଶାସକ, ବିଶେଷଜ୍ଞ, ମନୋନୟନ କମିଟି, ଭାଷ୍ୟକାର ସମସ୍ତଙ୍କ ବ୍ୟବହାର ଠିକ୍ ଏହିପରି। ତେଣୁ ସାଧାରଣ କ୍ରିକେଟପ୍ରେମୀ ଏଥିରୁ ବାଦ୍ ପଡ଼ିବେ କିପରି!

ଆମ ପ୍ରିୟ ଖେଳାଳିଙ୍କୁ ଆମେ ଭଗବାନ ଆସନରେ ବସେଇ ଥିବାରୁ, ସେମାନଙ୍କ ଫର୍ମ ଓ ବୟସ ଯିବା ପରେ ବି ସେମାନେ ସ୍ଥାନ ଛାଡ଼ିବାକୁ କୁଣ୍ଠିତ ହୁଅନ୍ତି। କିମ୍ବଦନ୍ତୀ ମାନ୍ୟତା ହାସଲ କରିଥିବା କ୍ରିକେଟ୍ ଜଗତର ତଥାକଥିତ ଭଗବାନ ସଚିନ ତେନ୍ଦୁଲକରଙ୍କ ଉଦାହରଣ ନିଆଯାଇପାରେ। ଏକଦିବସୀୟ କ୍ରିକେଟ୍‌ରେ ୫୦ ଶତକ ଓ ଅନ୍ତର୍ଜାତୀୟ କ୍ରିକେଟ୍‌ରେ(ଉଭୟ ଟେଷ୍ଟ ଓ ଏକଦିବସୀୟ)ରେ ୧୦୦ତମ ଶତକ ହାସଲ କରିବା ଲକ୍ଷ୍ୟରେ ସେ ଲଗାତାର ଦୁର୍ବଳ ପ୍ରଦର୍ଶନ ଓ ହତ ଲୟ ସତ୍ତ୍ୱେ କିପରି ନିଜ ଆଡୁ ଅବସର ଗ୍ରହଣ କରିବାକୁ ରାଜି ନଥିଲେ ଏବଂ ସବୁଆଡୁ ଚାପ ପଡ଼ିବା ପରେ ବାଧ୍ୟବାଧକତାରେ ଅବସର ଗ୍ରହଣ କରିଥିଲେ ତାହା ମଧ୍ୟ ଆଉ ଏକ ଚର୍ଚ୍ଚିତ ପ୍ରସଙ୍ଗ। ଭାରତ ବ୍ୟତୀତ ଅଲଗା ଦେଶରେ ଆମେ ଦେଖୁଛୁ ଫର୍ମ ଥାଇ ବି କ୍ରିକେଟରମାନେ ଅବସର ନେଇ ନୂଆ ପିଢ଼ି ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି। କିନ୍ତୁ ଆମ ଦେଶରେ ମନୋନୟନ କମିଟି ତାଙ୍କୁ ବିଦା ନ କରିବା ଯାଏ ସେମାନେ ଜାଗା ଛାଡ଼ନ୍ତିନି। ଏଥସହିତ ଗଣମାଧ୍ୟମ ବି ସାମାନ୍ୟ ସଫଳତାରେ ଆମ ଖେଳାଳିମାନଙ୍କୁ ନେଇ ଏମିତି ଉଚ୍ଚ ଆସନରେ ବସେଇ ଦେଉଛନ୍ତି ଯେ ସେମାନେ ଆଉ ତଳକୁ ଦେଖି ପାରୁନାହାନ୍ତି। ତଳକୁ ଦେଖି ନପାରିଲେ କ୍ରିକେଟ ପଡ଼ିଆରେ ରନ ହେବ କେମିତି ବା ୱିକେଟ ଆସିବ କେମିତି! ଯଶପ୍ରିତ ବୁମରା ଓ ମହମ୍ମଦ ସାମୀଙ୍କର ସଫଳତାକୁ ଗଣମାଧ୍ୟମ ଏମିତି ବଢ଼େଇ ଚଢ଼େଇ ପ୍ରଚାର କଲା ଯେ, ଫାଇନାଲ ଦିନ ଦରକାର ବେଳେ ସେମାନେ ଅଷ୍ଟ୍ରେଲିଆର ଗୋଟେ ଗୁରୁତ୍ୱପୂର୍ଣ୍ଣ ଯୋଡ଼ିକୁ ଭାଙ୍ଗି ପାରିଲେନି କି ରନ ବି ଅଟକେଇ ପାରିଲେ ନାହିଁ। ଅବଶ୍ୟ ଗଣମାଧ୍ୟମ ତାଙ୍କ କାମ କରିବେ; କିନ୍ତୁ ଖେଳାଳିଙ୍କୁ ପଡ଼ିଆରେ ହିଁ ଧ୍ୟାନ ରଖିବାକୁ ହେବ।

ଫାଇନାଲ ପୂର୍ବରୁ ସେହି ଗଣମାଧ୍ୟମ ଓ ଆମ ଦେଶର କ୍ରିକେଟ ବିଶେଷଜ୍ଞମାନେ ଟିମ୍ ଇଣ୍ଡିଆକୁ ଏତେ ଶକ୍ତିଶାଳୀ ବୋଲି ପ୍ରଚାର କରୁଥିଲେ ଯେମିତି ପାଞ୍ଚ ଥର ବିଶ୍ୱ ଚାମ୍ପିଅନ ଅଷ୍ଟ୍ରେଲିଆ ଗୋଟେ କ୍ଲବ୍ ଦଳ। କିନ୍ତୁ ଫଳ ଠିକ୍ ଓଲଟା ହେଲା। ଆମ ଗଣମାଧ୍ୟମ ଓ ଦେଶୀୟ କ୍ରିକେଟ ବିଶେଷଜ୍ଞମାନେ ଆଉ ଟିକେ ନିରପେକ୍ଷ ଓ ବାସ୍ତବବାଦୀ ହୋଇ ପାରନ୍ତେନି! ଅନ୍ତତଃ କ୍ରିକେଟ କ୍ଷେତ୍ରରେ। କ୍ରିକେଟ ଗୋଟେ ଅନିଶ୍ଚିତତାର ଖେଳ। ଏଥିରେ ହାର ଓ ଜିତ୍ ଅଛି। ଦଳ ବିଜୟୀ ହେଉ କି ପରାଜୟ ଭୋଗୁ, ଖେଳାଳିଙ୍କୁ ଦଳ ଠାରୁ ବଡ଼ ଆସନରେ ବସେଇବା ଉଚିତ୍ ନୁହେଁ। କ୍ରିକେଟପ୍ରେମୀ ବ୍ୟକ୍ତି ପୂଜା ଛାଡ଼ି କ୍ରିକେଟକୁ ଓ ଦଳକୁ ଭଲପାଇବା ଜରୁରୀ।

# ଚରିତ୍ରର ଜଗୁଆଳି



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭

ଆମର ଉତ୍ତମ ଆଚରଣ ଓ ବ୍ୟବହାର ଭଗବାନଙ୍କ ଦୟାରୁ ଆମକୁ ପ୍ରାପ୍ତ ହେବା ସମସ୍ତ ଆଶୀର୍ବାଦର ମୂଳରେ। ଭଗବାନଙ୍କ ଆଶୀର୍ବାଦରୁ ମଧ୍ୟ ଆମକୁ ଅନେକ ଅପ୍ରତ୍ୟାଶିତ ସୁବିଧା ଓ ଉପକାର ପ୍ରାପ୍ତ ହୋଇଥାଏ। ଯାହା ଆମେ ସବୁବେଳେ ଉପଲବ୍ଧି କରିପାରୁ ନାହିଁ। ସତ୍ୟ ଓ ଅହିଂସାର ପାଳନ, ସନ୍ତୋଷ ଓ ତୃପ୍ତି, କଠୋର ଆତ୍ମସଂଯମ ଓ ସୃଷ୍ଟିକର୍ତ୍ତାଙ୍କ ନିକଟରେ ଆତ୍ମସମର୍ପଣ ଏହିସବୁ ଆମର ଉତ୍ତମ ଆଚରଣ ମଧ୍ୟରୁ କେତୋଟି। ଉତ୍ତମ ଚରିତ୍ର ଓ ଆଚରଣଠାରୁ ବଳି ଆଉ ବଡ଼ ଧନ କିଛି ନାହିଁ। ସମାଜରେ ଉତ୍ତମ ଓ ଭଦ୍ର ଆଚରଣ ଯେଉଁ ଖ୍ୟାତି, ସୁନାମ, ଯଶ ଓ ସମ୍ମାନ ଆଣେ ତାହା ସ୍ୱର୍ଗୀୟ ସୁଖଠାରୁ କିଛି କମ୍ ନୁହେଁ। ତେଣୁ କାହା ସହିତ ଅଶିଷ୍ଟ, ଅମାର୍ଜିତ ବା ଅଭଦ୍ର ବ୍ୟବହାର କରନାହିଁ। ଭଦ୍ର ଆଚରଣ ଓ ଶିଷ୍ଟତା ପାଇଁ କୌଣସି ମୂଲ୍ୟ ଦେବାକୁ ପଡ଼େ ନାହିଁ, କିନ୍ତୁ ଅନେକ ସମୟରେ ଏହା ଅଶେଷ ଲାଭପ୍ରଦ ହୋଇଥାଏ।

ଆମେ ଯାହାକୁ ସାଧୁତା କହିଥାଉ ତାହା ନ୍ୟାୟରେ ଅର୍ଜି ଅର୍ଥକୁ ଓ ତାହା ସଙ୍ଗେ ସଙ୍ଗେ ବିଶ୍ୱାସ ଯୋଗ୍ୟତା, ନିଷ୍ଠାପରତା, ଅକପଟତା ଓ ପ୍ରତାରଣାରୁ ମୁକ୍ତି ମଧ୍ୟ ବୁଝାଇ ଥାଏ। ସାଧୁତା ଏପରି ଏକ ମୌଳିକ ନିୟମ, ଯାହା ନୈତିକତାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭିତ୍ତି। ଜଣେ ସାଧୁ ବ୍ୟକ୍ତିକୁ ସମସ୍ତେ ବିଶ୍ୱାସ କରନ୍ତି ଏବଂ ସମ୍ମାନ କରନ୍ତି; ତେଣୁ ସେ ସଫଳତା ପ୍ରାପ୍ତ ହୁଏ ଓ ସୁନାମ ହାସଲ କରେ। ସେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରେ। ତା'ର ବିବେକ ନିର୍ମଳ ଥାଏ। ସେ ଶାନ୍ତି ଲାଭ କରେ। ନିଜର ବାସନା, ଅଭିଳାଷ ଓ କାମନାମାନଙ୍କ ଉପରେ ଯାହାର ନିୟନ୍ତ୍ରଣ ଥାଏ, ଯିଏ କ୍ରୋଧକୁ ମଧ୍ୟ ନିଜର କର୍ତ୍ତୃତ୍ୱରେ ରଖେ, ଯାହାର ଆତ୍ମସଂଯମ ଥାଏ, ଯିଏ ଉଦ୍ଧତ, ଗର୍ବିତ ବା ଅବିନୀତ ନୁହେଁ, ଯାହାର ଧନଲୋଭ କିମ୍ବା ଅର୍ଥଲିପ୍‌ସା ନଥାଏ ଏବଂ ସେ ଭଲ ଗୁଣକୁ ଭଲ ଗୁଣ ପାଇଁ ଭଲ ପାଏ ଓ ଆପଣାର କରିଥାଏ, ସେ ହିଁ ନୀତିମାନ୍ ଓ ଗୁଣବାନ୍। ତା'ର ଅନ୍ୟ କୌଣସି ଲାଭ ଆଶା ନଥାଏ।

ପିତା, ମାତା, ଗୁରୁ ଓ ଗୁରୁଜନମାନଙ୍କ ଆଦେଶ ଓ ଆଜ୍ଞା ପାଳନ କରିବା ଭଲଗୁଣମାନଙ୍କ ମଧ୍ୟରୁ ଗୋଟିଏ। ଏହା ଆଜ୍ଞାନୁବର୍ତ୍ତିତା ଏବଂ ଅନ୍ୟର ଇଚ୍ଛା ପ୍ରତି ସମ୍ମାନ ପ୍ରଦର୍ଶନ। ଯିଏ ଆଜ୍ଞାନୁବର୍ତ୍ତୀ



ସେ କାର୍ଯ୍ୟ ପକାଇ ରଖେ ନାହିଁ, ଦୀର୍ଘସୂତ୍ରୀ ହୁଏ ନାହିଁ କିମ୍ବା ଅଯଥାରେ କୌଣସି କାମରେ ଡେରି କରେ ନାହିଁ। ତେଣୁ ଏହାକୁ ସଫଳତାର ପ୍ରଥମ ସୋପାନ କୁହାଯାଏ। ଅନୈତିକ, ଈର୍ଷାପରାୟଣ, ଅନିଷ୍ଟପ୍ରିୟ ଓ ଖଳ ପ୍ରକୃତିର ଖରାପ ଲୋକେ ଭୟ ପାଇଁ ହୁଏତ ଆଜ୍ଞାନୁବର୍ତ୍ତୀ ହୋଇଥା'ନ୍ତି, କିନ୍ତୁ ଉତ୍ତମ ପ୍ରକୃତିର ଲୋକେ ଆଦେଶର ନ୍ୟାୟ ସଙ୍ଗତତା, ଯଥାର୍ଥତା ଓ ସମର୍ଥନ ଯୋଗ୍ୟତା ବୁଝି ଆଦେଶ ପାଳନ କରିଥା'ନ୍ତି। ଯେଉଁ ଦେଶରେ ଏକଛତ୍ରବାଦୀ ଶାସକର ଆଦେଶ ପାଳନ ନକଲେ ମୃତ୍ୟୁଦଣ୍ଡ ଅବଶ୍ୟମ୍ଭାବୀ ସେଠାରେ ଜୀବନରକ୍ଷା ବରଂ ଶ୍ରେୟସ୍କର।

ସହନଶୀଳତା ଓ ସହିଷ୍ଣୁତା ଏକ ଦୈବୀଗୁଣ। ଶାରୀରିକ ଯନ୍ତ୍ରଣା ଆଦି ସହିବା, ମାନସିକ ଦୁଃଖ ଓ ଅପମାନ ଆଦି ସହିବା ଏବଂ ସହନଶୀଳ ବ୍ୟବହାର ଦେଖାଇବା ଏ ସମସ୍ତରେ କିଛି ନା କିଛି ସଦ୍‌ଗୁଣ ଓ ମହାନତା ଅଛି; କିନ୍ତୁ ଏହାର ଅର୍ଥ ନୁହେଁ ଯେ ଦେହ ଖରାପ ହେଲେ ବା କେଉଁଠାରେ କ୍ଷତ ହେଲେ ଡାକ୍ତରଙ୍କୁ ଦେଖାଇବ ନାହିଁ। ମନ ଖରାପ ହେଲେ ପରିବାର ଗୁରୁଜନ ଓ ବନ୍ଧୁମାନଙ୍କର ଉପଦେଶ ଶୁଣିବାକୁ ଯିବ ନାହିଁ କିମ୍ବା କାହାର ଦୁର୍ବ୍ୟବହାର ଅସହ୍ୟ ହେଲେ ମଧ୍ୟ ତା'କୁ ହସି ହସି ସହିନେବ। ଅନ୍ୟର ମତକୁ ସମ୍ମାନ ଦେଖାଇବା ହିଁ ସାମାଜିକ ଜୀବନ ଓ ମାନବିକତା। କିଛି ଇପ୍ସିତ ଶୁଭ ପାଇଁ କୌଣସି ପଦାର୍ଥ ବା ଅଭ୍ୟାସ ଛାଡ଼ିଦେବାକୁ ଆମେ ତ୍ୟାଗ କହୁ। ଯେଉଁଠାରେ ଏଭଳି ମଙ୍ଗଳ ଓ ଶୁଭ ପାରିବାରିକ ଓ ସାମାଜିକ ଶାନ୍ତି ଥାଏ ସେଠାରେ ଆମର ବ୍ୟକ୍ତିଗତ ଲାଭ, ଅଭିମାନ ବା ଆତ୍ମବଡ଼ିମା ତ୍ୟାଗ କରିଦେବାଠାରୁ ବଳି ଆଉ ବଡ଼ ତ୍ୟାଗ କିଛି ନାହିଁ। ସେବା ଓ ତ୍ୟାଗକୁ ଜୀବନର ଆଦର୍ଶ କଲେ ଜୀବନରେ ମହାନତା ପ୍ରାପ୍ତି ହେବ।

ସାଧୁତା ଓ ନୈତିକତାର ଜୀବନ ଯାପନ କର ଓ ନ୍ୟାୟ ପରାୟଣ ଭାବେ ସମସ୍ତ କର୍ତ୍ତବ୍ୟ ସମ୍ପାଦନ କର। ଛାତ୍ରଛାତ୍ରୀମାନେ ମନେରଖିବେ, ଚରିତ୍ର ହିଁ ସେମାନଙ୍କର ପ୍ରଧାନ ବଳ। ଉତ୍ତମ ଚରିତ୍ର ବିନା ଜୀବନ ବୃଥା। ପିଲାଦିନେ ଆମେ ପଢ଼ିଥିଲୁ 'ଥିଲେ ଆଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର।' ଏହା ସବୁ ଯୁଗ ପାଇଁ ସତ୍ୟ। ଚରିତ୍ର ଏପରି ଏକ ଗୁଣ ନୁହେଁ, ଯାହା ଥରେ ତିଆରି ହୋଇଗଲେ ସବୁଦିନ ପାଇଁ ସଜାଡ଼ି ହୋଇଯିବ। ଉତ୍ତମ ଚରିତ୍ର ପାଇଁ ଯଦି ତୁମେ ଇଚ୍ଛା କର ତୁମେ ନିଜର ବିବେକକୁ ଜଗୁଆଳୀ କରିଦିଅ। ଧୂମପାନ, ମଦ ଓ ବିଭିନ୍ନ ପ୍ରକାରର ନିଶା ଉପଭୋଗରୁ ବିରତ ରହିଲେ ଚରିତ୍ର ତା' ନିଜ ବାଟରେ ଠିକ୍ ରହିବ। ଖାଦ୍ୟ ହେଉ, ପାନୀୟ ହେଉ ବା ଅନ୍ୟ ଯେକୌଣସି କାର୍ଯ୍ୟକୁ ଅବାଧରେ ଉପଭୋଗ କରିବା, ଇଚ୍ଛାପୂରଣ କରି ମନକୁ ତୁଷ୍ଟ କରିବା, ନିଜକୁ ପରିତୁଷ୍ଟ କରିବା ପାଇଁ ବ୍ୟଗ୍ର ରହିବା ଏବଂ ସୀମା ପାର କରିବା ଏପରି ଏକ ପ୍ରକୃତି, ଯାହା ଚରିତ୍ରକୁ କଳୁଷିତ କରେ ଓ ଅବାଟରେ ନେଇଯାଏ। ମଦ୍ୟପାନ, ଧୂମପାନ, ଗୁଟ୍‌କା ଆଦିର ଅଭ୍ୟାସରୁ ସମ୍ପୂର୍ଣ୍ଣ ନିବୃତ୍ତିର ପ୍ରତିଜ୍ଞା ଆବଶ୍ୟକ। ମଦିରା, ଗଞ୍ଜେଇ, ଅଫିମ ଓ ଡ୍ରଗ୍ସ ଆଦି ନିଶା ଅଭ୍ୟାସ, ଖାଦ୍ୟ ଲୋଭ, ଅମିତାଚାର, ଅତି ଚପଳତା ଆଦି ଯେକୌଣସି ବଦଭ୍ୟାସକୁ ତ୍ୟାଗ ନ କଲେ ଚରିତ୍ରକୁ ନିର୍ମଳ କରିବା ଅସମ୍ଭବ।

ଆମ ଚରିତ୍ରର ଦ୍ୱିତୀୟ ଜଗୁଆଳୀ ହେଲା ଆମର ସତର୍କତା ଓ ସଜାଗତା। କର୍ମତତ୍ପରତା ଆମକୁ ଚଞ୍ଚଳ ଓ ଶକ୍ତିସମ୍ପନ୍ନ କରେ। ଆମ ସ୍ୱଭାବରେ ସତ୍ୱରତା ଓ ଶୀଘ୍ରତା ରହିଲେ ଚରିତ୍ରରେ ସତେଜତା, ସାହସିକତା ଆସେ ଏବଂ ଆମେ ଜାଗ୍ରତ ଓ ସତର୍କ ରହୁ ଯେପରି ତନ୍ଦ୍ରାଛନ୍ନତା, ନିସ୍ତେଜତା, ନିରସତା, ନିଷ୍କ୍ରିୟତା, ଆଳସ୍ୟ ଓ ନିର୍ବୋଧତା ଆମକୁ ଦାସ ନ କରନ୍ତି। ଆମେ ସତେଜ ଓ ସତର୍କ ରହିଲେ ଆମ ଆଚରଣ ମଧ୍ୟ ସତର୍କ ଓ ସତେଜ ରହିବ ଏବଂ ଆମ ଚରିତ୍ର ଏକ ଆଦର୍ଶ ଚରିତ୍ର ମଧ୍ୟରେ ଗଣା ହେବ। ଆମ ଚରିତ୍ରର ସବୁଠାରୁ ବଡ଼ ଜଗୁଆଳି ଆମେ ନିଜେ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

■ ସ୍ୱୀକାର ହେଲାନି ଭାରତର ପରାଜୟ

## ଜୀବନ ହାରିଲେ ଯୁବକ

**ସିଂହପୁର,୨୦।୧୧(ସମିସ):** ବିଶ୍ୱକପ୍‌ରେ ଭାରତର ପରାଜୟକୁ ସ୍ୱୀକାର କରି ନପାରି ଜୀବନ ହାରିଲେ ଯୁବକ। ବିଂଝାରପୁର ବ୍ଲକ ଅନ୍ତର୍ଗତ ଜରି ଗ୍ରାମ କୂଳସାହିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଦେବ ରଞ୍ଜନ ମଲିକ (୨୩)। ରବିବାର କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଅଷ୍ଟ୍ରେଲିଆଠାରୁ ଭାରତ ହାରିଯିବା ପରେ ଦେବ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ଘରକୁ ଫେରି ତାଙ୍କ ମା'ଙ୍କୁ ଏ ସଂପର୍କରେ ଜଣାଇବା ସହ ବ୍ୟସ୍ତବିବ୍ରତ ହୋଇ ଏଣେତେଣେ ବୁଲିଥିଲେ। ଏପରିକି ରାତିରେ ଘରକୁ ଫେରିନଥିଲେ। ତେବେ ଆଜି ଭୋର୍‌ରେ ଦେବ ତାଙ୍କ ସାନବାପାଙ୍କ ନବନିର୍ମିତ କୋଠାଘରର ଛାତ ରଡ୍‌ରେ ତାଙ୍କ ଶବ ଝୁଲୁଥିବା ପରିବାରଲୋକ ଦେଖିବାକୁ ପାଇଥିଲ। ଜରି ଫାଣ୍ଡି ଅଧିକାରୀ ଇନ୍ଦ୍ରମଣି ଜୁଆଙ୍ଗ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲେ। ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ସଦର ମହକୁମା ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଞ୍ଜୀବ ପାତ୍ରଙ୍କ ଉପରୁ ଉଠିଲା ନିଲମ୍ବନ

**ଭୁବନେଶ୍ୱର, ୨୦।୧୧(ସମିସ):** ଜି. ଉଦୟଗିରି ଏନ୍‌ଏସିର କାଉନସିଲର୍ ପି. ସଞ୍ଜୀବ କୁମାର ପାତ୍ରଙ୍କ ଉପରୁ ବିଜୁ ଜନତା ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହମତିକ୍ରମେ ଶ୍ରୀ ପାତ୍ରଙ୍କ ଉପରୁ ଆଜିଠାରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦଳୀୟ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

ସର୍ବଦଳୀୟ ବୈଠକ

# ନିର୍ଦ୍ଧାରିତ ସୂଚୀରେ ଚାଲିବ ଗୃହ

**ଭୁବନେଶ୍ୱର,୨୦।୧୧(ସମିସ):** ଆସନ୍ତାକାଲିଠାରୁ ଷୋଡ଼ଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଅର୍ଥାତ୍ ଶୀତ ଅଧିବେଶନ ଆରମ୍ଭ ହେଉଛି। ଏହି କ୍ରମରେ ଆଜି ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନବ୍ୟାପୀ ଗୃହକାର୍ଯ୍ୟ କିପରି ସୁରୁଖୁରୁରେ ଚାଲିବ, ସେନେଇ ବୈଠକରେ ବାଚସ୍ପତି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଅପରପକ୍ଷେ ପୂର୍ବନିର୍ଦ୍ଧାରିତ ସମୟ ସୂଚୀ ଅନୁଯାୟୀ ଗୃହକାର୍ଯ୍ୟ ଚାଲିବ। କେବଳ ପ୍ରଥମ ଦିନକୁ ଛାଡ଼ିଦେଲେ, ପ୍ରତିଦିନ ଗୃହକାର୍ଯ୍ୟ ୧୦ଟା ୩୦ରୁ ୧ଟା ୩୦ ଏବଂ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ଯାଏଁ ଚାଲିବ ବୋଲି ବାଚସ୍ପତି କହିଛନ୍ତି।

ନିଷ୍ପତ୍ତି ଅନୁଯାୟୀ, କୌଣସି ସଦସ୍ୟ ଭିଡିଓ କନଫରେନ୍ସି ଜରିଆରେ ଗୃହକାର୍ଯ୍ୟରେ ଭାଗ ନେଇପାରିବେ ନାହିଁ। ଯଦି କୌଣସି ସଦସ୍ୟ ଅସୁସ୍ଥ ଥାଆନ୍ତି, ତାହେଲେ ସେମାନେ ବାଚସ୍ପତିଙ୍କ ଅନୁମତି ନେଇ ଆସନରେ ବସି ନିଜ ବକ୍ତବ୍ୟ ରଖିପାରିବେ। ସେହିପରି ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ, ସପ୍ତାହରେ ବିରୋଧୀ ବିଜେପି ୪ଦିନ ମୁଲତବୀ ପ୍ରସ୍ତାବ ଆଣିବାକୁ ଥିବା ବେଳେ କଂଗ୍ରେସ ୨ଦିନ ମୁଲତବୀ ପ୍ରସ୍ତାବ ଆଣିପାରିବ। ମଙ୍ଗଳବାର ଓ ଶନିବାର କଂଗ୍ରେସ ପକ୍ଷରୁ ମୁଲତବୀ ପ୍ରସ୍ତାବ ଆଗତ ହେବାକୁ ଥିବା ବେଳେ ଅନ୍ୟ ଦିନଗୁଡ଼ିକରେ ବିଜେପି ମୁଲତବୀ ପ୍ରସ୍ତାବ ଆଣିବ। ଚଳିତ ଅଧିବେଶନରେ କୋଶଳୀ ଭାଷାରେ କହିବାକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ବୈଠକରେ ପ୍ରସ୍ତାବ ରଖିଥିଲେ। ବିଧାନସଭାରେ ସଦସ୍ୟମାନଙ୍କୁ କୋଶଳୀ ଭାଷାରେ କହିବାକୁ ଅନୁମତି ଦିଆଯାଉ ବୋଲି ସେ କହିଥିଲେ। ଏହାର ଉତ୍ତରରେ ବାଚସ୍ପତି କହିଥିଲେ ଯେ କୋଶଳୀ ଭାଷାରେ ବିଧାନସଭାର ବିବରଣୀରେ ବକ୍ତବ୍ୟ ଲେଖାଯିବା ପାଇଁ କ୍ଷୀପ୍ର ଲେଖକ ନଥିବାରୁ ଚଳିତ ଅଧିବେଶନରେ ଏହି ବ୍ୟବସ୍ଥା କରିବା ସମ୍ଭବ ହେବ ନାହିଁ। କ୍ଷୀପ୍ର ଲେଖକ ନିଯୁକ୍ତି ପାଇଁ କେତେକ ନୀତି ନିୟମ ରହିଛି। ସେହି ନୀତି ନିୟମର ଅନୁପାଳନ କରାଯାଇ କ୍ଷୀପ୍ର ଲେଖକ ନିଯୁକ୍ତି କରାଯିବ। ଏହାପରେ ଆଗାମୀ ଦିନରେ ଗୃହରେ କୋଶଳୀ ଭାଷାର ବ୍ୟବହାର ନେଇ ବ୍ୟବସ୍ଥା କରାଯାଇପାରିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଲକ୍ଷରେ ବାଘ ଛାଲ ଡିଲ୍ ବେଳେ ଧରାପଡ଼ିଲା ମାଫିଆ

**ଭୁବନେଶ୍ୱର,୨୦।୧୧ (ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅଞ୍ଚଳରୁ ଏସ୍‌ଟିଏଫ୍ ଦୁଇଟି କଲରାପତରିଆ ବାଘଛାଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ବୈଦ୍ୟରାଜ ମଲ୍ଲିକ (୪୦)। ତାଙ୍କ ଘର ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ ବାଲିବେରେଣାରେ। ଏସ୍‌ଟିଏଫ୍‌ର ଏକ ଟିମ୍ ଦଶପଲ୍ଲା ଥାନା ଅନ୍ତର୍ଗତ କୁଆଁରିଆ ଡ୍ୟାମ୍ ଡିୟର-ପାର୍କ ନିକଟରେ ଚଢ଼ଉ କରି ବୈଦ୍ୟରାଜଙ୍କଠାରୁ ଦୁଇଟି ବାଘଛାଲ ଜବତ କରିଥିଲା। ଜବତ ବାଘଛାଲକୁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ (ଡଓଓ)କୁ ଯାଞ୍ଚ ପାଇଁ ପଠାଯିବ। ମିଳିଥିବା ସୂଚନାନୁସାରେ, ବୈଦ୍ୟରାଜ ଦୀର୍ଘ ଦିନ ହେବ ଏହି ବେଆଇନ କାରବାର କରିଆସୁଛି। ସେ ଶିକାରୀଙ୍କ ଜରିଆରେ ଜଙ୍ଗଲରେ ବାଘ, ହରିଣ ଏବଂ ଅନ୍ୟାନ୍ୟା ବନ୍ୟଜନ୍ତୁ ଶିକାର କରି ଛାଲ, ଦାନ୍ତ, ନଖ ଆଦି ମୂଲ୍ୟବାନ୍ ଅଙ୍ଗପ୍ରତ୍ୟଙ୍ଗକୁ ରାଜ୍ୟ ବାହାରକୁ ଚାଲାଣ କରିଥାଏ। ପୂର୍ବରୁ ଏପରି ଘଟଣାରେ ଧରାପଡ଼ି ବୈଦ୍ୟରାଜ ୨/୩ଥର ଜେଲ୍ ଯାଇଛି। ଗତକାଲି ସେ ଦୁଇଟି କଲରାପତରିଆ ବାଘଛାଲକୁ ୧୦ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଯୋଜନା କରିଥିଲା। କୁଆଁରିଆ ଡ୍ୟାମ୍ ଡିୟର୍-ପାର୍କ ନିକଟରେ ସେ ଗ୍ରାହକ ଅପେକ୍ଷାରେ ଥିବା ବେଳେ ଖବର ପାଇ ଏସ୍‌ଟିଏଫ୍ ସେଠାରେ ଅତର୍କିତ ଚଢ଼ଉ କରିଥିଲା। କାର୍ ଭିତରେ ଥିବା ଅନ୍ୟ ୨ ଅଭିଯୁକ୍ତ କାର୍ ସହ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ବୈଦ୍ୟରାଜ ଧରାପଡ଼ିଥିଲା। ଫେରାର୍ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ ତନାଘନା ଆରମ୍ଭ କରିଛି।

# ହାତୀ ମୃତ୍ୟୁ ଘଟଣାରେ ୫ ଗିରଫ

**ତେଲକୋଇ, ୨୦।୧୧(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ ଆକୁଳ ମୁଣ୍ଡାସାହିରେ ଶନିବାର ବିଦ୍ୟୁତ୍ ଆଘାତରେ ଛୁଆ ଦନ୍ତାହାତୀ ମୃତ୍ୟୁ ଘଟଣାରେ ବନବିଭାଗ ୫ଅଭିଯୁକ୍ତକୁ ଗିରଫ କରିଛି। ସେମାନେ ହେଲେ, ପୂର୍ଣ୍ଣଚନ୍ଦ୍ର ମୁଣ୍ଡା (୨୦), ଅନିଲ ମୁଣ୍ଡା (୨୦), ଡାନିଏଲ ମୁଣ୍ଡା (୨୩), ଶିବ ମୁଣ୍ଡା (୩୩) ଓ ଦୀପକ ମୁଣ୍ଡା (୪୨)। ଅଭିଯୁକ୍ତମାନେ ଆକୁଳ ମୁଣ୍ଡାସାହିର ବୋଲି ବନ ବିଭାଗ ସୂଚନା ଦେଇଛି। ସେମାନଙ୍କଠାରୁ ବ୍ୟାଟେରୀ, ତାର, ସୋଲାର ଓ ଅନ୍ୟାନ୍ୟ ଶିକାର ସରଞ୍ଜାମ ଜବତ ହୋଇଛି। ପ୍ରକାଶଥାଉକି, ଫସଲ ଓ ଘରଦ୍ୱାରକୁ ହାତୀ କବଳରୁ ସୁରକ୍ଷା ଦେବାକୁ ଆକୁଳ ମୁଣ୍ଡାସାହି ନିକଟରେ ଲୋକେ ସୌର ବିଦ୍ୟୁତ୍ ଝଟ୍‌କା ତାରବାଡ଼ ବ୍ୟବହାର କରୁଛନ୍ତି। ମାତ୍ର ରାତି ହେଲେ ଏହି ତାରବାଡ଼ରେ ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ସେମାନେ ସୌର ବିଦ୍ୟୁତ୍ ବଦଳରେ ଉଚ୍ଚକ୍ଷମତା ସଂପନ୍ନ ଘରୋଇ ବିଦ୍ୟୁତ୍ ସଂଯୋଗ କରିଦେଉଛନ୍ତି। ଉକ୍ତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ହୋଇଥିବା ବନ ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି।

# ଦନ୍ତା ଆକ୍ରମଣରେ ଯୁବକ ମୃତ

**ତେଲକୋଇ, ୨୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମଦନ ମୋହନ ନାୟକ। ତାଙ୍କ ଘର ଆକୁଳ ମଲଣ୍ଡା ଗ୍ରାମରେ। ୧୫ ବର୍ଷ ହେବ ସେ ସିରିଗିଡ଼ା ପଞ୍ଚାୟତ ପୁରୁଷୋତ୍ତମପୁରରେ ଶଶୁର ଘରେ ରହୁଥିଲେ। ଦୁଇ ବନ୍ଧୁ ବୁଧୁରାମ ମୁଣ୍ଡା ଓ ଦୀପକ ମୁଣ୍ଡାଙ୍କ ସହ ସେ ଏକ ବାଇକ୍‌ରେ ଗୋପିନାଥପୁର ଗ୍ରାମକୁ ଯାଉଥିବା ବେଳେ ବନ୍ଧନଝରୀ ସଂରକ୍ଷିତ ଜଙ୍ଗଲ ଚାରିକଣିଆ ରାସ୍ତାରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ରାସ୍ତାକଡ଼ରୁ ହଠାତ୍ ଦନ୍ତାଟି ବାହାରି ଆସି ବାଇକ୍ ପଛରେ ବସିଥିବା ମଦନଙ୍କୁ ଟାଣି ନେଇ ପାଦରେ ଦଳି ଦେଇଥିଲା। ଅନ୍ୟ ଦୁଇଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେଲକୋଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥାନୀୟ ଜନସାଧାରଣ ଓ ବନ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।


H-47

**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର**

ବିଜ୍ଞାପନ ନଂ. ୭୧/୨୦୨୩ — ତା. ୨୦.୧୧.୨୦୨୩

**ବିଜ୍ଞାପନ**

ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର ଆସନ୍ତା ଖରିଫ ୨୦୨୩-୨୪ ଧାନ ମଣ୍ଡିର ସୁପରିଚାଳନା ପାଇଁ Quality Analyst ଓ Watchman ପଦବୀ ନିମନ୍ତେ Outsourcing Agency ଙ୍କ ମାଧ୍ୟମରେ ଯୋଗ୍ୟ କର୍ମଚାରୀ ଆବଶ୍ୟକ କରୁଅଛି। ଏଣୁ ଯେଉଁ Outsourcing Agency ମାନେ କର୍ମଚାରୀ ନିଯୋଜିତ କରିବାପାଇଁ ଆଗ୍ରହୀ ସେମାନେ Website www.nabarangpur.nic.in ରୁ ତା. ୨୧.୧୧.୨୦୨୩ ରିଖ ଠାରୁ ତା.୦୬.୧୨.୨୦୨୩ରିଖ ସନ୍ଧ୍ୟା ୫.୩୦ ଘଣ୍ଟା ପର୍ଯ୍ୟନ୍ତ ବିଶେଷ ବିବରଣୀ ପାଇପାରିବେ।

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର — ସଂପାଦକ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

OIPR-07079/11/0001/2324



MM-287

**ବିଜ୍ଞପ୍ତି**

**ବନଖଣ୍ଡ ଅଧିକାରୀ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ, ଚାନ୍ଦବାଲି, ଜିଲ୍ଲା-ଭଦ୍ରକ-୭୫୬୧୩୩।**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚର ନିମନ୍ତେ ଜଣାଇ ଦିଆଯାଉଛି କି, ସେଚ୍ଛାକୃତ ଭାବରେ ସାପ ଉଦ୍ଧାର ଏବଂ ପୁର୍ନବାସ କରାଉଥିବା ବ୍ୟକ୍ତି ମାନଙ୍କୁ ସରକାରଙ୍କ ତରଫରୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଉଅଛି। ସେଥିପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ( Snake Handler) ମାର୍ଗଦର୍ଶିକା ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ, ଚାନ୍ଦବାଲି କାର୍ଯ୍ୟାଳୟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଆବେଦନ କରିପାରିବେ। ଏଥି ସମ୍ବନ୍ଧୀୟ ବିସ୍ତୃତ ମାର୍ଗଦର୍ଶିକା ଭଦ୍ରକ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଚାନ୍ଦବାଲି /ବାସୁଦେବପୁର /ଭଦ୍ରକ /ଧାମନଗର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ୱେବସାଇଟ୍ (www.wildlife.odisha.gov.in) ରେ ଉପଲବ୍ଧ ଅଛି।

ବନଖଣ୍ଡ ଅଧିକାରୀ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ

OIPR-08079/11/0010/2324


## ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱପ୍ନରୁ ବାସ୍ତବ...

ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ଏବଂ ୨୦୧୯ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ସେହିପରି ଦିଲ୍ଲୀ ମେଟ୍ରୋ ରେଳ ନିଗମର ପାରଦର୍ଶିତାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶରେ ମେଟ୍ରୋ ରେଳ ନିର୍ମାଣ ଏବଂ କାର୍ଯ୍ୟକାରିତା କ୍ଷେତ୍ରରେ ଡିଏମ୍‌ଆର୍‌ସିର ଅଗ୍ରଣୀ ଭୂମିକା ରହିଛି। ତେଣୁ ରାଜ୍ୟରେ ହେଉଥିବା ଏହି ମେଟ୍ରୋ ରେଳର ନିର୍ମାଣ ବିଶ୍ୱସ୍ତରୀୟ ହେବ ଏବଂ ସଠିକ୍ ସମୟରେ ଶେଷ ହେବ ମୁଖ୍ୟମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏହା ସହ ଦେଶରେ ମେଟ୍ରୋ ରେଳ ଇତିହାସରେ ଏହା ନୂତନ ମାନଦଣ୍ଡ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମୋଟ ୨୬ କିମି ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଗଡ଼ିବ। କ୍ୟାପିଟାଲ୍ ହସ୍ପିଟାଲ୍, ରାଜମହଲ, ଜୟଦେବବିହାର, ପଟିଆ ସମେତ ୨୦ଟି ଜାଗାରେ ଏହାର ଷ୍ଟେସନ୍ ରହିବ। ଉଭୟ ମେଟ୍ରୋ ରେଳ ଟ୍ରାକ୍ ଏବଂ ଷ୍ଟେସନ୍‌ଗୁଡ଼ିକ ଏଲିଭେଟେଡ୍ ଭାୟାଡକ୍ଟସ୍‌ରେ ନିର୍ମାଣ ହେବ। ଅଲଟ୍ରା ମଡର୍ଣ୍ଣ କୋଚ୍ ଏବଂ ସିଗନାଲିଂ ସିଷ୍ଟମ୍ ବ୍ୟବସ୍ଥା ସହ ଅତ୍ୟାଧୁନିକ ଟିକେଟିଂ ବ୍ୟବସ୍ଥା ମଧ୍ୟ ଏଥିରେ କରାଯିବ। ଏହି କାର୍ଯ୍ୟକ୍ରମକୁ '୫-ଟି' ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଅଶୋକ ପଣ୍ଡା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ୍ ଏମଡି ବିକାଶ କୁମାର, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ୍ ସିଇଓ ଶିବ ପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଗତ ଏପ୍ରିଲ୍ ୧ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଘୋଷଣା କରିଥିଲେ। ଅକ୍ଟୋବର ୨୯ ରେ '୫-ଟି' ଅଧ୍ୟକ୍ଷ ତ୍ରିଶୁଳିଆରେ ପ୍ରକଳ୍ପର ସମୀକ୍ଷା କରିବା ସହ ଗତ ୧୪ ତାରିଖରେ ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ମଞ୍ଜୁର କରିଥିଲା।

### ରାଜ୍ୟବାସୀ ଦେଖିବେ...

ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସବ୍-କମିଟି ବୈଠକ ଅନୁଷ୍ଠିତ ହୋଇ ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ଓ ଲୋକାର୍ପଣ ସୂଚୀକୁ ଚୂଡ଼ାନ୍ତ କରାଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ଦାସଙ୍କ ସୂଚନା ଅନୁଯାୟୀ, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଭବ୍ୟ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଉଛି। ଜାନୁୟାରୀ ୧୨ରୁ ହୋମଯଜ୍ଞାଦି କର୍ମ ଆରମ୍ଭ କରାଯାଇ ୧୭ରେ ପୂର୍ଣ୍ଣାହୁତି ଦିଆଯିବ। ୧୨ ତାରିଖ ଅପରାହ୍ଣ ୨ଟା ୪୫ରୁ ୪ଟା ମଧ୍ୟରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଦ୍ୱାରା ଶ୍ରୀନଅରରେ ଆଚାର୍ଯ୍ୟ ବରଣ ହେବ। ସନ୍ଧ୍ୟା ସାଢ଼େ ୬ରୁ ରାତି ୮ ଟା ମଧ୍ୟ ଅଙ୍କୁରାରୋପଣ, ୧୩ତାରିଖ ସନ୍ଧ୍ୟା ୬ଟାରେ ଅଙ୍କୁର ପୂଜନ କରାଯିବ। ୧୪ ତାରିଖ ସନ୍ଧ୍ୟା ୫ଟାରେ ମଣ୍ଡଳ ସ୍ଥାପନ, ଅଙ୍କୁର ପୂଜନ ହେବ। ୧୫ତାରିଖରୁ ହୋମଯଜ୍ଞ କରାଯିବ। ସକାଳ ସାଢ଼େ ୭ଟାରେ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ, ଅପରାହ୍ଣ ୩ଟାରେ ବୈଷ୍ଣବ ନାମାଗ୍ନି ସଂସ୍କାର, ଆରତି ଓ ପୁଷ୍ପାଞ୍ଜଳି, ୧୬ ତାରିଖ ସକାଳ ସାଢ଼େ ୭ଟାରୁ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋ-ପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳ ପୂଜା, ହବନ, ଆରତି, ପୁଷ୍ପାଞ୍ଜଳି ଏବଂ ୧୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ଏହି ଦିନ ସକାଳ ସାଢ଼େ ୭ଟାରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋ-ପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ, ଫଳକ ଲୋକାର୍ପଣ, ଅପରାହ୍ଣ ସାଢ଼େ ୧ଟାରୁ ୨ଟା ୨୫ ମଧ୍ୟରେ ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ଦିଆଯିବ ବୋଲି ସମୟ ନିର୍ଘଣ୍ଟ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରିବେ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଏହି ଲୋକାର୍ପଣ ଉତ୍ସବ ଅବସରରେ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠ ସହ ସଂକୀର୍ତ୍ତନ, ପାରମ୍ପରିକ ନୃତ୍ୟ ଗୀତ, ବାଲୁକା କଳା ମଧ୍ୟ ଅନୁଷ୍ଠିତ ହେବ। ଓଡ଼ିଶାର କୋଣଅନୁକୋଣରେ ଥିବା ଜଗନ୍ନାଥପ୍ରେମୀ ଲୋକାର୍ପଣ ଉତ୍ସବ ଯେଭଳି ଦେଖିପାରିବେ, ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଲାଗି ଯୋଜନା ରଖିଛି ପ୍ରଶାସନ। ଏଥିରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ବିଭିନ୍ନ ମଠର ସାଧୁସନ୍ଥ ଓ ବରେଣ୍ୟ ଅତିଥିଙ୍କୁ ନିମନ୍ତ୍ରଣ କରାଯିବ। ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞକୁଣ୍ଡ କରାଯିବ। ପ୍ରତ୍ୟେକ ଦ୍ୱାରରେ ଗୋଟିଏ ଲେଖାଏଁ ବେଦପାଠ ଚାଲିବ। ଶ୍ରୀକ୍ଷେତ୍ରର ପ୍ରତ୍ୟେକ ସ୍ଥାନରେ ଏଲ୍‌ଇଡି ଟିଭି ମାଧ୍ୟମରେ ଏହାର ପ୍ରସାରଣ କରାଯିବା ସହ ପୁରପଲ୍ଲୀରେ ଏହାର ଯେଭଳି ବ୍ୟବସ୍ଥା ହୋଇପାରିବ, ସେନେଇ ରାଜ୍ୟ ସରକାରଙ୍କୁ ଅନୁମୋଦନ ମଗାଯିବ। ତେବେ ପୁରୀକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଯେଭଳି ଶ୍ରୀକ୍ଷେତ୍ରର କଳା, ସଂସ୍କୃତି ବିଷୟରେ ଜାଣିପାରିବେ, ସେନେଇ ସହରର ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ସ୍ଥଳ ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟପଟେ ପଞ୍ଜୁକକୁ ଦୃଷ୍ଟିରେ ରଖି ଭକ୍ତଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ। ଶ୍ରୀମନ୍ଦିର ଦର୍ଶନରେ ଆସୁଥିବା ଭକ୍ତମାନେ ଯେଭଳି ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ ସହ ବୃଦ୍ଧବୃଦ୍ଧାଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା ପାଇଁ ମଙ୍ଗଳବାର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଆଲୋଚନା ହେବ। ସେହିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ସମସ୍ତ କୋଠାକୁ ଫିକା ଗେରୁଆ ଓ ଇଷତ୍ ହଳଦିଆ ରଙ୍ଗ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା, ପରିଚାଳନା କମିଟି ସେବାୟତ ପ୍ରତିନିଧିଙ୍କ ସମେତ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ, ଉନ୍ନୟନ ପ୍ରଶାସକ (ଓଏସ୍‌ଡି) ଅଜୟ କୁମାର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସାଲୁଗା ହେବେ...

କୁହାଯାଉଛି। ନାମାଙ୍କନପତ୍ର ଦାଖଲ ବେଳେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରଫୁଲ୍ଲ ମଲ୍ଲିକ, ଟୁକୁନି ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟକ ଦିବ୍ୟଶଙ୍କର ମିଶ୍ର, ସମ୍ବିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

୬୪ ବର୍ଷୀୟ ସାଲୁଗା ପ୍ରଧାନ କନ୍ଧମାଳ ଜିଲ୍ଲାର ଜଣେ ପ୍ରମୁଖ ଆଦିବାସୀ ନେତା। ବିଜେଡି ଟିକେଟରେ ୨୦୦୦ ମସିହାରେ ଜି. ଉଦୟଗିରି ବିଧାନସଭା ଆସନରୁ ସେ ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୧୯ ମସିହାରେ ସେ ପୁନର୍ବାର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ସକାଳେ ନାମାଙ୍କନ ଦାଖଲ ପୂର୍ବରୁ ସାଲୁଗା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ତାଙ୍କର ଆଶୀର୍ବାଦ ନେବା ସହ ଗଭୀର କୃତଜ୍ଞତା ଜଣାଇଛନ୍ତି।

### ନିରନ୍ତର ସଚେତନତା...

ଜଗନ୍ନାଥ ସାରକା, ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପଶ୍ଚିମବଙ୍ଗ ସାଂସଦ କୁଆଁର ହେମ୍ବ୍ରମ, ଟାଟା ଷ୍ଟିଲ କମ୍ୟୁନିଟି ସର୍ଭିସ୍‌ର ଉପସଭାପତି ଚାଣକ୍ୟ ଚୌଧୁରୀ, ଆସାମର ପ୍ରାକ୍ତନ ବାଚସ୍ପତି ପୃଥିବୀ ମାଝୀ, ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀର ଲକ୍ଷ୍ମଣ କିସ୍କୁ ଓ ମଦନ ମୋହନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଆୟୋଜିତ ସମ୍ମିଳନୀ ଏବଂ ସାହିତ୍ୟିକ ଉତ୍ସବର ଏକ ସ୍ମରଣିକାକୁ ରାଜ୍ୟପାଳ ରଘୁବର ଦାସ ଉନ୍ମୋଚନ କରି ପ୍ରଥମ ପ୍ରକାଶନ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ପରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଗଠନର ସଭାପତି ଲକ୍ଷ୍ମଣ କିସ୍କୁ ରାଷ୍ଟ୍ରପତିଙ୍କୁ ୩ଟି ନୂତନ ସାନ୍ତାଳୀ ଭାଷାର ପୁସ୍ତକ ବିନ୍ଦୁ ଚନ୍ଦନ, ଖେରୱାଲ ବୋନ୍ସୋ ଧରମ୍ ପୁଥି, ଲିତା ଗୋଦେଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସାରି ରାଷ୍ଟ୍ରପତି ବାରିପଦା ସର୍କିଟ୍ ହାଉସ୍‌ରେ ବିଶ୍ରାମ ନେବା ସହ ମଧ୍ୟାହ୍ନଭୋଜନ କରିଥିଲେ। ଅପରାହ୍ଣରେ କୁଳିଆଣା ବ୍ଲକ୍‌ରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ ସାରି ରାଇରଙ୍ଗପୁର ଅଭିମୁଖେ ବାରିପଦାରୁ ହେଲିକେପ୍ଟର ଯୋଗେ ଯାଇଥିଲେ। ଗସ୍ତ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଅତିରିକ୍ତ ମହାନିର୍ଦ୍ଦେଶକ ଦେବଦତ୍ତ ସିଂ, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଏସ୍‌ପି ଏସ୍ ସୁଶ୍ରୀଙ୍କ ତତ୍ତ୍ୱାବଧାନରେ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

### ରାଜ୍ୟ ରୂପାନ୍ତରଣରେ...

ସମସ୍ତେ ଏକ ହୋଇ ଓଡ଼ିଶା ଲୋକଙ୍କ ପାଇଁ କାମ କରିବା ଓ ମୁଖ୍ୟମନ୍ତ୍ରୀଙ୍କ ଭିଜନକୁ ସାକାର କରିବା ପାଇଁ ଶ୍ରୀ ପାଣ୍ଡିଆନ ଏହି ଅବସରରେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ସୋମବାର ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ଓ ପାଚିକା ମହାସଂଘ, ଉତ୍କଳ ବାପ୍‌ଟିଷ୍ଟ ଚର୍ଚ୍ଚ ସଂଗଠନ, ଅଗ୍ରଗାମୀ ଅଗ୍ରିହା ସଂଗଠନ, ସିଏମ୍‌ସି କର୍ମଚାରୀ ସଂଗଠନ, କଟକ ମାରୱାଡ଼ି ସମାଜ, ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ଓ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଟିମ୍‌ର ସଦସ୍ୟମାନେ ଶ୍ରୀ ପାଣ୍ଡିଆନଙ୍କୁ ଶୁଭେଚ୍ଛା ଜ୍ଞାପନ ପାଇଁ ନବୀନ ନିବାସରେ ପହଞ୍ଚିଥିଲେ।

### ଆଜିଠୁ ବିଧାନସଭାର...

ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ମାର୍ଗଦର୍ଶନ କରିବେ ବୋଲି ଜଣେ ବିଜେଡି ବିଧାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଜେପି ବିଭିନ୍ନ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବାକୁ ନିଜ ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରିଛି। କଂଗ୍ରେସ ପକ୍ଷରୁ ଗୃହରେ ଚାଷୀ, ଧାନବିକ୍ରି, ଦରଦାମ, ଦାଦନ ଆଦି ପ୍ରସଙ୍ଗ ଉଠାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ଆଗାମୀ ଅଧିବେଶନରେ ୨୪ଟି ସରକାରୀ କାର୍ଯ୍ୟଦିବସ ଏବଂ ୬ଟି ଘରୋଇ ସଦସ୍ୟଙ୍କ କାର୍ଯ୍ୟ(ବିଲ୍ ଓ ସଂକଳ୍ପ) (ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍) ପାଇଁ ଉଦ୍ଦିଷ୍ଟ ଅଛି। ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷରେ ବିଧାନସଭା ଅତିକମରେ ୬୦ଦିନ ବସିବାର ନିୟମ ରହିଛି। ଚଳିତ ବର୍ଷ ବଜେଟ ଅଧିବେଶନରେ ୨୩ ଦିନ ଗୃହକାର୍ଯ୍ୟ ଚାଲିଥିବା ବେଳେ ମୌସୁମୀ ଅଧିବେଶନରେ ୭ ଦିନ ଗୃହ ଚାଲିଥିଲା। ସମ୍ପ୍ରତି ଦୁଇଟି ଅଧିବେଶନରେ ମୋଟ ୩୦ ଦିନ ଗୃହ ଚାଲିଥିବା ବେଳେ ଏହି ୬୦ ଦିନିଆ ଅବଧିକୁ ପୂରଣ କରିବା ପାଇଁ ୩୦ଦିନିଆ ଶୀତ ଅଧିବେଶନର କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଛି।

### ବସ୍ତିବାସିନ୍ଦାଙ୍କୁ...

ଘର ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ସେହିପରି ସତ୍ୟନଗର ଶାନ୍ତିପାଲିଠାରେ ବସ୍ତି ପୁନଃଉନ୍ନୟନ ଯୋଜନାରେ ୧୩୦୦ଟି ଘର ନିର୍ମାଣ କରାଯାଉଛି। ଭୁବନେଶ୍ୱର ଟାଉନ୍ ସେଣ୍ଟର ଡିଷ୍ଟ୍ରିକ୍ଟ ଅଞ୍ଚଳରେ ଥିବା ବସ୍ତି ଅଞ୍ଚଳଗୁଡିକର ରୂପାନ୍ତର ଲକ୍ଷ୍ୟରେ ଏହି ପ୍ରକଳ୍ପ କରାଯାଇଛି। ପ୍ରଥମ ପ୍ରକଳ୍ପ ଭାବେ ଏଠାରେ ୫୬୭ଟି ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ସେହିପରି ସୁବୁଦ୍ଧିପୁରରେ ସୁଲଭ ବାସଗୃହ ପ୍ରକଳ୍ପରେ ୩୪୨ଟି ଘର ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ଏହି ସମସ୍ତ ପ୍ରକଳ୍ପ ଗୁଡିକ ୫ ମହଲା ବିଶିଷ୍ଟ ହୋଇଥିବା ବେଳେ ଏହି ସବୁ ପ୍ରକଳ୍ପ ପାଇଁ ପାନୀୟ ଜଳଯୋଗାଣ, ଡ୍ରେନେଜ୍ ବ୍ୟବସ୍ଥା, ସ୍ୱେରେଜ୍ ବ୍ୟବସ୍ଥା, ରାସ୍ତା ଆଲୋକୀକରଣ, ଦୋକାନ ଘର ସହିତ ପାଠାଗାର, ରିଡିଙ୍ଗ୍ ରୁମ୍, ଡିସ୍ପେନ୍ସରି ଆଦି ଅନେକ ସୁବିଧାର ବ୍ୟବସ୍ଥା କରାଯାଇଛି। ଏହି ୩ଟି ପ୍ରକଳ୍ପରେ ସମୁଦାୟ ୧୭୨୨ ଜଣ ହିତାଧିକାରୀ ଘର ପାଇଛନ୍ତି। ଏହି ସମସ୍ତ ପ୍ରକଳ୍ପ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମାଣ କରାଯାଇଛି।

ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର, ମୁଖ୍ୟ ଶାସନ ସଚିବ ପିକେ ଜେନା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଏମ୍‌ସି, ବିଡିଏ ଓ ଗୃହ ନଗର ଉନ୍ନୟନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉଭୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


**AFFIDAVIT**

I, DURDANA BIBI, C/O- ABU TAHER KHAN RESIDENT OF VILL- WALIMIAN MOHALLAH, PO- CHARINANGAL, PS- BALICHANDRAPUR, DIST - JAJPUR, PIN-754292 ODISHA DECLARE BY THIS AFFIDAVIT NO.1340 DTT-19/10/2023 THAT NOW ONWARDS I SHALL BE KNOWN AS KANIJ FATMA FOR ALL FUTURE PURPOSES.

**AFFIDAVIT**

I, TAHER KHAN ,S/O- LATE ALIM KHAN,RESIDENT OF VILL- WALIMIAN MOHALLAH, PO- CHARINANGAL, PS- BALICHANDRAPUR,DIST- JAJPUR, PIN- 754292 ODISHA. DECLARE BY THIS AFFIDAVIT NO.1631 DTT-15/11/2023 THAT NOW ONWARDS I SHALL BE KNOWN AS ABU TAHER KHAN FOR ALL FUTURE PURPOSES.

**AFFIDAVIT**

I, Soroj Kumar Nayak, S/o-Jalandhar Nayak, resident of AT-Chasangara, PO-Dibyasinghapur, PS- Balugaon, Dist- Khurda, Odisha declared by this affidavit No.17366, dated-22.09.2023, that now onwards I shall be known as **SAROJ KUMAR NAYAK** for all future purposes.

**AFFIDAVIT**

I, Sanjaya Kumar Panda, S/o-Bijoy Kumar Panda, resident of Plot No-398/20, Laxmi Nagar, Patia, PS- C.S Pur, Bhubaneswar, Pin-751024 declared by this affidavit No.3993, dated-18.11.2023, that now onwards I shall be known as **SANJAY KUMAR PANDA** for all future purposes.

**AFFIDAVIT**

I SITAKANTA NAIK SON OF LATE SRIDHAR NAIK, AT/PO:- SOUTH BALANDA, QUARTER NO. MQ-200, TALCHER, DIST.- ANGUL, DO HEREBY DECLARE THROUGH AFFIDAVIT BEFORE THE EXECUTIVE MAGISTRATE TALCHER THAT THE NAME OF MY WIFE, SON AND DAUGHTER WERE MENTIONED AS NALINI NAIK, NISHIKANTA NAIK AND SAROJINI NAIK RESPECTIVELY IN THE SERVICE RECORD WHILE I WAS IN SERVICE AT BALARAM OCP, HINGULA AREA (MCL), FROM TODAY ONWARDS THE NAME OF MY WIFE IS NALINI NAIK, THE NAME OF MY SON IS SASHIKANTA AND THE NAME OF MY DAUGHTER IS SMRUTISIKHA NAIK WILL BE WRITTEN IN MY SERVICE RECORD.



O-1561

By E_Mail/e-Despatch
E_Mail ID : serwcburipada@gmail.com
Ph-No-06792-261343/261344
Gangraj, Baripada

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**

*"e" Procurement Notice for Bridge Work*

Identification No.- Online Tender- Bridge N.C.B. No. 329 for 2023-24.

Letter No. 6544 / Date 18.11.2023

1. Name of the work :- Bridge work under Biju Setu Yojana in the District of Mayurbhanj
2. Total No. of work :- 02 Nos. (Two)
3. Estimated Cost :- Rs.357.91 lakhs to Rs.660.35lakhs(approximately)
4. Eligible Class of Contractor :- : As per annexure.
5. Period of Completion :- As per annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge On-line N.C.B. No.329 | Dt.23.11.2023 at 11.00 A.M. | Dt.07.12.2023 up to 5.00 P.M. | Dt.06.12.2023 up to 5.00 P.M. | Dt.08.12.2023 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum / Addendum will be displayed in the above e_tender website only.

Sd/- Er. S.K.Rout
Chief Construction Engineer,
R.W. Circle, Baripada.

OIPR-25130/11/0066/2324



O-1559

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE
**e-procurement Notice for Building Works**
Bid Identyfication No e-procurement Notice No.20/ SERW-II/BLS/ 2023-24

1. Name of the work :- Building works
2. Total no.of works :- 14 Nos.
3. Estimated cost :- As specified in column 3 of Annexure
4. Class of Contrator :- As specified in column 4 of Annexure
5. Time of Completion :- As specified in column 5 of Annexure
6. Cost of Tender Paper through online :- As specified in column 6 of Annexure
7. Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Superintending Engineer, R.W.Divn-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | E-TCN No.20 of 2023-24 | 21.11.23 at 05.00 P.M. | 30.11.23 up to 5.00 PM | 29.11.23 up to 5.00 PM | 01.12.23 at 11.00 AM |

Further details can be seen from the web site www.tendersorissa.gov.in

Superintending Engineer
R.W. Division-II, Balaosre

OIPR-25052/11/0026/2324



MM-285

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
**AT-MATIAGARH CHHAKA, PO-K. JASHIPUR,**
**DIST-MAYURBHANJ, ODISHA-757091**
Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com

Office Order No.: 96, Date 18.11.2023

*01st Corrigendum to Bid invited vide this Office Tender Call Notice No.93, dtd.17.11.2023*

In pursuance to this Office Tender Call Notice No.93, dtd.17.11.2023, the following changes have been made in NIT & DTCN.

| Sl No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 5. | Estimated Cost | Rs.24,52,100/- | Rs.20,36,764/- |
| 9. | Receipt of bid Cost, bid security, documents | Earnest Money Deposit (EMD) of Rs. 24,521/- (Rupees Twenty Four Thousand Five Hundred Twenty One) Only shall be submitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur | Earnest Money Deposit (EMD) of Rs. 20,368/- (Rupees Twenty Thousand Three Hundred Sixty Eight) Only shall be submitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. |

Deputy Director,
Similipal (North) WL Divisin, Jashipur

OIPR-08133/11/0007/2324

## ତାମିଲନାଡୁ ବିଲ୍ ଅଟକ, କଲେଜିୟମ ସୁପାରିସ ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



# ତିନି ବର୍ଷ ଧରି କ'ଣ କରୁଥିଲେ ରାଜ୍ୟପାଳ

**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):**

ତାମିଲନାଡୁ ବିଧାନସଭାରେ ପାରିତ ହୋଇଥିବା ବିଲ୍‌କୁ ରାଜ୍ୟପାଳ ଆର ଏନ ରବି ବର୍ଷ ବର୍ଷ ଧରି ପକାଇ ରଖିବା ଘଟଣାରେ ସୁପ୍ରିମକୋର୍ଟ ରାଜ୍ୟପାଳଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ତାମିଲନାଡୁ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାଏର ହୋଇଥିବା ମାମଲାର ଶୁଣାଣି କରିବା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ରାଜ୍ୟପାଳ ଆର ଏନ ରବିଙ୍କ ପ୍ରତି କଡ଼ା ଟିପ୍ପଣୀ ରଖିଛନ୍ତି। ୨୦୨୦ ରୁ ଅନେକ ବିଲ୍ ରାଜ୍ୟପାଳଙ୍କ ଅନୁମୋଦନ ଲାଗି

### ବିଲ୍ ଝୁଲାଇ ରଖିବାର କ୍ଷମତା ରାଜ୍ୟପାଳଙ୍କର ନାହିଁ

ପଠା ଯାଇଥିଲା ବେଳେ ଦୀର୍ଘ ତିନି ବର୍ଷ ଧରି ରାଜ୍ୟପାଳ କ'ଣ କରୁଥିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ତିନି ବର୍ଷ ଯାଏଁ ବିଲ୍‌କୁ କିପରି ଝୁଲାଇ ରଖିଥିଲେ ବୋଲି ମଧ୍ୟ କୋର୍ଟ ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ, ପଞ୍ଜାବ ଏବଂ କେରଳରେ ମଧ୍ୟ ରାଜ୍ୟପାଳଙ୍କ ଭୂମିକାକୁ ନେଇ ସମାନ ସ୍ଥିତି ଉପୁଜିଥିଲା ବେଳେ ଏହି ଦୁଇ ରାଜ୍ୟ ସରକାରଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାର ଶୁଣାଣି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ହୋଇଥିବା କୌଣସି ବିଲ୍‌କୁ ଅଟକାଇ ରଖିବାର କ୍ଷମତା କ'ଣ କୌଣସି ରାଜ୍ୟପାଳଙ୍କ ନିକଟରେ ରହିଛି କି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଅର୍ଥାତ୍ ଆଇନ ପରିଧି ମଧ୍ୟରେ ଏଭଳି କ୍ଷମତା ରାଜ୍ୟପାଳଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ପରୋକ୍ଷରେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଞ୍ଜାବ ଏବଂ ତାମିଲନାଡୁ ସରକାରଙ୍କ ପକ୍ଷରୁ ରୁଜୁ କରାଯାଇଥିବା ମାମଲାରେ ଏହାପୂର୍ବରୁ ସୁପ୍ରିମକୋର୍ଟ ଶୁଣାଣି କରି ଉଭୟ



ରାଜ୍ୟର ରାଜ୍ୟପାଳଙ୍କ ପ୍ରତି କଡ଼ା ଟିପ୍ପଣୀ ଦେଇଥିଲେ। ପଞ୍ଜାବ ରାଜ୍ୟପାଳ ନିଆଁ ସହ ଖେଳୁଛନ୍ତି ବୋଲି ମଧ୍ୟ କହିଥିଲେ। ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ପରେ ତାମିଲନାଡୁ ରାଜ୍ୟପାଳ ଆର ଏନ ରବିଙ୍କ ୧୦ ଟି ବିଲ୍ ରାଜ୍ୟ ସରକାରଙ୍କୁ ଫେରାଇ ଦେଇଥିଲେ। ଏହାପରେ ଗତ ଶନିବାର ତାମିଲନାଡୁର ଡିଏମକେ ସରକାରଙ୍କ ପକ୍ଷରୁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ପୁଣିଥରେ ଏହି ବିଲ୍ ପାରିତ କରାଯାଇଥିଲା। ଏହି ୧୦ଟି ବିଲ୍ ମଧ୍ୟରୁ ମଧ୍ୟରୁ ୨ଟି ବିଲ୍ ଏଆଇଏଡିଏମକେ ସରକାରଙ୍କ ସମୟରେ ମଞ୍ଜୁରୀ ମିଳିସାରିଥିଲା। ତେବେ ଏହାକୁ ମଧ୍ୟ ରାଜ୍ୟପାଳ ଅଟକାଇ ରଖିଥିବାରୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ରାଜ୍ୟପାଳ ଆରଏନ ରବିଙ୍କ ଉପରେ ବର୍ଷିବା ସହିତ ତାଙ୍କ ପଦବୀ ହଟାଇବାକୁ ବିଧାନସଭାରେ ଦାବି କରିଥିଲେ। ଏହି ଘଟଣା ପରେ ସୋମବାର ସୁପ୍ରିମକୋର୍ଟ ତାମିଲନାଡୁ ପ୍ରସଙ୍ଗରେ ଶୁଣାଣି କରି ଏଭଳି ଟିପ୍ପଣୀ ରଖିଛନ୍ତି। ତାମିଲନାଡୁ ସରକାରଙ୍କ ଦ୍ୱାରା ପୁଣିଥରେ ପାରିତ ହୋଇଥିବା ଏହି ୧୦ ବିଲ୍‌କୁ ରାଜ୍ୟପାଳ ମଞ୍ଜୁରୀ ପାଇଁ ପଠାଯାଇଥିଲା ବେଳେ ରାଜ୍ୟପାଳ କ'ଣ କରୁଛନ୍ତି ତାହାକୁ ଅପେକ୍ଷା କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାପରେ ଏହି ପ୍ରସଙ୍ଗରେ ଡିସେମ୍ବର ୧ରେ ଆଗାମୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ତାମିଲନାଡୁ ଭଳି ପଞ୍ଜାବ ଏବଂ କେରଳ ରାଜ୍ୟପାଳଙ୍କୁ ନେଇ ମଧ୍ୟ ବିବାଦ ଜାରି ରହିଛି।

# କେନ୍ଦ୍ରର ବାଛବିଚାର ନୀତି ଠିକ୍ ନୁହେଁ

**ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି):**

ସୁପ୍ରିମକୋର୍ଟ କଲେଜିୟମର ସୁପାରିସ ସତ୍ତ୍ୱେ ବିଚାରପତି ନିଯୁକ୍ତିରେ ବିଳମ୍ବ ହେଉଛି। ବିଚାରପତି ନିଯୁକ୍ତି ଏବଂ ବଦଳିରେ ବାଛବିଚାର ନୀତି ଅବଲମ୍ବନ କରାଯାଉଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ୍ ପ୍ରକାଶ କରିଛନ୍ତି ଏବଂ କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏଭଳି ନୀତି ଠିକ୍ ନୁହେଁ। ଏହା ଭଲ ସଙ୍କେତ ଦେଉନାହିଁ। ଦେଶକୁ ଭୁଲ୍ ସଙ୍କେତ ଦେଉଛି ବୋଲି ଜଷ୍ଟିସ ସଞ୍ଜୟ କିଶନ କୌଲ ଏବଂ ଜଷ୍ଟିସ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ କହିଛନ୍ତି। କୋର୍ଟ କହିଛନ୍ତି ଯେ ବିଚାରପତିଙ୍କ ବଦଳି ଫାଇଲକୁ ସରକାର ଅଟକାଇ ରଖିଛନ୍ତି। ନିଜ ପସନ୍ଦରେ ବିଚାରପତି ନିଯୁକ୍ତି ଏବଂ ବଦଳି କରୁଛନ୍ତି। ସରକାରଙ୍କ ବାଛବିଚାର ନୀତି ଯୋଗୁଁ ବରିଷ୍ଠତା ଆଧାରରେ ନିଯୁକ୍ତି ହୋଇପାରୁ ନାହିଁ। ଏହା ବରିଷ୍ଠତା ଉପରେ ପ୍ରଭାବ ପକାଉଛି। ବରିଷ୍ଠତା ପାଇଁ ଓକିଲ ବିଚାରପତି ହେବାକୁ ରାଜି ହୋଇଥାନ୍ତି। ଏହା ଉପରେ ନିଷ୍ପତ୍ତି ନ ନେଲେ ସେମାନେ ବିଚାରପତି ହେବାକୁ ଚାହିଁବେ କି ବୋଲି କୋର୍ଟ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀଙ୍କୁ ପ୍ରଶ୍ନ କରିଥିଲେ। ପୂର୍ବରୁ ମଧ୍ୟ କେନ୍ଦ୍ରକୁ ଏ ନେଇ ଚେତାବନୀ ଦିଆଯାଇଥିଲା। ବଦଳି ପାଇଁ ୧୧ ବିଚାରପତିଙ୍କ ନାମ ସୁପାରିସ କରାଯାଇଥିଲା। ଏଥିରୁ ୫ ଜଣଙ୍କ ବଦଳିକୁ ଅନୁମତି ଦିଆଯାଇଛି। ଆହୁରି ୬ଟି ମାମଲା ପଡ଼ି ରହିଛି। ଏମାନଙ୍କ ମଧ୍ୟରେ ଗୁଜରାଟ ହାଇକୋର୍ଟର ୪ ଜଣ, ଆହ୍ଲାବାଦ ଏବଂ ଦିଲ୍ଲୀ ହାଇକୋର୍ଟର ଜଣେ ଲେଖାଏଁ ବିଚାରପତି ସାମିଲ ଅଛନ୍ତି। ଏ ପର୍ଯ୍ୟନ୍ତ ସରକାର ଏହାର ଉପରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ। ପୁଣିଥରେ ପଠା ଯାଇଥିବା ନାମକୁ ନିଯୁକ୍ତି ନ ଦେବା ଚିନ୍ତାଜନକ ପ୍ରସଙ୍ଗ। କେନ୍ଦ୍ର ଏହାକୁ କାହିଁକି ପକାଇ ରଖିଛି ତାହା ଜଣାପଡ଼ି ନାହିଁ। ଏହା ଉପରେ ପରମାଦେଶ ଜାରି କରିବାକୁ ବିରୋଧୀ ପକ୍ଷର ଓକିଲ ଦୁଷ୍ୟନ୍ତ ଡାଭେ ଦାବି କରିଥିଲେ। ନଚେତ ଏହା ଦେଶକୁ ଭୁଲ୍ ବାର୍ତ୍ତା ଦେବ ବୋଲି କହିଥିଲେ।

କଲେଜିୟମ ସୁପାରିସ ଉପରେ ନିଷ୍ପତ୍ତି ନେବା ପାଇଁ ଆଟର୍ଣ୍ଣି

### ଏପରି ନୀତି ଯୋଗୁଁ ବରିଷ୍ଠତା ଆଧାରରେ ହୋଇପାରୁନି ନିଯୁକ୍ତି

ଜେନେରାଲ ଆର ଭେଙ୍କଟରମଣୀ ଅଧିକ ସମୟ ମାଗିଥିଲେ। ବିଧାନସଭା ନିର୍ବାଚନ ଯୋଗୁଁ ବିଳମ୍ବ ହୋଇଥିବା କହିଥିଲେ। ସରକାରଙ୍କର ଏଭଳି କୌଣସି ଆଭିମୁଖ୍ୟ ନାହିଁ। ଏ ସମ୍ପର୍କରେ ସରକାରଙ୍କୁ ସୂଚନା ଦିଆଯାଇଛି। କୋର୍ଟ ମଧ୍ୟ ନିବେଦନ ରକ୍ଷା କରି କେନ୍ଦ୍ରକୁ ଅଧିକ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ମାମଲାର ସମାଧାନ କରିଆସିବାକୁ କହିଛନ୍ତି। ଡିସେମ୍ବର ୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ବିଚାରପତି ନିଯୁକ୍ତିକୁ ନେଇ ବେଙ୍ଗାଲୁରୁ ଓକିଲ ସଂଗଠନ ପକ୍ଷରୁ ଏହି ମାମଲା ଦାଏର କରାଯାଇଥିଲା।

## ଜଳିଗଲା ୨୫ରୁ ଅଧିକ ବୋଟ୍

**ବିଶାଖାପାଟନମ୍,୨୦।୧୧(ଏଜେନ୍ସି):** ବିଶାଖାପାଟନମ୍ ମାଛଧରା ବନ୍ଦରରେ ଗତକାଲି ମଧ୍ୟରାତ୍ରରେ ଅଚାନକ ନିଆଁ ଲାଗିଯିବାରୁ ୨୫ରୁ ଅଧିକ ମାଛଧରା ବୋଟ୍ ଜଳିପୋଡି ପାଉଁଶ ହୋଇଯାଇଛି। କୌଣସି କାରଣରୁ ପ୍ରଥମେ ଗୋଟିଏ ବୋଟ୍‌ରେ ନିଆଁ ଲାଗି ଯାଇଥିଲା। ଏହାପରେ ଚାହୁଁ ଚାହୁଁ ନିଆଁ ଅନ୍ୟ ବୋଟ୍‌ଗୁଡିକୁ ବ୍ୟାପି ଯାଇଥିଲା। ଫଳରେ ମାତ୍ର ଅଳ୍ପ କିଛି ସମୟ ବ୍ୟବଧାନରେ ୨୫ ରୁ ଅଧିକ ବୋଟ୍ ପୋଡି ଜଳିଯାଇଥିଲା। ସ୍ଥାନୀୟ ପୁଲିସର କହିବା ଅନୁସାରେ, ବୋଟ୍‌ରେ ମତ୍ସ୍ୟଜୀବୀ ଗ୍ୟାସ୍ ସିଲିଣ୍ଡର ରଖିଥିବାରୁ ଖୁବ୍ ଶୀଘ୍ର ନିଆଁ ବ୍ୟାପିଯିବା ସହ ଏକାଧିକ ସିଲିଣ୍ଡର ଫାଟି ବିରାଟ ବିସ୍ଫୋରଣ ଘଟିଥିଲା। ସିଲିଣ୍ଡରଗୁଡିକ ଏପରି ବିସ୍ଫୋରିତ ହୋଇଥିଲା ଯେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହାର କାରଣ ଜଣାପଡିନାହିଁ। ନିଆଁ ନିୟନ୍ତ୍ରଣ କରିବା ପାଇଁ ଚାରିରୁ ଅଧିକ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଛନ୍ତି ବୋଲି ଡେପୁଟି ପୁଲିସ କମିଶନର କେ ଆନନ୍ଦ ରେଡ୍ଡୀ କହିଛନ୍ତି। ଏହି ଘଟଣାରେ କୌଣସି ଜୀବନ ହାନୀ ହୋଇ ନଥିବା କୁହାଯାଇଛି। ତେବେ ୨୫ ରୁ ଅଧିକ ବୋଟ୍ ଜଳିଯିବା ଏବଂ ଅନ୍ୟ କିଛି ବୋଟ୍ କ୍ଷତିଗ୍ରସ୍ତ ହେବା ଯୋଗୁଁ ଅନ୍ୟୁନ ୬ କୋଟି ଟଙ୍କା କ୍ଷତି ହୋଇଛି ବୋଲି କୁହାଯାଇଛି।

## ନିର୍ମାଣାଧୀନ ଷ୍ଟାଡିୟମ ଭୁଶୁଡ଼ି ୩ ମୃତ

**ରଙ୍ଗାରେଡ୍ଡୀ, ୨୦।୧୧ (ଏଜେନ୍ସି):** ତେଲଙ୍ଗାନା ରଙ୍ଗାରେଡ୍ଡୀ ଜିଲ୍ଲାରେ ମୋଇନାବାଦ ଅଞ୍ଚଳରେ ସୋମବାର ଏକ ନିର୍ମାଣାଧୀନ ଘରୋଇ ଇନ୍‌ଡୋର ଷ୍ଟାଡ଼ିୟମର ଛାତ ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ୧୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଡିସିପି ଜଗଦେଶ୍ୱର ରେଡ୍ଡୀ ଏହି ସୂଚନା ଦେଇଛନ୍ତି।

## ଇଡିକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି):** ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ଆମ୍ ଆଦମୀ ପାର୍ଟି (ଆପ୍) ନେତା ସଞ୍ଜୟ ସିଂଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କୁ ନୋଟିସ ଜାରି କରିଛନ୍ତି। ଡିସେମ୍ବର ୧୧ ସୁଦ୍ଧା ଏହି ମାମଲାରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ଜାମିନ ଆବେଦନ କରିବା ପାଇଁ ମଧ୍ୟ ସଞ୍ଜୟ ସିଂଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ସହ ସୁପ୍ରିମକୋର୍ଟଙ୍କ କୌଣସି ଦେବାନେବା ନାହିଁ। ଆଇନ ଅନୁଯାୟୀ ମାମଲାର ବିଚାର କରାଯିବ ବୋଲି ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଏସ୍‌ଭିଏନ୍ ଭାଟିଙ୍କ ଖଣ୍ଡପୀଠ କହିଛନ୍ତି। ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ନିଜ ଗିରଫ ଏବଂ ରିମାଣ୍ଡକୁ ବିରୋଧ କରି ସଞ୍ଜୟ ସିଂ ଏହି ଆବେଦନ ଦାଏର କରିଥିଲେ। ଅକ୍ଟୋବର ୪ରେ ତାଙ୍କୁ ଗିରଫ କରାଯାଇଥିଲା।

## ଜାଭିୟର ଆର୍ଜେଣ୍ଟିନା ରାଷ୍ଟ୍ରପତି ନିର୍ବାଚିତ

**ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି):** ଆର୍ଜେଣ୍ଟିନା ରାଷ୍ଟ୍ରପତି ନିର୍ବାଚନରେ ଦକ୍ଷିଣପନ୍ଥୀ ନେତା ଜାଭିୟର ମିଲେଇ (୫୩) ବୃହତ ବିଜୟ ହାସଲ କରିଛନ୍ତି। ସେ ୫୫.୮ ପ୍ରତିଶତ ଭୋଟ୍ ହାସଲ କରିଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱି ଅର୍ଥମନ୍ତ୍ରୀ ସର୍ଜିଓ ମସା ୪୪.୨ ପ୍ରତିଶତ ଭୋଟ ପାଇଛନ୍ତି। ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଲେଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ବନ୍ଧକୁ ଅଧିକ ନିବିଡ଼ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା କହିଛନ୍ତି। ଗତ ବର୍ଷ ଆର୍ଜେଣ୍ଟିନା ସହ ଭାରତର ଦ୍ୱିପାକ୍ଷିକ କାରବାର ୬.୪ ବିଲିୟନ ଡଲାର ରହିଥିଲା। ଏବେ ଆର୍ଜେଣ୍ଟିନାର ମୁଦ୍ରାସ୍ଫିତୀ ୧୪୦% ଉପରେ। ଜାଭିୟର ଏହାକୁ ସୁଧାରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଚନ୍ଦ୍ରବାବୁ ନାଇଡୁଙ୍କୁ ନିୟମିତ ଜାମିନ

**ଅମରାବତୀ, ୨୦।୧୧ (ଏଜେନ୍ସି):** ଦକ୍ଷତା ବିକାଶ କେନ୍ଦ୍ର ଦୁର୍ନୀତି ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଆନ୍ଧ୍ରପ୍ରଦେଶ ହାଇକୋର୍ଟ ତାଙ୍କୁ ସୋମବାର ନିୟମିତ ଜାମିନ ପ୍ରଦାନ କରିଛନ୍ତି। ଗତ ୩୧ ତାରିଖରେ କୋର୍ଟ ଏହି ମାମଲାରେ ତାଙ୍କୁ ୨୮ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏହା ପରେ ସେ ରାଜମୁନ୍ଦରି ଜେଲ୍‌ରୁ ବାହାରି ଥିଲେ। ସେପ୍ଟେମ୍ବର ୯ରେ ସିଆଇଡି ଚନ୍ଦ୍ରବାବୁଙ୍କୁ ଗିରଫ କରିଥିଲା। ସେ ୫୩ ଦିନ ପର୍ଯ୍ୟନ୍ତ ନ୍ୟାୟିକ ହେପାଜତରେ ରହିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରାଇଥିଲେ ବୋଲି ସେ କହିଛନ୍ତି।

## ପନ୍ନୁ ବିରୋଧରେ ଏନ୍‌ଆଇଏର ଏତଲା

**ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି):** କାନାଡ଼ାରେ ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଇଥିବା ଆତଙ୍କବାଦୀ ତଥା ବେଆଇନ ଘୋଷିତ 'ଶିଖ୍ ଫର ଜଷ୍ଟିସ୍' ନେତା ଗୁରୁପତ୍‌ୱନ୍ତ ପନ୍ନୁ ବିରୋଧରେ ଜାତୀୟ ତଦନ୍ତକାରୀ ଏଜେନ୍ସି(ଏନଆଇଏ) ଏତଲା ଦାଏର କରିଛି। ଗତ ୧୯ ତାରିଖରେ କାନାଡ଼ାରୁ ଭାରତ ଆସୁଥିବା ଏୟାର ଇଣ୍ଡିଆ ବିମାନ ଯାତ୍ରୀଙ୍କୁ ଏକ ଭିଡିଓ ଦ୍ୱାରା ପନ୍ନୁ ଧମକ ଦେଇ ଭୟଭୀତ କରିବା ଘଟଣାରେ ଏନଆଇଏ ଏହି ପଦକ୍ଷେପ ନେଇଛି। ପନ୍ନୁ ଏକ ଭିଡିଓ ଜାରି କରିବା ସହିତ ନଭେମ୍ବର ୧୯ ପରେ କୌଣସି ଶିଖ ଏୟାର ଇଣ୍ଡିଆ ବିମାନରେ ନ ଯିବାକୁ କହିଥିଲା। ଏହି ବିମାନରେ ଯାତ୍ରୀମାନଙ୍କ ଜୀବନ ପ୍ରତି ଭୟ ରହିଛି ବୋଲି ସେ କହିଥିଲା।

## ଉତ୍ତରାଖଣ୍ଡ ଟନେଲ୍ ଉଦ୍ଧାର କାର୍ଯ୍ୟରେ ଆଂଶିକ ସଫଳତା

# ଶ୍ରମିକଙ୍କ ନିକଟରେ ପହଞ୍ଚିଲା ୬ ଇଞ୍ଚର ପାଇପ୍

**ଡେରାଡୁନ୍,୨୦।୧୧(ଏଜେନ୍ସି):** ଉତ୍ତରକାଶୀରେ ଟନେଲ୍ ଦୁର୍ଘଟଣାକୁ ଇତିମଧ୍ୟରେ ୯ ଦିନ ବିତିଥିଲେ ବି ଟନେଲ ଭିତରେ ଫସି ରହିଥିବା ୪୧ ଶ୍ରମିକଙ୍କୁ ଉଦ୍ଧାର କରାଯିବା ସମ୍ଭବ ହୋଇପାରି ନାହିଁ। ତେବେ ସୋମବାର ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହିତ ଶ୍ରମିକମାନେ ଫସି ରହିଥିବା ସ୍ଥାନ ପର୍ଯ୍ୟନ୍ତ ଏକ ଛଅ ଇଞ୍ଚର ପାଇପ ପହଞ୍ଚାଯାଇଛି। ଏହି ପାଇପ୍

- **ଡିଆରଡିଓ ପଠାଇଲା ଦୁଇ 'ଦକ୍ଷ' ରୋବଟ୍**
- **ସବୁ ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ମୋଦୀଙ୍କ ଦୃଢୋକ୍ତି**

ମାଧ୍ୟମରେ ଶ୍ରମିକମାନଙ୍କୁ କଠିନ ଖାଦ୍ୟ ଏବଂ ଔଷଧ ଆଦି ପହଞ୍ଚାଯିବା ସହିତ ସେମାନଙ୍କ ସହ ଯୋଗାଯୋଗ କରାଯିବା ସମ୍ଭବ ହୋଇପାରିବ ବୋଲି ଏନଏଚଆଇଡିସିଏଲ ନିର୍ଦ୍ଦେଶକ କହିଛନ୍ତି। ଏହି ପାଇପକୁ ଶ୍ରମିକମାନଙ୍କ ନିକଟରେ ପହଞ୍ଚାଯିବା ଏକ ବଡ଼ ଉପଲବ୍ଧି ବୋଲି ସେ କହିଛନ୍ତି। ଏହାବ୍ୟତୀତ ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ(ଡିଆରଡିଓ) ପକ୍ଷରୁ ଦୁର୍ଘଟଣା ସ୍ଥଳକୁ ଦୁଇଟି ରୋବଟ୍ ମଧ୍ୟ ପଠାଯାଇଛି। 'ରିମୋଟ୍ ଅପରେଟେଡ୍ ଭେଇକିଲ(ଆରଓଭି)' ଭାବେ ଏହି ଦୁଇ ରୋବଟ୍ ଉଦ୍ଧାର କାର୍ଯ୍ୟରେ ସବିଶେଷ ସହାୟତା ଯୋଗାଇ ଦେବେ ବୋଲି କୁହାଯାଇଛି। ସେହିପରି ଘଟଣାସ୍ଥଳରେ ସୋମବାର ଆଉ କିଛି ବିଦେଶୀ ବିଶେଷଜ୍ଞ ପହଞ୍ଚିବା ସହିତ ସମସ୍ତ ଶ୍ରମିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବା ନେଇ ଦୃଢୋକ୍ତି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହିତ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ଆଲୋଚନା କରିଛନ୍ତି। ଉଦ୍ଧାର କାର୍ଯ୍ୟ ଲାଗି ଯାହାକିଛି ଆବଶ୍ୟକ ରହିଛି ତାହା କେନ୍ଦ୍ର ସରକାର ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମୋଦୀ କହିଥିଲା ବେଳେ ଖୁବଶୀଘ୍ର ଶ୍ରମିକମାନେ ସୁରକ୍ଷିତ ଉଦ୍ଧାର ହେବେ ବୋଲି କହିଛନ୍ତି। ଲ୍ଲେଖଯୋଗ୍ୟ ଯେ, ଶନିବାର ଠାରୁ ଦୁଇ ଦୁଇଟି ହେଭି ମେସିନରେ ଖନନ କରାଯାଇ ଭିତରକୁ ପାଇପ ଭର୍ତ୍ତି କରିବା ଲାଗି ଉଦ୍ୟମ କରାଯିବା ସହିତ ବିକଳ୍ପ ଉପାୟରେ ପାହାଡ଼ ଉପରୁ ଖନନ କରିବା ଆରମ୍ଭ କରାଯାଇଥିଲା। ଏହାସତ୍ତ୍ୱେ ରବିବାର ସୁଦ୍ଧା ସେଭଳି କୌଣସି ସକାରାତ୍ମକ ଖବର ମିଳିପାରି ନଥିଲା। ତେବେ



ସୋମବାର ଶ୍ରମିକମାନଙ୍କ ସହ ଯୋଗାଯୋଗ ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସଫଳ ହୋଇଥିବାରୁ ଉଦ୍ଧାରକାରୀ ଟିମ୍‌ଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଦ୍ୱିଗୁଣିତ ହୋଇଛି। ଟନେଲ ଦ୍ୱାର ଠାରୁ ଶ୍ରମିକମାନେ ପ୍ରାୟ ୫୦ ମିଟର ଦୂରରେ ରହିଛନ୍ତି। ବିଶେଷଜ୍ଞମାନେ ପାହାଡ଼ର ଉପରିସ୍ଥ ଭାଗରୁ ଶ୍ରମିକମାନେ ଫସି ରହିଥିବା ସ୍ଥାନ ପର୍ଯ୍ୟନ୍ତ ପାଇପ ନେବାକୁ ମଧ୍ୟ ଉଦ୍ୟମ କରୁଛନ୍ତି। ଗତକାଲି କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୋମବାର ବିଦେଶରୁ ଆସିଥିବା ଆଉ କିଛି ବିଶେଷଜ୍ଞ ପହଞ୍ଚିବା ପରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି।

## ସୁସ୍ମିତା ସେନ୍‌ଙ୍କୁ ବାହାହେବେ ମୋଦୀ!

**ମୁମ୍ବଇ, ୨୦।୧୧ (ଏଜେନ୍ସି):** ପୂର୍ବତନ ବିଶ୍ୱ ସୁନ୍ଦରୀ ସୁସ୍ମିତା ସେନ୍ ଏବେ ଚର୍ଚ୍ଚାରେ ଅଛନ୍ତି। ସେ ବ୍ୟବସାୟୀ ତଥା ଆଇପିଏଲ୍‌ର ପୂର୍ବତନ କମିଶନର ଲଳିତ ମୋଦୀଙ୍କୁ ବାହା ହେବେ ବୋଲି ଚର୍ଚ୍ଚା ହେଉଛି। ଉଭୟଙ୍କ ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କିଛି ଦିନ ତଳେ ଲଳିତଙ୍କ ସହ ସମ୍ବନ୍ଧ ବିଷୟରେ ସେ ସୂଚନା ଦେଇଥିଲେ। ଏହା ପରଠାରୁ ସୁସ୍ମିତାଙ୍କୁ ଗୋଲ୍ଡ ଡିଗର କୁହାଯାଉଥିଲା। ସୁସ୍ମିତା ଏକ ସାକ୍ଷାତକାରରେ ଏ ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି। ସେ ଜୀବନର ପ୍ରତ୍ୟେକ ମୂହୁର୍ତ୍ତକୁ ଉପଭୋଗ କରିବାକୁ ଚାହାନ୍ତି ବୋଲି କହିଛନ୍ତି। ଲଳିତ ମୋଦୀଙ୍କୁ ଡେଟ୍ କରିବା ମଧ୍ୟ ଏହାର ଏକ ଅଂଶ ଥିଲା। ଉଭୟଙ୍କ ସମ୍ପର୍କକୁ ନେଇ କରାଯାଉଥିବା ମିମ୍‌କୁ ସେ ଉପଭୋଗ କରିଥାନ୍ତି।



## ମୁଖ୍ୟ ସଚିବଙ୍କୁ ହଟାଇବାକୁ ମନାକଲେ ଦିଲ୍ଲୀ ଏଲ୍‌ଜି

**ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି):** ଦିଲ୍ଲୀ ସରକାରଙ୍କ ମୁଖ୍ୟ ସଚିବ (ସିଏସ୍) ନରେଶ କୁମାରଙ୍କୁ ହଟାଇବାକୁ ଉପ-ରାଜ୍ୟପାଳ (ଏଲ୍‌ଜି) ବିନୟ କୁମାର ସକ୍ସେନା ମନା କରିଦେଇଛନ୍ତି। ତାଙ୍କୁ ପ୍ରଦାନ କରାଯାଇଥିବା ରିପୋର୍ଟ ପୁରୁଣା ଚିନ୍ତାଧାରା ଏବଂ ଅନୁମାନ ଉପରେ ଆଧାରିତ। ଏଥିପାଇଁ ଏହା ଉପରେ ବିଚାର କରିବାକୁ ଏଲ୍‌ଜି ମନା କରିଦେଇଛନ୍ତି। ଅଭିଯୋଗକୁ ସେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କହିଛନ୍ତି। ବନ୍ଦ ଲଫାପାରେ ରିପୋର୍ଟ ପ୍ରଦାନ କରାଯାଇଥିଲା। କିନ୍ତୁ ପୂର୍ବରୁ ସବୁ ୱେବସାଇଟରେ ଥିଲା। ସତ ଜାଣିବା ପାଇଁ ତଦନ୍ତ ହୋଇଥିବା ପରି ଲାଗୁନାହିଁ। ଏହା ମିଡିଆ ଟ୍ରାଏଲ ଏବଂ କୋର୍ଟଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ। ଦିଲ୍ଲୀ ସରକାର ଦ୍ୱାରକା ଏକ୍ସପ୍ରେସ୍-ୱେ ପାଇଁ ଜମି ଅଧିଗ୍ରହଣରେ ୮୯୭ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ କରିଥିଲେ। ନରେଶ କୁମାର ନିଜ ପୁଅର କମ୍ପାନୀକୁ ୮୯୭ କୋଟି ଟଙ୍କାର ଲାଭ ପହଞ୍ଚାଇ ଥିଲେ ବୋଲି ଭିଜିଲାନ୍ସ ମନ୍ତ୍ରୀ ଆତିଶୀ ମାର୍ଲେନା କହିଥିଲେ। ପରେ ତାଙ୍କୁ ହଟାଇବା ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏଲ୍‌ଜିଙ୍କୁ ସୁପାରିସ କରିଥିଲେ।

## ଗାଜାର ଇଣ୍ଡୋନେସିଆ ହସ୍ପିଟାଲ ଉପରେ ବୋମାମାଡ଼

# ୧୨ ମୃତ, ୨୮ ନବଜାତକ ସ୍ଥାନାନ୍ତର

**ତେଲ୍ ଆଭିଭ୍,୨୦।୧୧(ଏଜେନ୍ସି):**

ହମାସ୍ ବିରୋଧରେ ଇସ୍ରାଏଲ ସେନାର ଆକ୍ରମଣ ଅବ୍ୟାହତ ରହିଛି। ବିଶ୍ୱସ୍ତରରେ ଗାଜା ଆକ୍ରମଣକୁ ତୀବ୍ର ବିରୋଧ କରାଯାଉଥିଲେ ମଧ୍ୟ ଇସ୍ରାଏଲର ଆଇଡିଏଫ ସେନା ଏହାକୁ ଭ୍ରୂକ୍ଷେପ ନକରି ଆକ୍ରମଣକୁ ଆହୁରି ଜୋରଦାର କରିଛି। ବିଗତ କିଛି ଦିନ ହେଲା ଗାଜାର

### ଅଲ୍-ସିଫା ହସ୍ପିଟାଲ ଉପରେ ଆକ୍ରମଣ ଜାରି

ସର୍ବବୃହତ ହସ୍ପିଟାଲ ଅଲ-ସିଫା ଉପରେ ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ଦ୍ୱାରା ଆକ୍ରମଣ ଜାରି ରହିଥିଲା ବେଳେ ସୋମବାର ଇଣ୍ଡୋନେସିଆ ଦ୍ୱାରା ପରିଚାଳିତ ଏକ ହସ୍ପିଟାଲରେ ଉପରେ ଆକ୍ରମଣ ହୋଇଛି। ଏହି ଘଟଣାରେ ଅନ୍ୟୁନ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା



ବେଳେ ସ୍ଥିତିକୁ ଦୃଷ୍ଟିରେ ରଖି ଏଠି ଚିକିତ୍ସିତ ହେଉଥିବା ୨୮ ନବଜାତକଙ୍କୁ ଇଜିପ୍ଟ ସ୍ଥାନାନ୍ତର କରାଯାଇଛି ବୋଲି ପାଲେଷ୍ଟାଇନ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। କିନ୍ତୁ ବିଭିନ୍ନ ହସ୍ପିଟାଲରେ ହମାସ୍ ଆତଙ୍କବାଦୀମାନେ ଆତ୍ମଗୋପନ କରି ଏବେ ବି ଇସ୍ରାଏଲ ଉପରେ ଆକ୍ରମଣ କରୁଛନ୍ତି ବୋଲି ଦାବି କରି ଇସ୍ରାଏଲ ସେନା ଏହାର ଅଭିଯାନ ଜାରି ରଖିଛି। ଏହାମଧ୍ୟରେ ଇସ୍ରାଏଲ ସେନା କିଛି ବନ୍ଧକଙ୍କ ଏକ ଭିଡିଓ ଜାରି କରିଛି। ଗତ ଅକ୍ଟୋବର ୭ ତାରିଖରେ ହମାସ ପ୍ରଥମେ ଇସ୍ରାଏଲ ଉପରେ ଆକ୍ରମଣ ଆରମ୍ଭ କରିବା ଦିନ କିଛି ନେପାଳୀ ଏବଂ ଥାଇଲ୍ୟାଣ୍ଡ ନାଗରିକଙ୍କୁ ଅପହରଣ କରି ଲ-ସିଫା ହସ୍ପିଟାଲକୁ ନେଇ ଯାଉଥିବାର ଦୃଶ୍ୟ ଜାରି କରିଛି। ବର୍ତ୍ତମାନ ସୁଦ୍ଧା ଆହୁରି ୨୦୦ରୁ ଅଧିକ ଲୋକଙ୍କ ହମାସ୍ ବନ୍ଧକ ରଖିଥିଲା ବେଳେ ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ରଖାଯାଇଥିବା ସନ୍ଦେହ କରି ଇସ୍ରାଏଲ ସେନା ଆହୁରି ଆକ୍ରାମକ ହୋଇଛି।

## ରାମ ରହିମ୍‌ଙ୍କୁ ପୁଣି ପାରୋଲ

**ଚଣ୍ଡିଗଡ଼, ୨୦।୧୧ (ଏଜେନ୍ସି):** ଡେରା ସଚ୍ଚା ସୌଦାର ମୁଖିଆ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାର ପୁଣି ସୁଦୟା ହୋଇଛନ୍ତି। ରାମ ରହିମଙ୍କୁ ପୁଣି ୨୧ ଦିନ ପାଇଁ ପାରୋଲ ମିଳିଛି। ଅଲଗା ଅଲଗା ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗ କରୁଥିବା ରାମ ରହିମଙ୍କୁ ଗତ ୩୦ ମାସ ମଧ୍ୟରେ ୮ ଥର ପାଇଁ ପାରୋଲ ମିଳିଲାଣି। ଚଳିତ ଥର ସେ ଉତ୍ତରପ୍ରଦେଶର ବାଗପତ ସ୍ଥିତ ବରନାୱା ଆଶ୍ରମରେ ରହିବେ। ଏହା ପୂର୍ବରୁ ସେ ଜୁଲାଇରେ ୩୦ ଦିନ ପାଇଁ ପାରୋଲରେ ଆସିଥିଲେ। ତାଙ୍କୁ ବାରମ୍ବାର ମିଳୁଥିବା ପାରୋଲ ପଛରେ ହରିୟାଣା ସରକାରଙ୍କ ରାଜନୈତିକ ଉଦ୍ଦେଶ୍ୟ ରହିଥିବା କୁହାଯାଉଛି। ଏହାକୁ ଆଗାମୀ ବିଧାନସଭା ନିର୍ବାଚନ ସହ ଯୋଡ଼ି ଦେଖାଯାଉଛି।



## ରେକୁଟିଆରେ କାର୍ତ୍ତିକେଶ୍ୱର ପୂଜା



**ଆନନ୍ଦପୁର, ୨୦।୧୧(ସମିସ):** ଘଷିପୁରା ବ୍ଲକ ରେକୁଟିଆ ଗ୍ରାମର ନିମ୍ବଛକ ଠାରେ ଶ୍ରୀକାର୍ତ୍ତିକେଶ୍ୱରଙ୍କ ବାର୍ଷିକ ପୂଜା ବହୁ ଆଡମ୍ବରରେ ଅନୁଷ୍ଠିତ ହେଉଛି। ସେଣ୍ଟେଇ ନଦୀରୁ କମିଟି ସଦସ୍ୟ ମାନେ କଳସ ପୂଜାର୍ଚ୍ଚନା କରି କଳସ ବୁଡାଇ ଶଙ୍ଖ ଘଣ୍ଟ କୀର୍ତ୍ତନ କରି କାର୍ତ୍ତିକେସ୍ୱର ମଣ୍ଡପକୁ ଆସିଥିଲେ। ପରେ ଠାକୁରଙ୍କ ପ୍ରଜା ରୀତିନୀତି ଅନୁଯାୟୀ ପୂଜକ ଚୈତନ୍ୟଚରଣ ପତି ପୂଜାର୍ଚ୍ଚନା କରିଥିବା ବେଳେ ନୀକୁଞ୍ଜ ବିହାରୀ ଜେନା ସଂକଳ୍ପରେ ବସି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ କମିଟି ପକ୍ଷରୁ ପ୍ରସାଦ ସେବନ ବେବସ୍ଥା କରାଯାଉଛି। କମିଟି ସଦସ୍ୟ କରୁଣାକର ଚକ୍ର, ଦିବାକର ଜେନା, ଅନାମ ଚରଣ ଜେନା, କୁଳମଣି ଚକ୍ର, ବିଜୟ କୁମାର ଚକ୍ର, ନବୀନ ଚକ୍ର, ଗୋପାଳକୃଷ୍ଣ ଜେନା, ସୁରେନ୍ଦ୍ର କୁମାର ଜେନା ଓ କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ପୂଜା ଚାଲିଥିବା ଜଣାଯାଇଛି।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ବାଲିବନ୍ଧ, ୨୦।୧୧ (ସମିସ):** ଝୁମ୍ପୁରା ବ୍ଲକ ଅର୍ନ୍ତଗତ ନହବେଡା ଗ୍ରାମପଞ୍ଚାୟତ ନହବେଡା କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଚମ୍ପୁଆ ପକ୍ଷରୁ ଆୟୋଜିତ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା କାର୍ଯ୍ୟକ୍ରମରେ ନହବେଡା ସରପଞ୍ଚ ମନ୍ମଥବିଳାଶ ତିଓ, ଚମ୍ପୁଆ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରିୟଙ୍କା ପାଣି, ଝୁମ୍ପୁରା ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧିକାରୀ (ଏଚ୍‌ଇଓ) ପାରିଜାତ ମହାନ୍ତ, ଝୁମ୍ପୁରା ମିଶନଶକ୍ତି ବିପିଏସିଏ ସୁଶାନ୍ତ କୁମାର ମହାନ୍ତ, ଆଇସିଡିଏସ୍ ସୁପରଭାଇଜର ଶାନ୍ତୀଲତା ନାଏକ, ଜିପିଏଲ୍‌ଏଫ୍ ସମ୍ପାଦିକା ତୁଳସୀ ମହାନ୍ତ, ନହବେଡା ଗ୍ରାମସେବକ ସୌଦାମିନୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରିୟଙ୍କା ପାଣି ଧଣ୍ୟବାଦ ଅର୍ପଣ କରିଥିଲେ।

## ରନ୍-ଏ-ଥନକୁ ନେଇ ଯୋଡ଼ାରେ ଉତ୍ସାହ

**ଯୋଡ଼ା, ୨୦।୧୧(ସମିସ):** କନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ମାନର ବୃତ୍ତିଗତ ଦୌଡ଼ 'ରନ-ଏ-ଥନ' ଆରମ୍ଭ ହେବାକୁ ଯାଉଥିବାରୁ ଏହାକୁ ନେଇ ସାରା ସହରରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନଭେମ୍ବର ୨୬ ତାରିଖରେ ଯୋଡ଼ା ସ୍ଥିତ ସେଣ୍ଟ୍ରାଲ ଖେଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉତ୍କଣ୍ଠାପୂର୍ଣ୍ଣ ଦୌଡ଼ରେ ସମଗ୍ର ଦେଶରୁ ପ୍ରାୟ ୪ ହଜାର ଧାବକ ଧାବିକା ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଦୌଡ଼ରେ ଉନ୍ନତ ପ୍ରଦର୍ଶନ କରିବା ଲାଗି ବୃତିଗତ ଧାବକ/ ଧାବିକା, ଫିଟ୍‌ନେସ୍ ପ୍ରେମୀ ଓ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସେଣ୍ଟ୍ରାଲ ଖେଳପଡ଼ିଆ ଓ ଭିଟି କେନ୍ଦ୍ର ପଡ଼ିଆରେ ସକାଳ ଓ ସନ୍ଧ୍ୟାରେ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି। ପ୍ରାତଃ ଭ୍ରମଣକାରୀମାନେ ମଧ ପଛରେ ନାହାନ୍ତି। ନିଜ ଫିଟ୍‌ନେସ ପ୍ରଦର୍ଶନ କରିବା ଲାଗି ସେମାନେ ଦୌଡ଼ରେ ନିଜକୁ ସାମିଲ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ଦୌଡ଼ର ବିଷୟବସ୍ତୁ ହେଉଛି 'ଏକ ସବୁଜ ଭବିଷ୍ୟତ ପାଇଁ ଦୌଡ଼'। ପୁରୁଷ ଓ ମହିଳାଙ୍କ ପାଇଁ ୧୦ କିଲୋମିଟର ଓ ୭ କିଲୋମିଟର ଦୌଡ଼ (୧୫ ବର୍ଷରୁ ଅଧିକ), ବାଳକ ଓ ବାଳିକା (୧୬ ବର୍ଷରୁ କମ୍) ପାଇଁ ୫ କିଲୋମିଟର ଦୌଡ଼ ଏବଂ ଦିବ୍ୟାଙ୍ଗ/ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ୨ କିଲୋମିଟର ଦୌଡ଼ ଭଳି ତିନୋଟି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ବର୍ଗରେ ଜିତିବାକୁ ଥିବା ମୋଟ ପୁରସ୍କାର ରାଶି ହେଉଛି ୫ ଲକ୍ଷ ୬୭ ହଜାର ଟଙ୍କା।

## ଢେଙ୍କାରେ ଶୌଚାଳୟ ଦିବସ ପାଳିତ

**ହାଟଡିହି, ୨୦।୧୧(ସମିସ):** ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ସୁବାସିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ବିପିସି କାର୍ତ୍ତିକ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ବରିଷ୍ଠ ବିଜେଡି ନେତା ରବୀନ୍ଦ୍ର କୁମାର ନାୟକ, ସମିତିସଭ୍ୟା ସୁକାନ୍ତି ବିଶ୍ୱାଳ, ରମ୍ପାସ ସମିତି ସଭ୍ୟ ବାବନ କୁମାର ସେଠୀ, ମିଶନଶକ୍ତି ଏମ୍‌ବିକେ ମିନାକ୍ଷୀ ବିଶ୍ୱାଳ, ସିଆରପି ବାସନ୍ତୀ ଦାସଙ୍କ ସମେତ ୱାର୍ଡ ସଭ୍ୟସଭ୍ୟା ଓ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟମାନେ ଯୋଗଦେଇଥିଲେ। ରମାକାନ୍ତ ଦେହୁରୀ, ସୁବାସ ବିଶ୍ୱାଳ, କୈଳାସ ମହାନ୍ତି, ଜ୍ୟୋତିରଞ୍ଜନ ଦାଶ, ରୁଦ୍ରପ୍ରସାଦ କର, ସନ୍ଦୀପ ସେଠୀ, ମନୋଜ ଦାଶ, ରଶ୍ମି କର, ରାଜେଶ ପଣ୍ଡା, ସୁଶାନ୍ତ କର, ଚିନ୍ତାମଣି ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୈଳଙ୍ଗ ସମିତିରେ ସମବାୟ ସପ୍ତାହ ପାଳିତ

**ଆନନ୍ଦପୁର, ୨୦।୧୧(ସମିସ):** ଆନନ୍ଦପୁରର ଶୈଳଙ୍ଗ ସେବା ସମିତି ଆନୁକୂଲ୍ୟରେ ୭୦ ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ସମ୍ପାଦକ ଅଭିମନ୍ୟୁ ପତିଙ୍କ ସଂଯୋଜନାରେ ସଭାପତି ରବୀନ୍ଦ୍ର କୁମାର ସାହୁ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର ଯୋଗଦେଇଥିଲେ। ଅନ୍ୟତମ ନିର୍ଦ୍ଦେଶକ ବିଦ୍ୟୁତ୍ ଭୂଷଣ ନାୟକ, ମରେଇ ଗାଁ ସମିତି ସମ୍ପାଦକ ଶରତ କୁମାର ସେଠୀ, କାଉନସିଲର ଲିନାରାଣୀ ସାହୁ, ସମିତି ନିର୍ଦ୍ଦେଶକ ରଞ୍ଜନ କୁମାର ପୁହାଣ, ରଘୁନାଥ ସେଠୀ, ବିଶ୍ୱନାଥ ସାହୁ, ମୁରଲୀ ରାଉତ୍, ପ୍ରଭାକର ନାୟକ, ଚିତ୍ତରଞ୍ଜନ ନାୟକ, ନାଣ୍ଡୁ ଜେନା ପ୍ରମୁଖ ଯୋଗଦେଇଥିଲେ। ଅଗ୍ରଣୀ ଚାଷୀ ଜୟନ୍ତ କୁମାର ସାହୁ, କ୍ଷୀରୋଦ କୁମାର ସାହୁ, ସହଦେବ ସାହୁ, ପିତାମ୍ବର ସା, ଗୟାଧର ନାୟକ, ଜୟରାମ ଜେନା, ପ୍ରମୋଦ ସା, ଅକ୍ଷୟ ମୁଦୁଲି, ରବୀନ୍ଦ୍ର ପୁହାଣ, ଶଙ୍କର୍ଷଣ ସାହୁ, ସୁଦର୍ଶନ ପୁହାଣଙ୍କ ସମେତ ଗୋହୀରା, ଶୈଳଙ୍ଗ, ବୀରଗୋବିନ୍ଦପୁର ଗ୍ରାମର ଶତାଧିକ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମିତିର ଉପ ସଭାପତି ନେତ୍ରୀ ଜ୍ୟୋସ୍ନାରାଣୀ ଅମାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମିତି କର୍ମଚାରୀ କାଳିଆ ଅମାନ୍ତ, ସାରଦା ପ୍ରସନ୍ନ ତ୍ରିପାଠୀ, ଚିନ୍ତାମଣି ପାତ୍ର ପରିଚାଳନା କରିଥିଲେ।

## ଯୁବ ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

**ପାଟଣା, ୨୦।୧୧(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆସ୍ଥିତ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ବିଦ୍ୟାଳୟର ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନୋଡାଲ ଅଫିସର ଅଧାପକ ଦଶରଥ ସାହୁ ଉପସ୍ଥିତ ଥିଲେ। ସାମାଜିକ ସଚେତନତା କାର୍ଯ୍ୟକ୍ରମ ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ସେନାପତି, କାହ୍ନୁ ଚରଣ ପଲେଇ ସାଂସ୍କୃତିକ କାର୍ଯ୍ୟକ୍ରମ ବିଭାଗର ଅଧାପକ ମିତ୍ରଭାନୁ ମହାନ୍ତ, ସନ୍ଦୀପ କୁମାର ମହାନ୍ତ ଏବଂ କ୍ରୀଡ଼ା ଶିକ୍ଷକ ସମରେନ୍ଦ୍ର ମହାନ୍ତ ଅଧାପକ ଯଯାତି ସାହୁ ପ୍ରମୁଖ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମ କିପରି ସଫଳ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମରେ କଲେଜର ରେଡକ୍ରସ୍, ଏନ୍‌ଏସ୍‌ଏସ, ରେଡ୍ ରିବନ୍ କ୍ଲବ ଓ ଇକୋ କ୍ଲବର ସଦସ୍ୟ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯେପରି ସମ୍ପୃକ୍ତ ରହିବେ ସେ ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ର ପ୍ରତିନିଧି ଡଲିସ୍ମିତା ମହାନ୍ତ, ମୋନାଲିସା ସେଠୀ ଓ କାଲେ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ବୁଧବାର ଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଶେଷରେ ଅଧାପିକା ସୌଦାମିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁରରେ ବାଳବିକାଶ ପ୍ରତିଯୋଗିତା

**ଆନନ୍ଦପୁର, ୨୦।୧୧(ସମିସ):** ଆନନ୍ଦପୁର ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ବାଳ ବିକାଶ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଆଧ୍ୟାତ୍ମିକ ଜ୍ଞାନ ପରୀକ୍ଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମିତିର ଆବାହକ ଗୋପରଞ୍ଜନ ପାଣିଙ୍କ ତତ୍ତ୍ୱାବଧାନରେ ବାଳବିକାଶ ଗୁରୁ ଶ୍ରୀକାନ୍ତ ସାହୁ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆନନ୍ଦପୁର, ଘଷିପୁରା ଓ ଡଡଙ୍ଗ ଭଜନ ମଣ୍ଡଳୀର ବାଳବିକାଶ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ନିତ୍ୟାନନ୍ଦ ସାମଲ, ବିଜୟ କୁମାର ମିଶ୍ର, ତପନ କୁମାର ବେହେରା, ଦିଲୀପ କୁମାର ଧଳ, ସାଇ ନାରାୟଣ ରାଉତ, ରାଜେନ୍ଦ୍ର ସାହୁ ତନୁଷ କୁମାର ବାରିଙ୍କ ସମେତ ସଂଗଠନର ଭାଇ ଓ ଭଉଣୀମାନେ ପରିଚାଳନା କରିଥିଲେ।

### ୫୦ ବର୍ଷ ପରେ ବି ପରିଚୟ ଖୋଜୁଛି ଉଦଳା ସହର

# ନେତାଙ୍କ ପ୍ରତିଶ୍ରୁତିରେ ରହିଛି ବିକାଶର ଚିତ୍ର

**ଉଦଳା, ୨୦।୧୧(ସମିସ):** ଉଦଳା ସହର ୧୨ଟି ୱାର୍ଡର ଭୋଟର ସଂଖ୍ୟା ୧୨ ହଜାର ଛୁଇଁଲାଣି। ଉଦଳା ଏନଏସି ୧୯୭୩ ମସିହାରେ ଗଠନ ହୋଇଥିଲା। ଆଜକୁ ୫୦ ବର୍ଷ ବିତିଯାଇଥିଲେ ହେଁ ସହର ଏବେ ଏକ ପୁରୁଣା କାଳିଆ ବଜାର ସ୍ଥିତିରେ ରହିଛି। କଂଗ୍ରେସ ୩ଥର, ବିଜେଡି ୨ଥର ଓ ବିଜେପି ୩ଥର ଶାସନ ହାତେଇଛନ୍ତି। ସହରର ମୁଖ୍ୟ ସମାସ୍ୟା ହେଉଛି ରାସ୍ତାଘାଟ, ଜଳ ନିଷ୍କାସନ, ପାନୀୟ ଜଳ, ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ ରହିଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ମଧ ଏକ ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି। ଶିମିଳିପାଳର ପୂର୍ବ ପାଦଦେଶରେ ଥିବା ଏହି ଛୋଟ ସହରର ନବକଳେବର କେବେ ହେବ ସେ ନେଇ ବିଧାୟକଙ୍କ ପାଖରେ କୌଣସି ଉତ୍ତର ନାହିଁ। କେବଳ ଉଦଳାର ବିକାଶର ନାରା ଦେଇ ନିର୍ବାଚନ ସମୟରେ ଭୋଟ ହାତେଇଲା ପରେ ଆଉ କାହାର ମନେପଡେ ନାହିଁ। ଫଳରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ଦେଖିବାକୁ ମିଳୁଛି। ଦୀର୍ଘ ୨୦ ବର୍ଷ ଧରି କେବଳ ପ୍ରତିଶ୍ରୁତି ମିଳିଛି; ହେଲେ ବାସ୍ତବ ଚିତ୍ର ପୂରା ଓଲଟା। ମୋଟାମୋଟି ଭାବେ କହିବାକୁ ଗଲେ ଉଦଳା ସହରର ବିକାଶ ଦିଗହରା ହୋଇଛି। ସହରର ପ୍ରବେଶପଥରେ ପରିଚୟ ଫଳକ, ବାଇପାସ ରୋଡ୍ ନିର୍ମାଣ, ମାଷ୍ଟାର ଡ୍ରେନ ନିର୍ମାଣ, ଟାଉନ ପ୍ଲାନିଂ ଜରିଆରେ ଉଦଳା ସହରର ଆଧୁନିକୀକରଣ, ଟ୍ରାଫିକ ବ୍ୟବସ୍ଥା, ଶିଶୁ ଉଦ୍ୟାନ ଓ ପାର୍କ, ପାନୀୟ ଜଳ ବ୍ୟବସ୍ଥା, ପାର୍କିଂ, ଆଲୋକ ବ୍ୟବସ୍ଥା, ଆଧୁନିକ ବସଷ୍ଟାଣ୍ଡ ନିର୍ମାଣ, ୨ୟ ଶବଦାହ କେନ୍ଦ୍ର ସ୍ଥାପନା, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ପ୍ରସଙ୍ଗ ରହିଛି। ଏହିସବୁ ପ୍ରସଙ୍ଗ ନେଇ ସର୍ବଦା ସହରବାସୀଙ୍କ ମନରେ ଆନ୍ଦୋଳିତ କରୁଛି। କେବଳ ନାମକୁ ମାତ୍ର ସହର; ହେଲେ ଅସଲରେ ସହରୀ ଛାପ ଦେଖିବାକୁ ମିଳେନି। କେବଳ କିଛି ଜବରଦଖଲ ଓ କିଛି ସ୍ଥାନରେ ବ୍ୟବସାୟକୁ କେନ୍ଦ୍ରକରି ସହର ମାନ୍ୟତା ପାଇଥିବା ନେଇ ଲୋକ ବିଭିନ୍ନ ଛକରେ ଆଲୋଚନା କରନ୍ତି। ଅପରପକ୍ଷରେ ବିଭିନ୍ନ ରାଜନୈତିକ ଦଳଗୁଡିକ ପୌର ନିର୍ବାଚନ ଆସିଲେ ତତ୍ପର ହୋଇଉଠନ୍ତି। ବିକାଶ କଥା କେବଳ ପ୍ରତିଶ୍ରୁତିରେ ରହିଯାଏ। ଫଳରେ ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରିସାରିଥିବା ସହରର ମୌଳିକ ସୁବିଧା ସୁଯୋଗ ଏବେ ବି ଲୋକଙ୍କ ପାଖରେ ଅପହଞ୍ଚ ହୋଇଛି। କେବଳ ଠିକାଦାରୀ ତୁଷ୍ଟିକରଣରେ ସହରର ବିକାଶ ଚାଲିଥିବା ବେଳେ ରାଜନୈତିକ ଦଳର ଆନ୍ତରିକତା ଓ ସମନ୍ୱୟ ନ ଥିବାରୁ ଉଦଳା ଆଜି ୫୦ ବର୍ଷ ପରେ ବି ନିଜର ପରିଚୟ ଖୋଜୁଛି।





## ମଛପଦା ଗ୍ରାମରେ କୃଷକ ତାଲିମ ଶିବିର

**ବୈଶିଙ୍ଗା, ୨୦।୧୧ (ସମିସ):** ବୈଶିଙ୍ଗା ଥାନା ଅଧୀନ ମଛପଦା ଗ୍ରାମରେ ବେଟର ଲାଇଫ ଫାର୍ମି (ବାୟର କ୍ରପ ସାଇନ୍ସ) କମ୍ପାନୀ ପକ୍ଷରୁ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗ୍ରାମର ଅରବିନ୍ଦ ସାହୁ, ଅମୂଲ୍ୟ କୁମାର ଦତ୍ତ, ରଜନୀକାନ୍ତ ମହାରଣା, ଚର୍ତୁଭୁଜ ଜେନା, ଲକ୍ଷ୍ମଣ ନାୟକ ସମେତ ଆଖପାଖ ଗ୍ରାମରୁ ଶତାଧିକ ଚାଷୀ ଯୋଗଦେଇ କିପରି କୃଷି କାର୍ଯ୍ୟରେ କମ୍ ଖର୍ଚ୍ଚ କରି ଅଧିକ ଅମଳ କରିପାରିବେ ସେ ସମ୍ପର୍କରେ କଂପାନୀର ରାଜ୍ୟ ସଞ୍ଚାଳକ ସ୍ୱରାଜ କୁମାର ପାଢ଼ୀ, ଆରସିଏମର ଅଭିରାମ ନାୟକ ଓ ଟିମ ଲିଡର ଲମ୍ବୋଦର ମହାନ୍ତି ଚାଷୀମାନଙ୍କୁ ବୁଝାଇଥିଲେ। ଏଥିସହିତ କୃଷକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବେଟର ଲାଇଫ ଫାର୍ମୀ ସହିତ ଜଡିତ ହେବାକୁ ଅନୁରୋଧ କରିଥିଲେ। ଶେଷରେ କୃଷି ଉଦ୍ୟୋଗୀ ଗଣେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ; ୩ ଆହତ

**ବେତନଟୀ, ୨୦।୧୧(ସମିସ):** ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଛକଠାରେ ୧୮ ନଂ ଜାତୀୟରାଜପଥ ଅତିକ୍ରମ କରୁଥିବା ସମୟରେ ଏକ ଦ୍ରୁତଗାମୀ ବାଇକ ଧକ୍କାରେ ଅନ୍ୟ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଗାଡିର ପଛରେ ବସିଥିବା ଜଣେ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ହାତୀମଡା ଗ୍ରାମର ସ୍ୱର୍ଗତ କାଳୀଚରଣ ଝରିଆଲଙ୍କ ପୁଅ ରବୀନ୍ଦ୍ର ଝରିଆଲ (୨୮)। ସୂଚନା ମୁତାବକ ରବିବାର ରାତିରେ ଏକ ବାଇକ୍ ଯୋଗେ ବାରିପଦା ସହର ଉପକଣ୍ଠ ନହରପଦା ଗ୍ରାମର ସୋମେଶ ପାଲଙ୍କ ପୁଅ ଐଶ୍ୱର୍ଯ୍ୟ ପାଲ ଏବଂ ବିବେକ ଦାସ ଦ୍ରୁତଗତିରେ ବେତନଟୀ ଅଭିମୁଖେ ଯାଉଥିବାବେଳେ ଅନ୍ୟ ଏକ ବାଇକଯୋଗେ ଦାନ୍ତିଆମୁହାଁ ଛକରେ ଦୁଇଜଣ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲେ।। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ରାସ୍ତା ଉପରେ ଦ୍ରୁତଗାମୀ ବାଇକ୍‌ରୁ ନିଆଁ ବାହାରି ଯାଇଥିଲା। ଦୁର୍ଘଟଣାରେ ରାସ୍ତା ଅତିକ୍ରମ କରୁଥିବା ଦୁଇଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ଐଶ୍ୱର୍ଯ୍ୟ ଏବଂ ବିବେକ ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲେ। ଉଭୟ ଆହତ ଏବଂ ଗୁରୁତରଙ୍କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ରବୀନ୍ଦ୍ରଙ୍କ ସହିତ ପଛରେ ବସିଥିବା ସେହି ହାତୀମଡା ଗ୍ରାମର ନକୂଳଚନ୍ଦ୍ର ସିଂଙ୍କ ପୁଅ ଡାକ୍ତର ସିଂ ଏବେ ମଧ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପୁଲିସ ମାମଲା ରୁଜୁକରି ରବିବାର ଶବବ୍ୟବଚ୍ଛେଦ କରିବା ହସିତ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତକରି ତଦନ୍ତ ଜାରି ରଖିଛି।

# ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସାଂଗଠନିକ ବୈଠକ



**କପ୍ତିପଦା, ୨୦।୧୧(ସମିସ):** କପ୍ତିପଦା ସଂସ୍କୃତି ଭବନ ପରିସରରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସତସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ, ଜିଲ୍ଲା ବିଶ୍ୱହିନ୍ଦୁପରିଷଦର ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ, ଜିଲ୍ଲା କର୍ମକର୍ତ୍ତା ନରେନ୍ଦ୍ର ମୋହନ ସିଂ, ବଂଶଧର ଦାଶ, ଟାଇଲସାହି ବାବା ଗୋଲକନାଥ, ବିଶୋଳ ମଠମହନ୍ତ ସୁଧାକର ବାବା, ପୂର୍ବତନ ସରପଞ୍ଚ ରେଣୁବାଳା ପାତ୍ର ପ୍ରମୁଖ ସାମ୍ପ୍ରତିକ ସ୍ଥିତିରେ ହିନ୍ଦୁଧର୍ମର ସୁରକ୍ଷା ନିମନ୍ତେ ଜନସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଧର୍ମପ୍ରସାର ପ୍ରମୁଖ ଦୟାନିଧି ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ କପ୍ତିପଦା ପ୍ରଖଣ୍ଡ ପାଇଁ ବିଶ୍ୱହିନ୍ଦୁ ପରିଷଦର ସଭାପତି ଭାବ ଦିଲ୍ଲୀପ କୁମାର ଦାସ, ଉପସଭାପତି ଭାବେ କାହ୍ନୁଚରଣ ବେହେରା, ଚିନ୍ତାମଣି ସେଠୀ ଓ ଗୋପୀନାଥ ନାଏକ, ସମ୍ପାଦକ ରାମଚନ୍ଦ୍ର ବେହେରା, ସହ ସମ୍ପାଦକ ସନ୍ତୋଷ କୁମାର ବେହେରା, ସିଂରାୟ ମାରାଣ୍ଡି, ବିକାଶ କୁମାର ପଣ୍ଡା, ସତସଙ୍ଗ ପ୍ରମୁଖ ସନ୍ତୋଷ କୁମାର ମହାନ୍ତି, ପ୍ରମୋଦ ପୃଷ୍ଟି, ବଜରଙ୍ଗ ଦଳର ପ୍ରମୁଖ ଶୁଭାଶିଷ ମିଶ୍ର ଓ ଜଗଦୀଶ ନାଏକ, ଗୋରକ୍ଷା ପ୍ରମୁଖ ନାରାୟଣ ଦାସବାବୁ, ସଞ୍ଜୟ ବେହେରା, ମାତୃଶକ୍ତି ପ୍ରମୁଖ ପଦ୍ମାବତୀ ବେହେରା, ମଠ, ମନ୍ଦିର ପ୍ରମୁଖ ମହେନ୍ଦ୍ର ପୃଷ୍ଟି ଓ ଶୁଭେନ୍ଦୁ ମୁଖି, ସାମାଜିକ ସମନସତ୍ତା ପର୍ଶୁରାମ ବେହେରା, ସନ୍ଥ ପ୍ରମୁଖ ଭାବେ ଗୋଲକବାବା ଓ ସୁଧାକର ବାବାଙ୍କୁ ମନୋନୀତ କରାଯାଇଥିଲା। ପ୍ରତି ପଞ୍ଚାୟତରେ କମିଟି ଗଠନ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଡିସେମ୍ବର ଶେଷ ସପ୍ତାହରେ ଏକ ବିଶେଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବ ବୋଲି ବୈଠକରେ ସ୍ଥିର ହୋଇଛି।

# ଉପଖଣ୍ଡସ୍ତରୀୟ ଜନଅଭିଯୋଗ ଶୁଣାଣି

**କରଞ୍ଜିଆ, ୨୦।୧୧(ସମିସ):** ଆଜି ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଜନଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୧୫୫ଟି ଅଭିଯୋଗ ଆଗତ ହୋଇଥିଲା। ସେଥିରୁ ୧୫୦ ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୫ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ଶିବିରରେ ପାଞ୍ଚପିଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ବିଡିଓ ଶ୍ରୀକାନ୍ତ ନାୟକ ସମେତ ସମସ୍ତ ବ୍ଲକର ବିଡ଼ିଓ ଓ କରଞ୍ଜିଆ ତହସିଲଦାର ଦିବାକର ମାଝୀ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ରାଇରଙ୍ଗପୁରରେ ଛଟ୍ ପୂଜା ସମ୍ପନ୍ନ



**ରାଇରଙ୍ଗପୁର, ୨୦।୧୧(ସମିସ):** ଚାରି ଦିବାସୀୟ ଆସ୍ଥାର ଛଟ୍ ମହାପର୍ବ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ ଛଟ୍ ବ୍ରତ ଆରମ୍ଭ, ଦ୍ୱିତୀୟ ଦିନ ଛଟ୍ ଠାକୁରଙ୍କ ଆବାହନ, ତୃତୀୟ ଦିନ ସନ୍ଧ୍ୟା ସମୟରେ ଅସ୍ତଗାମୀ ସୂର୍ଯ୍ୟଙ୍କ ନିକଟରେ ଅର୍ଘ୍ୟ ପ୍ରଦାନ ଓ ଚତୁର୍ଥ ଦିନ ପ୍ରାତଃରେ ଉଦିତନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଛଟ୍ ବ୍ରତଧାରୀମାନେ ସେମାନଙ୍କ ବ୍ରତ ସମାପନ କରିଥିଲେ। ଏହା ବୈଦିକ ଯୁଗରୁ ଆରମ୍ଭ ହୋଇ ଲୋକମାନଙ୍କ କଲ୍ୟାଣ ନିମିତ୍ତ ବିଶେଷ କରି ବିହାରୀ ସମ୍ପ୍ରଦାୟ ଲୋକେ ପୂଜାର୍ଚ୍ଚନା କରିଥାନ୍ତି। ରାଇରଙ୍ଗପୁର ସହରର ଖଡଖାଇ ବନ୍ଧତଟରେ ଛଟ୍ ପୂଜା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ରାଇରଙ୍ଗପୁର ଛଟ୍ ପୂଜା ସାମାଜିକ ଓ ସାଂସ୍କୃତିକ ଟ୍ରଷ୍ଟ କର୍ମକର୍ତ୍ତାମାନେ ବିଶେଷ ଭାବେ ସହଯୋଗ କରିଥିଲେ। ସେମାନଙ୍କ ମଧ୍ୟରେ ବିଜୟ କୁମାର ରାମ, ଅଧେକ୍ଷା ମିଶ୍ର, ବିନୋଧ କୁମାର ଦାସ, ରାଜେଶ ପ୍ରଜାପତି, ଲାଲ ବାବୁ ସାହୁ, ମଦନ ରଜକ, କିଶୋର ରଜକ, ଛଟୁ ଯାଦବ, ସୌରଭ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀ



**କରଞ୍ଜିଆ, ୨୦।୧୧(ସମିସ):** ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ବିହାରୀ ସମ୍ପ୍ରଦାୟ ଅଧିବାସୀଙ୍କ ଛଟ୍‌ପର୍ବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପରମ୍ପରା ଅନୁସାରେ ବିହାରୀ ସମ୍ପ୍ରଦାୟର ଲୋକେ ଚତୁର୍ଥୀରୁ ଏହି ପର୍ବ ଆରମ୍ଭ କରିଥାନ୍ତି। ପ୍ରଥମ ଦିନରେ 'ନାହାୟ ଖାଏ' (ଗାଧୁଆ ଖିଆ) କୁହାଯାଏ। ଏହିଦିନ ବ୍ରତଧାରୀମାନେ ଲାଉ ଓ ଭାତ ଖାଆନ୍ତି। ଦ୍ୱିତୀୟ ଦିନରେ ଖିରି ଭୋଜନି କୁହାଯାଏ। ଏହିଦିନ ବ୍ରତଧାରୀ ଦିନସାରା ଉପାସ ରହି ସନ୍ଧ୍ୟାରେ ଖିରି ଖାଇଥିଲେ ଏବଂ ଅନ୍ୟମାନଙ୍କୁ ମଧ ଖିରି ଏବଂ ପୁରିରେ ଆପ୍ୟାୟିତ କରିଥିଲେ। ତୃତୀୟ ଦିନ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଶେଷଦିବସରେ ଉଦିତ ସୂର୍ଯ୍ୟଙ୍କୁ ବ୍ରତଧାରୀମାନେ ଅର୍ଘ୍ୟ ପ୍ରଦାନ କରି ଛଟ୍‌ପୂଜାକୁ ଉଦଯାପନ କରିଛନ୍ତି। ଏହି ପୂଜା କରଞ୍ଜିଆ, ସରଧା, ଗଡ଼ସାହି, କୁରୁଳିଆ, କରଡ଼ିଆ ଓ କରଞ୍ଜିଆ ସହରରେ ବାସ କରୁଥିବା ବିହାରୀ ସମ୍ପ୍ରଦାୟର ଲୋକେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପରିବାରର ମଙ୍ଗଳ କାମନା କରିଥିଲେ। ଦେଓ ନଦୀ କୂଳେ ଛଟ ପୂଜା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ପୂର୍ବତନ ବିଧାୟକ ବିଜୟ ନାଏକ ଉତ୍ସବସ୍ଥଳରେ ଉପସ୍ଥିତ ରହି ବ୍ରତଧାରୀଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ନାରାୟଣ ସାଓସୋନାର, ସମ୍ପାଦକ ରଞ୍ଜିତ ସାହୁ, ମୁନା ସାହୁ, ନଗେନ୍ଦ୍ର ସିଂ, ଚନ୍ଦ୍ରିକା ଠାକୁର, ନନ୍ଦୁ ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପଖଣ୍ଡସ୍ତରୀୟ 'ସର୍‌ଗି ଫୁଲ' ଉତ୍ସବ ଉଦ୍‌ଯାପିତ

**ରାଇରଙ୍ଗପୁର, ୨୦।୧୧(ସମିସ)**



ରାଇରଙ୍ଗପୁର ବାଳିକା ବିଦ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ ଆନ୍ତଃବିଦ୍ୟାଳୟ ଭଲିବଲ ଓ ସରଗି ଫୁଲ-୨୦୨୩ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜନଜାତି ଓ ଜାତି ବିଭାଗରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ସୃଜନିଶକ୍ତିର ବିକାଶ ନିମିତ୍ତ ସରଗି ଫୁଲ ବାଳିକା ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ମୋଟ ୭୫୨ ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ରାଇରଙ୍ଗପୁର ପିଏ ଆଇଟିଡିଏ ପରୀକ୍ଷିତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏସ୍ଡିପିଓ ଗୋକୁଳାନନ୍ଦ ସାହୁ ମୁଖ୍ୟ ଅତିଥି, ବିଇଓ ଭାଗ୍ୟରଥି ପଟ୍ଟନାୟକ ମୁଖ୍ୟବକ୍ତାରୂପେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ବିଜ୍ଞାନ ମେଳାକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ। ମେଳାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଉଦଯାପନୀ ଉତ୍ସବରେ ପିଏ ଆଇଟିଡିଏ ପରୀକ୍ଷିତ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଏଡିଡବ୍ଲୁ ଜ୍ଞାନେନ୍ଦ୍ର ସାମଲ, ସମ୍ମାନିତ ଅତିଥି ଭାବେ ବହଳଦା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧକ୍ଷ ବଳରାମ ବାରିକ, ମୁଖ୍ୟ ବକ୍ତା ରାଇରଙ୍ଗପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରତାପ ଚନ୍ଦ୍ର ବେହେରା ଗୋପ ଯୋଗଦେଇ କେଉଁ ଅଭ୍ୟାସ ଦ୍ୱାରା କିପରି ନିଜ ସାଧନାର ଉନ୍ନତି ଘଟାଇ ନିଜକୁ ପ୍ରତିଷ୍ଠିତ କରାଯାଇ ପାରିବ ସେ ବିଷୟରେ ପିଲାଙ୍କୁ ବୁଝାଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତିନି ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ସିଲ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ସୋରେନ, ରୋହିନ ମହାନ୍ତ, ଭୋବତୋଷ ଦାସ, ସଦାଶିବ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗ; ସ୍ୱାମୀ ଅଟକ

**ବଡ଼ସାହି, ୨୦।୧୧(ସମିସ):** ବଡ଼ସାହି ଥାନା ଅଧୀନ ଚାଉଳିଆଶୋଳ ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ସେହି ଗ୍ରାମର ସରୋଜ ସାହୁଙ୍କ ସ୍ତ୍ରୀ ସଂଯୁକ୍ତା(୩୮)। ଖବର ପାଇ ସଂଯୁକ୍ତଙ୍କ ବାପା ଝାରପୋଖରିଆ ଥାନା ଅଧୀନ କୁଣ୍ଡଳବଣି ଉଛଙ୍ଗ ଗ୍ରାମର ଜଗନ୍ନାଥ ସାହୁ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ସହିତ ସ୍ୱାମୀ ସରୋଜଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

### ରାଇରଙ୍ଗପୁରରେ ପହଞ୍ଚିଲେ ମହାମହିମ

# ଉଦ୍‌ଘାଟନ କରିବେ ବିଭିନ୍ନ ପ୍ରକଳ୍ପ

ରାଇରଙ୍ଗପୁର, ୨୦।୧୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦାଣ୍ଡବୋଷ ଏଆରଷ୍ଟ୍ରିପରେ ହେଲିକପ୍ଟର



ଯୋଗେ ଅପରାହ୍ନ ସାଢେ ୪ଟାରେ ଅବତରଣ କରିଥିଲେ। ତାଙ୍କ ସହିତ ରାଜ୍ୟପାଳ ରଘୁବର ଦାସ ଉପସ୍ଥିତ ଥିଲେ। ସେଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ରାଷ୍ଟ୍ରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଏବଂ ଗଣଶିକ୍ଷା ନିର୍ଦ୍ଦେଶକ ଅସ୍ୱାଥି ଏସ ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇଥିଲେ। ପରେ ରାଷ୍ଟ୍ରପତି କାରକେଡ ମଧ୍ୟରେ ସଡ଼କମାର୍ଗରେ ମହୁଲଡିହା ଡାକ ବଙ୍ଗଳା ଯାଉଥିବାବେଳେ ସ୍ଥାନୀୟ ଲୋକଙ୍କୁ ହାତ ହଲାଇ ଅଭିବାଦନ ଗ୍ରହଣ କରିଥିଲେ। ସେଠାରେ କିଛି ସମୟ ବିଶ୍ରାମ ପରେ ବିଭିନ୍ନ ମାନ୍ୟଗଣ୍ୟ ଲୋକଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ। ରାତ୍ରି ସମୟରେ ମହାମହିମ ମହୁଲଡିହାସ୍ଥିତ ବାସଭବନରେ ପହଞ୍ଚିଥିଲେ। ରାତିରେ ସେ ନିଜ ପରିବାରବର୍ଗଙ୍କ ସହିତ ଭୋଜନ ଗ୍ରହଣ କରି ବିଶ୍ରାମ ନେଇଥିଲେ। ଆସନ୍ତା ୨୧ ତାରିଖ ମଙ୍ଗଳବାର ସକାଳ ସାଢେ ୮ଟାରେ କଡା ସୁରକ୍ଷା ମଧ୍ୟରେ ପାହାଡ଼ପୁର ଗାଁରେ ପହଞ୍ଚି ଦକ୍ଷତା ବିକାଶ କେନ୍ଦ୍ରକୁ ଉଦଘାଟନ କରିବେ। ପରେ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ସ୍ଥାପନ କରିବା ସହିତ ରାଇରଙ୍ଗପୁର ମୁଖ୍ୟ ଡାକଘରକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ପରେ ସଡ଼କମାର୍ଗରେ ବାଦାମପାହାଡ଼ ରେଳ ଷ୍ଟେସନରେ ପହଞ୍ଚିବେ। ସେଠାରେ ଟାଟା-ବାଦାମପାହାଡ଼ ମେମୁ, ବାଦାମପାହାଡ଼-ରାଉରକେଲା ଏକ୍ସପ୍ରେସ, ଶାଲିମାର-ବାଦାମପାହାଡ଼ ଏକ୍ସପ୍ରେସ ଟ୍ରେନକୁ ସବୁଜ ପତାକା ଦେଖାଇ ଉଦଘାଟନ କରିବେ। ପରବର୍ତ୍ତୀ ସମୟରେ ସେ ବାଦାମପାହାଡ଼ରୁ ରେଳରେ ଯାତ୍ରା କରି ପୂର୍ବାହ୍ନ୧୧ଟା ୨୫ରେ ରାଇରଙ୍ଗପୁର ରେଳ ଷ୍ଟେସନରେ ପହଞ୍ଚିବେ। ପରେ ସଡ଼କମାର୍ଗରେ ଦାଣ୍ଡବୋଷ ଏଆରଷ୍ଟ୍ରିପରେ ପହଞ୍ଚି ହେଲିକପ୍ଟର ଯୋଗେ ସମ୍ବଲପୁରକୁ ପ୍ରସ୍ଥାନ କରିବେ।

## 'ପ୍ରବନ୍ଧ ପ୍ରବାହ' ଓ 'ପଥିକ ଦାନ' ପୁସ୍ତକ ଉନ୍ମୋଚିତ



ବୈଶିଙ୍ଗା, ୨୦।୧୧ (ସମିସ): ବୈଶିଙ୍ଗା ଥାନା ଅଧୀନ ଅଁଳା ଗ୍ରାମରେ ପ୍ରାକ୍ତନ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ପୁରୁଷୋତ୍ତମ କମିଲାଙ୍କ ପ୍ରବନ୍ଧ ସଂକଳନ 'ପ୍ରବନ୍ଧ ପ୍ରବାହ' ଓ ଗଳ୍ପ ସଂକଳନ 'ପଥିକ ଦାନ' ସାଧନାଳୟରେ ଉନ୍ମୋଚିତ ହୋଇଯାଇଛି। ପ୍ରବନ୍ଧ ସଂକଳନକୁ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ପ୍ରାଧ୍ୟାପକ ଡ.ଶ୍ରୀକାନ୍ତ ଚରଣ ପାତ୍ର ଏବଂ ଗଳ୍ପ ସଂକଳନକୁ ପ୍ରାକ୍ତନ ମହାଡାକପାଳ ଡ.ସନ୍ତୋଷ କୁମାର କମିଲା ଉନ୍ମୋଚନ କରିବା ସହିତ ଲୋକାର୍ପିତ କରିଥିଲେ। ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ଡ. ବିପିନ ବିହାରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା। ସଂଯୋଜକ ଭାବରେ ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ଭୋଇ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ମହାଡାକପାଳ ଓଡ଼ିଶା ଡ. ସନ୍ତୋଷ କୁମାର କାମିଲକ୍ଷ, ମୁଖ୍ୟବକ୍ତା ଭାବରେ ଡ. ଶ୍ରୀକାନ୍ତ ଚରଣ ପାତ୍ର, ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକ ବାଣୀଭୂଷଣ ଗଣେଶ୍ୱର ପାତ୍ର, ବିଶିଷ୍ଟ ଗାଳ୍ପିକ ବ୍ରଜେନ୍ଦ୍ରନାଥ ଗିରି, ରାଧାକୃଷ୍ଣ ପ୍ରଧାନ, ଶିକ୍ଷାବିତ ବେଣୁଧର ନାୟକ ପ୍ରମୁଖ ଯୋଗଦେଇ 'ନୂତନ ପିଢିର ପିଲାଙ୍କୁ ପୁସ୍ତକ ମନସ୍କ କରାଇବା କେତେ ଜରୁରୀ?' ଶୀର୍ଷକରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଆରକ୍ଷୀ ଅଧୀକ୍ଷକ ସନ୍ତୋଷ କୁମାର ନାୟକ, ପ୍ରାକ୍ତନ ଅଧ୍ୟକ୍ଷ ମନୋରଞ୍ଜନ ଲେଙ୍କା, ପ୍ରାକ୍ତନ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ରାଉତ ପ୍ରମୁଖ ମତବ୍ୟକ୍ତ କରିଥିଲେ। ପୁରୁଷୋତ୍ତମ କମିଲା ଲେଖକୀୟ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ତାଙ୍କ ନାତି ଆଶୁତୋଷ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉତ୍ତର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ସାହିତ୍ୟିକମାନେ ଯୋଗଦାନ କରି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ କବି ରାମନାରାୟଣ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଧକ୍କାରେ ନାତି ମୃତ; ଆଈ ଗୁରୁତର

ଝାରପୋଖରିଆ, ୨୦।୧୧(ସମିସ): ଝାରପୋଖରିଆ ଥାନା ଅନ୍ତର୍ଗତ ସାଂକୁଚଠାରେ ଜଗଦ୍ଧାତ୍ରୀ ମେଳା ଦେଖିବା ପାଇଁ ରାସ୍ତାପାର ହେଉଥିବା ସମୟରେ ଏକ ବାଇକ୍ ଧକ୍କା ଦେବାରୁ ନାତିର ମୃତ୍ୟୁ ହୋଇଥିବାବେଳେ ଆଈ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଝାରପୋଖରିଆ ଥାନା ଅନ୍ତର୍ଗତ ସଂକୁଚ ଗ୍ରାମର ଗୁଣଧର ଦେଓଙ୍କ ଦେଢ଼ ବର୍ଷର ପୁଅ ଶୁଭମ ଦେଓ ଓ ଆଈ ପଦ୍ମାବତୀ ଦେଓ (୫୦) ମେଳା ଦେଖି ରାସ୍ତା ପାର ହେଉଥିଲେ। ଏହି ସମୟରେ ଏକ ବାଇକ୍ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଶୁଭମ ଓ ଆଈ ପଦ୍ମାବତୀ ଗୁରୁତର ହୋଇଥିଲେ। ପରେ ସେମାନଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଥିଲା; ହେଲେ ନାତି ଶୁଭମର ଡାକ୍ତରଖାନାରେ ମୃତ୍ୟୁ ଘଟିଥିବାବେଳେ ଆଈ ପଦ୍ମାବତୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଆହତ ଦୁଇ ବାଇକ ଆରୋହୀ ଶୀର୍ଷା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା

ବେତନଟୀ, ୨୦।୧୧(ସମିସ): ବେତନଟୀର ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱରପୂଜା ଦୁଇଦିନ ଧରି ପାଳିତ ହୋଇଯାଇଛି। ହଜାର ହଜାର ମାନସିକଧାରୀ ଦୁଇଦିନ ଉପବାସ ରହି ଭଗବାନ କାର୍ତ୍ତିକେୟଙ୍କ ଆରାଧନା କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି। ବିଳମ୍ବିତ ରାତିରେ ହେଉଥିବା ଏହି ପୂଜାରେ ମାନସିକଧାରୀ ଏବଂ ଶ୍ରଦ୍ଧାଳୁମାନେ ରାତିତମାମ ଉଜାଗର ରହି ପୂଜାର୍ଚ୍ଚନା କରିଥିଲେ। ବେତନଟୀ ବଜାର ଉପକଣ୍ଠ ମଠସାହିରେ ଶିକ୍ଷାବିତ ହୃଷିକେଶ ମହାନ୍ତ କର୍ତ୍ତାଭାବରେ



ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସେହିଭଳି ଇନ୍ଦିରାନଗର ସମେତ ଅନ୍ୟ ସ୍ଥାନରେ ମଧ୍ୟ କାର୍ତ୍ତିକେୟର ପୂଜାର୍ଚ୍ଚନା ହୋଇଥିଲା।

## ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଛଟ୍‌ପର୍ବ ପାଳିଲେ ବ୍ରତଧାରୀ



ବହଳଦା, ୨୦।୧୧(ସମିସ): ବିହାରୀ ସମ୍ପ୍ରଦାୟର ସବୁଠାରୁ ବଡ ପର୍ବ ସୂର୍ଯ୍ୟଦେବଙ୍କ ଆରାଧନା ଛଟପର୍ବ ବା ଛଟପୂଜା ଗତ ଶୁକ୍ରବାରଠାରୁ ଆରମ୍ଭ ହେଇଛି। ଏଥିପାଇଁ ବହଳଦା ଅଞ୍ଚଳରେ ରହୁଥିବା ପ୍ରତ୍ୟେକ ବିହାରୀ ପରିବାର ଖୁବ ନିଷ୍ଠା ଓ ଶ୍ରଦ୍ଧା ସହିତ ଏହି ପର୍ବ ପାଳନ କରୁଛନ୍ତି। ସୋମବାର ପ୍ରାତଃ ସମୟରେ ନଦୀ କୂଳରେ ଶ୍ରଦ୍ଧାଳୁମାନେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ଏ ବ୍ରତ ପୂଜାକୁ ଉଦ୍‌ଯାପନ କରିଥିଲେ। ପ୍ରଥମ ଦିନ ଶୁକ୍ରବାର 'ନାୟାହ ଖାଏ (ଗାଧୁଆ ଖିଆ)'ରେ ବ୍ରତୀ କେବଳ ଲାଉ ଓ ଭାତ ଖାଇଥାନ୍ତି। ଦ୍ୱିତୀୟ ଦିନ ଶନିବାର ବ୍ରତଧାରୀମାନେ ଦିନସାରା ନିର୍ଜଳା ଉପବାସ କରି ସଂଧ୍ୟା ବେଳେ କ୍ଷିରି ଖାଇଥାନ୍ତି। ରବିବାର ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ ପ୍ରଦାନ କରି ତାପର ଦିନ ସୋମବାର ସକାଳ ପର୍ଯ୍ୟନ୍ତ ଉପବାସରେ ରହିଥିଲେ। ସୋମବାର ସକାଳୁ ନିକଟସ୍ଥ ଖଡଖାଇ ନଦୀ କୂଳରେ ଶହଶହ ମହିଳା ପୁରୁଷ ଶ୍ରଦ୍ଧାଳୁ ଉଦିତ ସୂର୍ଯ୍ୟଙ୍କୁ କ୍ଷିର ଓ ଜଳର ଅର୍ଘ ଅର୍ପଣ କରି ୪ଦିନର ପୂଜା ସମାପନ କରିଥିଲେ। ଏହି ଅବସରରେ ପରସ୍ପର ମଧ୍ୟରେ ସିନ୍ଦୂର ପିନ୍ଧାଇ ଠେକୁଆ ପିଠା ଓ ଛଟି ମା'ଙ୍କ ଭୋଗ ବଣ୍ଟନ କରିଥିଲେ ବ୍ରତଧାରୀ।

## ବଡ଼ସାହି ବ୍ଲକ ସାମ୍ବାଦିକ ସଂଘ ଗଠିତ




ବଡ଼ସାହି, ୨୦।୧ ୧(ସମିସ): ବଡ଼ସାହି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ବୈଠକରେ ଗଣମାଧ୍ୟମର ସମାଜ ପ୍ରତି ଦାୟିତ୍ୱବୋଧ ଶୀର୍ଷକ ଆଲୋଚ୍ୟ ବିଷୟବସ୍ତୁ ଉପରେ ସାମ୍ବାଦିକମାନେ ବକ୍ତବ୍ୟ ରଖିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ଇଞ୍ଜିନିୟର ଜଗନ୍ନାଥ ପାତ୍ର, ମୁଖ୍ୟବକ୍ତାଭାବେ ଶିକ୍ଷାବିତ ସନ୍ତୋଷ କୁମାର ଖାଣ୍ଡା ଯୋଗ ଦେଇ ସାମ୍ବାଦିକଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବଡ଼ସାହି ବ୍ଲକ ସାମ୍ବାଦିକ ସଂଘ ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଦୀପକ କୁମାର ଭୁଗୁଡେଇ ସଭାପତି, ନିରଞ୍ଜନ ମହାନ୍ତ ଉପସଭାପତି, ଛତିଶ କୁମାର ସାହୁ ସମ୍ପାଦକ, ସଞ୍ଜିବ କୁମାର ମହାନ୍ତ ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ସମ୍ବିତ କୁମାର ରାଉତଙ୍କୁ ଚୟନ କରାଯାଇଛି। ସେହିପରି ସଂଘର ପରିଚଳନା ପାଇଁ ବରିଷ୍ଠ ସାମ୍ବାଦିକ ନିହାର ରଞ୍ଜନ ମହାପାତ୍ର, ଶାନ୍ତନୁ ପଣ୍ଡା ଓ କୁମାର ବାବୁଲିଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଅରୁଣ କୁମାର ପାତ୍ର, ପର୍ଶୁରାମ ବେହେରା, ଅଜିତ କୁମାର ମହାରଣା, ସୁବାଶିଷ ଚୌଧୁରୀ, ସୁରେଶ ପତି, ପଦ୍ମଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଶଙ୍କୁଳସ୍ତରୀୟ ଯୋଗ କାର୍ଯ୍ୟଶାଳା

ବେତନଟୀ, ୨୦।୧୧(ସମିସ): ବେତନଟୀ ଉପକଣ୍ଠ ଦେବବିହାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଶଙ୍କୁଳସ୍ତରୀୟ ଏକଦିବସୀୟ ଯୋଗ କାର୍ଯ୍ୟଶାଳା ଶନିବାର ଆୟୋଜିତ ହୋଇଯାଇଛି। ଶଙ୍କୁଳପ୍ରମୁଖ ଶିକ୍ଷାବିତ ଶଶଧର ପଣ୍ଡାଙ୍କ ସହଯୋଗକ୍ରମେ ଶଙ୍କୁଳଅଧୀନ ୮ ଟି ଶିଶୁମନ୍ଦିରରୁ ଯୋଗପ୍ରମୁଖ ଅଂଶଗ୍ରହଣ କରିଥିଲେ। ବେତନଟୀ ଶଙ୍କୁଳ ସଂଯୋଜକ ତଥା ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକ ଯୋଗମାହାତ୍ମ୍ୟ ଏବଂ ଯୋଗକ୍ରିୟାର ଆବଶ୍ୟକତା ଏବଂ ଉପକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ଯୋଗାଭ୍ୟାସ କରାଇଥିଲେ। ଅଁଳା ଉପକଣ୍ଠ ଡମ୍ବରୁଡହର ସ୍ଥିତ ଶିଶୁବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ଦେଇଥିଲେ। ଯୋଗପ୍ରମୁଖ ଦୀନବନ୍ଧୁ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଲେକ୍ଟୋରାଲ ରୋଲ୍ ପର୍ଯ୍ୟବେକ୍ଷକଙ୍କ ବାରିପଦା ନିର୍ବାଚନ ମଣ୍ଡଳୀ ପରିଦର୍ଶନ

ବାରିପଦା, ୨୦।୧୧(ସମିସ): ଇଲେକ୍ଟୋରୋଲ ରୋଲ ପର୍ଯ୍ୟବେକ୍ଷକ ଡଃ ଏନ ତିରୁମାଲା ନାଏକ ବାରିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ। ପର୍ଯ୍ୟବେକ୍ଷଣ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ବାରିପଦା ଉପଖଣ୍ଡର ଉପଜିଲ୍ଲାପାଳ ତଥା ଇଲେକ୍ଟୋରୋଲ ରୋଲ ଅଫିସର ଈଶ୍ୱରଚନ୍ଦ୍ର ନାଏକ, ଡଃ ତିରୁମାଲାଙ୍କ ସହିତ ଏହି ପରିଦର୍ଶନରେ ସମସ୍ତ ବୁଥ ଭ୍ରମଣ କରିଥିଲେ। ସମସ୍ତ ବୁଥ ପର୍ଯ୍ୟବେକ୍ଷଣ କରି ଡଃ ତିରୁମାଲା ସମସ୍ତ ବିଏଲଓମାନଙ୍କ ସହିତ କଥା ହୋଇଥିଲେ। ତତ ସହିତ ଆଗାମୀ ନିର୍ବାଚନକୁ ସମ୍ପୂର୍ଣ୍ଣ ରୂପେ ତ୍ରୁଟି ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇତ୍ୟବସରରେ ଡଃ ତିରୁମାଲା, ଶ୍ରୀ ଅଗ୍ରୱାଲ, ଶ୍ରୀ ନାଏକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ନୂତନ ଆବେଦନକାରୀଙ୍କ ଲିଷ୍ଟ ସଂଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଇଲେକ୍ଟୋରୋଲ ବୁଥ ପରିଦର୍ଶନ ସହିତ ସ୍ଥାନୀୟ ଗୁଆହାଳଡିହି ସ୍ଥିତ ସବାଇ ଘାସ ଉତ୍ପାଦନ କେନ୍ଦ୍ର ଏବଂ ଲକ୍ଷ୍ମୀପୋଷି ସ୍ଥିତ ଦୁଗ୍ଧ ଫାର୍ମ ପରିଦର୍ଶନ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ କିଭଳି ତ୍ରୁଟିମୁକ୍ତ କରାଯିବ ଏ ନେଇ ଡ. ତିରୁମାଲା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

## ଚାଷୀଙ୍କୁ ସୋରିଷ ଓ ଆଳୁ ବିହନ ବଣ୍ଟନ

ଯଶିପୁର, ୨୦।୧୧ (ସମିସ): ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅନ୍ତର୍ଗତ କରଞ୍ଜିଆ ଆଇଟିଡିଏ ତରଫରୁ ଯଶିପୁର ବ୍ଲକର ୪ଟି ପଞ୍ଚାୟତର ୧୫ଟି ସଏଚଜି ମହିଳାଙ୍କୁ ସୋରିଷ ଓ ଆଳୁ ବିହନ ବଣ୍ଟନ କରାଯାଇଛି। ଯଶିପୁର ବ୍ଲକ ମହାର୍ଦ୍ଦାପଲଶା ପଞ୍ଚାୟତର ତେଲିପଲଶା ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ମିନତୀ ନାଏକ ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଆରତୀ ନାଏକ, ସମିତି ସଭ୍ୟା ରେଣୁବାଳା ମହାନ୍ତ, ଯଶିପୁର ସିଡିପିଓ ସତ୍ୟଭାମା ମହାନ୍ତ, ସୁପରଭାଇଜର ସୁବାସିନୀ ଘଣା, ଆଇଟିଡିଏର ମୋନିକା ବେହେରା, ଜୀବନଜୀବିକା ବିଶେଷଜ୍ଞ ଅରୁଣ କୁମାର ମହାନ୍ତ ପ୍ରମୁଖ ରବି ଋତୁରେ ଉନ୍ନତମାନର ଆଳୁ ଓ ସୋରିଷ ଚାଷ କରିବା ପାଇଁ ଚାଷୀଙ୍କୁ ବିହନ ବଣ୍ଟନ କରିଥିଲେ। ଏହି ଅବସରରେ ମଉଦି ପଞ୍ଚାୟତର କଜଳା ଗ୍ରାମର ୪, ଚାକିଡ଼ି ପଞ୍ଚାୟତ ବଣପଣ୍ଡୁଗଣ୍ଡି ଗ୍ରାମର ୨, ମହାର୍ଦ୍ଦାପଲଶା ପଞ୍ଚାୟତ ତେଲିପଲଶା ଗ୍ରାମର ୬, ଡକରାବେଡା ଗ୍ରାମର ୩ ଏସଏଚଜିଙ୍କୁ ଅତିଥିମାନେ ଆଳୁ ଓ ସୋରିଷ ବିହନ ବଣ୍ଟନ କରିଥିଲେ।

## ବିଶ୍ୱ ଶୌଚାଳୟ ଦିବସ ପାଳିତ

ବିଶୋଇ, ୨୦।୧୧(ସମିସ): ଜିଲ୍ଲା ଜଳ ଓ ପରିମଳ ମିଶନ ଆନୁକୂଲ୍ୟରେ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏ ନେଇ ବିଡ଼ିଓ ସଂଯୁକ୍ତା ବାଆଙ୍କ ସଭାପତିତ୍ୱରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏବିଡ଼ିଓ ହେମନ୍ତ କୁମାର ଗୁରୁ, ସହକାରୀ ଯନ୍ତ୍ରୀ ସୁଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି ଶୌଚାଳୟ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶୌଚାଳୟ ବ୍ୟବହାର କରି ନିଜର ପରିବାର ସହିତ ପରିବେଶକୁ ପରିଷ୍କାର ରଖିବା ପାଇଁ ଅତିଥିମାନେ ନିବେଦନ କରିଥିଲେ। ଏହି ଅବସରରେ ବିଶୋଇ ପଞ୍ଚାୟତର ୨ ହିତାଧିକାରୀଙ୍କୁ ଶୌଚାଳୟ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ପରେ ହିତାଧିକାରୀଙ୍କୁ ଶୌଚାଳୟ ବ୍ୟବହାର କରିବା ଓ ପରିଷ୍କାର ରଖିବା ପାଇଁ ବିଆରସି ସୁକାନ୍ତି ସୋରେନ ସଚେତନତା କରାଇଥିଲେ।

## ଧାନଘୋରିରେ ବାନ୍ଦନା ପରବ ଭେଟଘାଟ



ଝାରପୋଖରିଆ, ୨୦।୧୧(ସମିସ): ସାରସକଣା ବ୍ଲକ ଧାନଘୋରି ପଡ଼ିଆଠାରେ ଷଷ୍ଠ ବର୍ଷ ବାନ୍ଦନା ପରବ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁଡୁମୀ ସମ୍ପ୍ରଦାୟର କଳା, ସଂସ୍କୃତି ଓ ପରମ୍ପରା ବଞ୍ଚାଓ ଅଭିଯାନ ନିମନ୍ତେ ବାନ୍ଦନା ପରବରେ ଗୋରୁଖୁଣ୍ଟା ଓ ଢ଼େଙ୍ଗୁଆନ ପ୍ରତିଯୋଗିତା, ଝୁମର ମେଲୋଡି, ବନ୍ଧୁମିଳନ ସମାବେଶ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିରୂପେ ବିହାରର ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରବଣ କୁମାର ଯୋଗଦେଇଥିଲେ। ତାଙ୍କ ସହିତ ପଶ୍ଚିମବଙ୍ଗର କୁଡୁମୀ ସମାଜର ମୁଖ୍ୟ ରାଜେଶ ମାହାତ, ଝାଡ଼ଖଣ୍ଡ କୁଡୁମୀ ସେନାର ମୁଖ୍ୟ ଲାଲଟୁ ମାହାତ, ଶୀତଲ ଆହେଦାର ଓ ଓମପ୍ରକାଶ ମାହାତ ମଧ୍ୟ ଯୋଗଦେଇଥିଲେ। କୁଡୁମୀ ସେନାର ଅଧ୍ୟକ୍ଷ ଜୈମୁନୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ସାଇରାମ୍, ହିରାଲାଲ, ବିଶ୍ୱନାଥ, ପପୁ, ଅଜିତ, କାହ୍ନୁ, ସଞ୍ଜୟ, ବିକି, ରିକି, ସୂର୍ଯ୍ୟ, ବିଜୟ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ ପ୍ରସ୍ତୁତି

ବେତନଟୀ, ୨୦।୧୧(ସମିସ): ବେତନଟୀ ବ୍ଲକ ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ ଆସନ୍ତା ଡିସେମ୍ବର ୩ତାରିଖରେ ପାଳନ କରାଯିବା ନେଇ ଆୟୋଜିତ ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ସ୍ଥିରୀକୃତ ହୋଇଛି। ସଂଘର ସଭାପତି ବରିଷ୍ଠ ଆଇନଜୀବୀ ହିମାଂଶ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଧର୍ମଶାଳା ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସଂଘର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ସଦସ୍ୟାଗଣ ଯୋଗଦେଇଥିଲେ। ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ ସଂଯୋଜନା ଏବଂ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଆସନ୍ତା ବାର୍ଷିକୋତ୍ସବରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ ସଦସ୍ୟା ଯୋଗଦେବାକୁ ସଭାପତି ଶ୍ରୀ ପରିଡ଼ା ପରାମର୍ଶ ଦେଇଛନ୍ତି।

## ସଠିଲୋ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଦେହାନ୍ତ

ବେତନଟୀ, ୨୦।୧୧(ସମିସ): ବେତନଟୀ ଉପକଣ୍ଠ ସଠିଲୋ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସାହୁ (୫୩)ଙ୍କ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କିଛିମାସ ପୂର୍ବରୁ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିବାବେଳେ ଶୁକ୍ରବାର ରାତିରେ ତାଙ୍କର ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁଅ ଶୁଭମ୍ ସାହୁ ମୁଖାଗ୍ନି ଦେଇଥିଲେ। ଖବରପାଇ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀମାନେ ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଓଷ୍ଟା ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର କୁମାର ଆଚାର୍ଯ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବଡ଼ସାହି, ୨୦।୧୧(ସମିସ): ବଡସାହି ଗ୍ରାମର ୨ ଜଣ ଯୁବକ ରବିବାର ରାତି ବାଇକ୍‌ରେ ଚିତ୍ରଡା ଯାଇଥିବା ବେଳେ ସେଠାରେ ଭାରସାମ୍ୟ ହରାଇ ପଡ଼ିଯିବାରୁ ଜଣକର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ବଡସାହିର ପ୍ରସନ୍ନଜିତ ଦେହୁରୀ (୨୪) ଓ ଆହତ ଯୁବକ ଜଣକ ହେଲେ ସ୍ୱାଧୀନ ରାଉତ (୨୪)। ପ୍ରସନ୍ନଜିତଙ୍କ ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ, ଛାତ୍ରଛାତ୍ରୀ, ରାଜନେତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ମୃତ ପ୍ରସନ୍ନଜିତ ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ଜଡିତ ଥିଲେ। ସେହିପରି ଗୁରୁତର ଆହତ ସ୍ୱାଧୀନ ବାରିପଦା ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ଅବସ୍ଥାରେ ସୁଧାର ଆସିଥିବା ସୂଚନା ମିଳିଛି।

## ବଡ଼ସାହି ଲ୍ୟାମ୍ପସରେ ରକ୍ତଦାନ ଶିବିର

ବଡସାହି, ୧୯।୧୧(ସମିସ): ସମବାୟ ସପ୍ତାହ ଅବସରରେ ବଡସାହି ଲ୍ୟାମ୍ପସ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ସମବାୟ ସମିତିର ସଭାପତି ସୁବ୍ରମଣ୍ୟମ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ଲ୍ୟାମ୍ପସ ସଭାପତି ଲକ୍ଷ୍ମୀ



ସିଂ, ଲ୍ୟାମ୍ପସର ଉପସଭାପତି ଉପସଭାପତି ଲକ୍ଷ୍ମୀଧର ସିଂ, ବ୍ଲକ ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର, ଜିଲ୍ଲା ସମ୍ପାଦିକା ସୁଭଦ୍ରା ବିନ୍ଧାଣୀ, ସରପଞ୍ଚ ପ୍ରିୟଲତା ସିଂ, ରଣଜିତ ପାତ୍ର, ସୁରଥ ଦାସ, ଅନନ୍ତ ପଶା ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୪୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏମ.ଡି ରାଜକିଶୋର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୁନିରାଜ ଗୌତମ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

କରଞ୍ଜିଆ, ୨୦।୧୧(ସମିସ): କରଞ୍ଜିଆ ଏନଏସି ୧୪ ନମ୍ବର ୱାର୍ଡ ସ୍ଥିତ ଅଙ୍କୁରା ମୁନି ଆଶ୍ରମରେ ମୁନିରାଜ ଗୌତମ ନାୟକଙ୍କ ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ଆଶ୍ରମ ସଭାପତି ଯୋଗୀ କ୍ଷେତ୍ରମୋହନ ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା। ପରେ ଆୟୋଜକ ତଥା ଇଟରନିଟି ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ ମୁନିରାଜ ଗୌତମ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନି ଜୟରାମ ମହାନ୍ତ, ଶ୍ୟାମସୁନ୍ଦର ଦାସ, ବାସନ୍ତି ପାତ୍ର, ମୁନି ମୋତି ଆଞ୍ଚଳ, ପୂଜା, ଅକ୍ଷୟ ମୁନି ପ୍ରମୁଖ ଉପସ୍ଥିତ ହୋଇ ସ୍ୱର୍ଗତ ଗୌତମ ନାୟକଙ୍କ ବହୁବିଧ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ମୁନି ଜୟକୃଷ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ସମବାୟ ସପ୍ତାହରେ ଜିଲ୍ଲାସ୍ତରୀୟ ଗଣଦୌଡ଼

ବାରିପଦା, ୨୦।୧୧(ସମିସ): ନିଖିଳ ଭାରତ ସମବାୟ ସପ୍ତାହ-୨୦୨୩ର ଷଷ୍ଠ ଦିବସରେ ବାରିପଦାରେ ଜିଲ୍ଲାସ୍ତରୀୟ ଗଣଦୌଡ ବାରିପଦା ଡିଆରସିଏସ କୃଷ୍ଣଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ରବିବାର ସକାଳ ୭ଟା୩୦ରେ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡର ସଭାପତି ସୁବ୍ରମଣ୍ୟମ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ଗଣଦୌଡରେ ସାମିଲ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଏଆରସିଏସ, ବାରିପଦା ଏଆରସିଏସ ସଭାପତି, ଜିଲ୍ଲା ସମବାୟ ସଂଘ, କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦର ସଭ୍ୟ ମଳୟ କୁମାର ଜେନା ଏବଂ ଅଭିନ୍ନ ସୁନ୍ଦର ପାତ୍ର ଦୌଡରେ ଅଂଶଗ୍ରହଣ କରି ଉତ୍ସାହିତ କରିଥିଲେ। ଜିଲ୍ଲାରେ ଥିବା ଲ୍ୟାମ୍ପ୍‌ସର ପରିଚାଳନା ନିର୍ଦ୍ଦେଶକ ଓ କର୍ମଚାରୀ ବୃନ୍ଦ, ସମବାୟବିତ,




ଜିଲ୍ଲା ସମବାୟ ବିଭାଗର ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ ଏମସିସି ବ୍ୟାଙ୍କର ଅଧିକାରୀ ଏବଂ କର୍ମଚାରୀଗଣ ଉକ୍ତ ଗଣଦୌଡରେ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।। ସମବାୟ ଆନ୍ଦୋଳନ ଓ ସମବାୟର ସଫଳତା ଏବଂ ସମବାୟର ବାର୍ତ୍ତାଟିକୁ ସମସ୍ତଙ୍କ ନିକଟରେ ପହଁଚାଇବା ଏହି ଗଣଦୌଡର ଆଭିମୁଖ୍ୟ ଅଟେ। ଜିଲ୍ଲାର ସମବାୟ ଆନ୍ଦୋଳନ, ପ୍ରତ୍ୟେକ କୃଷକ ପରିବାରର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ନିମନ୍ତେ, ସମବାୟ ସମିତିରେ ସଭ୍ୟଭୁକ୍ତ ହେବାର ବାର୍ତ୍ତା ପ୍ରଚାର ପ୍ରସାର କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ।




# ଭାରତୀୟ କ୍ରିକେଟରେ ପିଢ଼ି ପରିବର୍ତ୍ତନ ନିଶ୍ଚିତ

ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ଦିନିକିଆ ବିଶ୍ୱକପ ଶେଷ ହେବାପରେ ଏବେ ଭାରତୀୟ କ୍ରିକେଟର ଦିଶା ତଥା ପିଢି ପରିବର୍ତ୍ତନ ହେବା ନିଶ୍ଚିତ ମନେହେଉଛି। ଅଷ୍ଟ୍ରେଲିଆଠାରୁ ବିଶ୍ୱକପ୍ ଫାଇନାଲ ପରାଜୟ ଭାରତୀୟ କ୍ରିକେଟର ଓ ପ୍ରଶଂସକଙ୍କୁ ମର୍ମାହତ କରିଛି। ଏହି ଦୁର୍ଭାଗ୍ୟଜନକସ୍ଥିତିକୁ ପଛରେ ପକାଇ ଆଗକୁ ବଢ଼ିବାର ସମୟ ଉପନୀତ ହୋଇଛି।

ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା, ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଭଳି ବରିଷ୍ଠ କ୍ରିକେଟର କ୍ୟାରିୟରର ଅନ୍ତିମ ସୋପାନରେ ପହଞ୍ଚିଛନ୍ତି। ଏପରିସ୍ଥଳେ ଯୁବ ପିଢିର କ୍ରିକେଟରମାନେ ଭାରତୀୟ କ୍ରିକେଟର ବଳିଷ୍ଠ ପରମ୍ପରା ତଥା ଲିଗାସିକୁ ଆଗେଇ ନେବାକୁ ପ୍ରସ୍ତୁତ ହେବା ଜରୁରୀ ହୋଇପଡ଼ିଛି। ଶୁବମାନ ଗିଲ, ଶ୍ରେୟାସ ଆୟାର, ଇଶାନ



କିଶନ, ଋତୁରାଜ ଗାଏକ୍ୱାଡ, ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତଙ୍କ ଭଳି ଖେଳାଳି ଭାରତୀୟ କ୍ରିକେଟକୁ ଆଗକୁ ନେବାକୁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ରୋହିତ, କୋହଲି ଓ ସାମିଙ୍କ ଭଳି ଖେଳାଳି ଅବଶ୍ୟ ଆଉ କେତେବର୍ଷ ଖେଳ ଜାରି ରଖିବେ। ୨୦୨୪ରେ ଟି-୨୦ ବିଶ୍ୱକପ୍ ଓ କେତୋଟି ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଯୁବ ଖେଳାଳିମାନେ ଗତ କେତେବର୍ଷ ଅନ୍ତର୍ଜାତୀୟ କ୍ରିକେଟରେ ସେମାନଙ୍କ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି। କିନ୍ତୁ ଆଧୁନିକ କ୍ରିକେଟରେ ବିଭିନ୍ନ କଷ୍ଟକର ଚ୍ୟାଲେଞ୍ଜକୁ ସଫଳତାର ସହ ସାମ୍ନା କରିବା, ମାନିସିକ ଭାବେ ଦୃଢ ହେବା ଓ ଚାପକୁ ନିୟନ୍ତ୍ରଣ କରିବାର କଳା ଶିଖିବାର ଆବଶ୍ୟତା ରହିଛି। ଶ୍ରେୟାସ ଆୟାରଙ୍କୁ ଭବିଷ୍ୟତରେ ଭାରତୀୟ କ୍ରିକେଟର ନେତୃତ୍ୱ ନେବେ ବୋଲି କେତେଜଣ ପୂର୍ବତନ କ୍ରିକେଟର ମତ ଦେଇଛନ୍ତି। ଅବଶ୍ୟ ଏବେଠାରୁ ଏ ନେଇ କିଛି କହିବା କଷ୍ଟକର ମନେ ହେଉଛି। ୨୦୨୩ରୁ ୨୦୨୭ ମଧ୍ୟରେ ୩ଟି ବୃହତ ସୀମିତ ଓଭର ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ୍ସ ଟ୍ରଫି, ଟି-୨୦ ବିଶ୍ୱକପ୍ ଓ ଦିନିକିଆ ବିଶ୍ୱକପ୍ ଖେଳାଯିବ। ତେଣୁ ଏହି ଇଭେଣ୍ଟଗୁଡ଼ିକୁ ଦୃଷ୍ଟିରେ ରଖି ଏକ ଶକ୍ତିଶାଳୀ ଦଳ ଗଠନର ପ୍ରକ୍ରିୟା ଏବେଠାରୁ ଆରମ୍ଭ ହେବ। ଏହି ପ୍ରକ୍ରିୟା ନିଶ୍ଚିତ ଭାବେ ଜଟିଳ ଓ ଚ୍ୟାଲେଞ୍ଜ ପୂର୍ଣ୍ଣ। କୋହଲି, ରୋହିତ, ସାମିଙ୍କ ପରେ ଭାରତୀୟ କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଉଥିଲେ ମଧ୍ୟ ଦାୟିତ୍ୱର ସଫଳ ହସ୍ତାନ୍ତର ଓ ପିଢି ପରିବର୍ତ୍ତନର ପ୍ରକ୍ରିୟା ଉପରେ ସମସ୍ତଙ୍କ ନଜର ରହିଛି।

## ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଫୁଟବଲ

# କଳିଙ୍ଗରେ ଭାରତ-କତାର ମୁକାବିଲା ଆଜି

ଭୁବନେଶ୍ୱର, ୨୦।୧୧ (ସମିସ): ଭାରତ ଓ କତାର ମଧ୍ୟରେ ବିଶ୍ୱକପ୍ ୨୦୨୬ ଓ ଏଏଫ୍‌ସି କପ୍ ୨୦୨୭ ଲାଗି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯିବ। ଏହି ମ୍ୟାଚ୍‌ଟି ଭାରତ ଲାଗି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାର ଏହି ଦ୍ୱିତୀୟ ରାଉଣ୍ଡ। ଏଥିରେ ଯଦି ଭାରତ ବିଜୟୀ ହୁଏ, ତେବେ ତୃତୀୟ ରାଉଣ୍ଡ ଖେଳିବା ସହ ଏଏଫ୍‌ସି କପ୍‌କୁ ଯୋଗ୍ୟତା ଅର୍ଜନ କରିବା ସହଜ ହୋଇଯିବ। ଅବଶ୍ୟ ଏଥିଲାଗି ଭାରତକୁ ଅନେକ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ। ବିଶ୍ୱର ୬୧ ନମ୍ବର ଟିମ୍ ହେଉଛି କତାର। ଏହି ଦଳକୁ ହରାଇବାକୁ ହେଲେ ଭାରତକୁ ନିଜ ଖେଳରେ ଯଥେଷ୍ଟ ଉନ୍ନତି ଆଣିବାକୁ ହେବ। ଅବଶ୍ୟ ନିକଟ ଅତୀତରେ ଭାରତୀୟ ଖେଳରେ ଯଥେଷ୍ଟ ଉନ୍ନତି ହୋଇଛି। ଚଳିତ ସପ୍ତାହରେ ଦଳ ୧-୦ ଗୋଲରେ କୁଏତ୍‌କୁ ପରାସ୍ତ କରି ପୂରା ପଏଣ୍ଟ ହାସଲ କରିଛି। ଏହି ବିଜୟ ସୁନୀଲ ଛେତ୍ରୀଙ୍କ ଭାରତୀୟ ଦଳର ମନୋବଳ ବଢ଼ାଇବାରେ ବେଶ ସମର୍ଥ ହୋଇଛି। ଭାରତ ଏହି ଆତ୍ମବିଶ୍ୱାସକୁ ପାଥେୟ କରି କତାର ବିଜୟ ଅଭିଯାନ ଆରମ୍ଭ କରିବ ବୋଲି ପ୍ରଶିକ୍ଷକ ଆଇଗର ଷ୍ଟିମାକ ଆଶା ରଖିଛନ୍ତି।

ଷ୍ଟିମାକଙ୍କ ମତରେ ଭାରତ ଏହି ମ୍ୟାଚ୍ ଜିତିବାକୁ ସମସ୍ତ ଚେଷ୍ଟା କରିବ। ଦଳର ଖେଳାଳିମାନେ ଜାଣିଛନ୍ତି, ଏହି ମ୍ୟାଚ୍ ସେମାନଙ୍କ ଲାଗି କେତେ ଗୁରୁତ୍ୱପୂର୍ଣ୍ଣ। ଆମେ ମୁକାବିଲା ଲାଗି ପୂରା ପ୍ରସ୍ତୁତି କରିଛୁ ଓ ମ୍ୟାଚ୍ ଜିତିବୁ



● ଖେଳ ଆରମ୍ଭ- ରାତି ୭ଟା
● ପ୍ରସାରଣ- ସ୍ପୋର୍ଟ୍ସ ୧୮, ଜିଓ ସିନେମା

ବୋଲି ଆଶା ରଖିଛୁ। କତାର ନିଶ୍ଚିତଭାବେ ଆମଠାରୁ ଉଚ୍ଚମାନ୍ୟତାପ୍ରାପ୍ତ ଦଳ। କିନ୍ତୁ ଆମେ ଏବେ ଭଲ ଫର୍ମରେ ରହିଛୁ। ଗୋଲରକ୍ଷକ ଗୁରପ୍ରୀତ ସିଂଙ୍କ ମତରେ ଅନ୍ତ ଖେଳି ପୂରା ପଏଣ୍ଟ ପାଇବା ଆମର ଲକ୍ଷ୍ୟ। ମୋ ଆଗରେ ଖେଳୁଥିବା ଖେଳାଳିମାନେ ନିଜ ଖେଳକୁ ପୂରା ଉପଭୋଗ କରନ୍ତୁ ଓ ଭାରତକୁ ଜିତାଇଦିଅନ୍ତୁ। ଏହା ଫଳରେ ଆମେ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇପାରିବୁ। ସୂଚନାଯୋଗ୍ୟ ୨୦୧୯ରେ ଉଭୟ ଦେଶ ମଧ୍ୟରେ ହୋଇଥିବା ମୁକାବିଲା ୦-୦ ଗୋଲରେ ଅମୀମାଂସିତ ରହିଥିଲା। ଏଥିରେ ଗୁରପ୍ରୀତ ତାଙ୍କ ଫୁଟବଲ ଜୀବନର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ୧୧ଟି ଗୋଲ ସେଭ୍ କରିଥିଲେ। ଗୁରପ୍ରୀତ୍‌ଙ୍କ ସହ ସୁନୀଲ ଛେତ୍ରୀ ନୂଆ ଭାରତୀୟ ଦଳକୁ ନୂଆ ସଫଳତା ଦେବେ ବୋଲି ଆଶା କରାଯାଉଛି।

କତାର ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ୨୦୨୨ରେ ଫିଫା ବିଶ୍ୱକପ୍ ଆୟୋଜନ କରି ଏହି ଦଳ ଇତିହାସ ସୃଷ୍ଟି କରିଥିଲା। ଅଭିଜ୍ଞ ପ୍ରଶିକ୍ଷକ କାର୍ଲୋସ କ୍ୱିରୋଜ୍ ଦଳର ସଫଳତାକୁ ନେଇ ବେଶ ଆଶାବାଦୀ। ୨୦୧୯ ଏସିଆ କପ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ଆଲମୋଏଜ୍ ଅଲୀ ଭଲ ଫର୍ମରେ ଅଛନ୍ତି। ପ୍ରଥମ ମ୍ୟାଚ୍‌ରେ ଦଳ ଅଶଫଗାନିସ୍ତାନକୁ ୮-୦ରେ ହରାଇଥିଲାବେଳେ ଏଥିରେ ଅଲୀ ଏକାକୀ ୪ଟି ଗୋଲ ଦେଇଥିଲେ। ଏଣୁ କତାର ବେଶ ଶକ୍ତିଶାଳୀ ଓ ଏହାକୁ ହରାଇବା ଭାରତ ପକ୍ଷେ କଷ୍ଟକର।

# ଦ୍ରାବିଡ଼୍‌ଙ୍କ କାର୍ଯ୍ୟକାଳ ଶେଷ

ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ଦିନିକିଆ ବିଶ୍ୱକପ୍ ସହ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ ଚୁକ୍ତିନାମା ଶେଷ ହୋଇଯାଇଛି। ଏହା ଫଳରେ ଘଟଣାବହୁଳ ଦ୍ରାବିଡ଼୍‌ଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି। ଚଳିତବର୍ଷ ଭାରତ ଦୁଇଟି ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପରାଜିତ ହୋଇଛି। ଉଭୟ ଫାଇନାଲରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଛି। ଦିନିକିଆ ବିଶ୍ୱକପ୍ ଫାଇନାଲରେ ପରାଜୟ ପରେ ଦଳରେ ପରିବର୍ତ୍ତନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଟେକ୍ନିକାଲ ଦୃଷ୍ଟିକୋଣରୁ ମଧ୍ୟ ରଣନୀତିରେ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି। ମୁଖ୍ୟ ପ୍ରଶିକ୍ଷକ ଭାବେ ଦ୍ରାବିଡ ରହିବେ କି ନ ରହିବେ, ତାହା ବିସିସିଆଇ ଖୁବ୍ ଶୀଘ୍ର ନିଷ୍ପତ୍ତି ନେବ। ଏ ସମ୍ପର୍କରେ ଦ୍ରାବିଡ ମଧ୍ୟ କିଛି କହିବାକୁ ମନା କରିଦେଇଛନ୍ତି। ଦଳର କର୍ମବ୍ୟସ୍ତତା ଏତେ ଅଧିକ ରହିଥିଲା ଯେ, ଏ ସମ୍ପର୍କରେ ଭାବିବାକୁ ସମୟ ମିଳିନାହିଁ ବୋଲି ସେ କହିଛନ୍ତି। ଆସନ୍ତା ଗୁରୁବାରଠାରୁ ଅଷ୍ଟ୍ରେଲିଆ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍‌ରେ ନ୍ୟାସନାଲ କ୍ରିକେଟ ଏକାଡେମୀର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ।

# ୨୩ରୁ ଭାରତ-ଅଷ୍ଟ୍ରେଲିଆ ଟି-୨୦ ସିରିଜ୍

ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନଭେମ୍ବର ୨୩ରୁ ଆରମ୍ଭ ହେବ। ଏହି ମ୍ୟାଚଗୁଡ଼ିକ ନଭେମ୍ବର ୨୩, ୨୬, ୨୮, ଡିସେମ୍ବର ୧ ଓ ୩ରେ ଖେଳାଯିବ। ଏହି ସିରିଜ୍ ଲାଗି ମାଥ୍ୟୁ ୱେଡଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ଭାରତୀୟ ଦଳର ଅଧିନାୟକ ଘୋଷିତ ହୋଇଛନ୍ତି। ଶ୍ରେୟସ ଆୟର ଶେଷ ଦୁଇଟି ମ୍ୟାଚ୍‌ରେ ଉପ-ଅଧିନାୟକ ଭାବେ ରାୟପୁର ଓ ବେଙ୍ଗାଲୁରୁରେ ଖେଳିବେ।

**ଖେଳାଳି ଦଳ:** ଭାରତ- ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଋତୁରାଜ ଗାଏକ୍ୱାଡ଼, ଇଶାନ କିଶାନ, ଯଶସ୍ୱୀ ଜୟସ୍ୱାଲ, ତିଳକ ବର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଶିବମ ଦୁବେ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଆଭେସ ଖାନ୍, ମୁକେଶ କୁମାର।

ଅଷ୍ଟ୍ରେଲିଆ- ମାଥ୍ୟୁ ୱେଡ (ଅଧିନାୟକ) ଓ ଜୋଶ ଇଂଲିଶ, ଟ୍ରାଭିସ୍ ହେଡ୍, ମାଥ୍ୟୁ ସର୍ଟ, ଡେଭିଡ ୱାର୍ଣ୍ଣର, ଷ୍ଟିଭେନ ସ୍ମିଥ୍, ଟିମ୍ ଡେଭିଡ, ଗ୍ଲେନ୍ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ ଓ ସିନ୍ ଆବଟ୍, ଜେସନ ବେହେରନଡର୍ଫ, ନାଥାନ ଏଲିସ, ସ୍ପେନସର ଜନସନ, ଆଦାମ ଜାମ୍ପା ଓ ତନବୀର ସାଙ୍ଘା।

# ଟେନିସ ଚାମ୍ପିଅନସିପ୍ ସିରିଜ ଆରମ୍ଭ

କଟକ, ୨୦।୧୧(ସମିସ): ଅଲ ଇଣ୍ଡିଆ ଟେନିସ ଆସୋସିଏସନ(ଏଆଇଟିଏ) ଏବଂ କଟକ ଜିଲ୍ଲା ଟେନିସ ଆସୋସିଏସନ(ସିଡିଟିଏ) ପକ୍ଷରୁ ଟେନିସ ଚାମ୍ପିଅନସିପ୍ ସିରିଜ ସିଏସ୍-୭ ସୋମବାର ଠାରୁ କଟକରେ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍ ୧୬ବର୍ଷରୁ କମ୍ ବୟସ ବର୍ଗରେ ଖେଳାଯାଉଛି। ସିଏମସି କମିଶନର ନିଖିଳ ପୱନ କଲ୍ୟାଣ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଏବଂ ବିହାର ରାଜ୍ୟରୁ ମୋଟ ୧୬ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ଓଡ଼ିଶାର ସପ୍ତପୂର୍ଣ୍ଣା ଜେନା, ଲଳିତ ଟୁଡୁ, ଇଶାନ ମିଶ୍ର ଏବଂ ବିହାରର ଆଦିତ୍ୟ ନାରାୟଣ ପ୍ରତିଯୋଗିତାର ସିଡେଡ ଖେଳାଳି ଭାବେ ମାନ୍ୟତା ପାଇଛନ୍ତି। ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ରଜନୀକାନ୍ତ ନାୟକ ଏବଂ ରେଫରୀ ଯତୀନ ବସ୍ୱୀ ପ୍ରତିଯୋଗିତା ପରିଚାଳନା କରୁଛନ୍ତି।

# ଓଡ଼ିଶା-ତ୍ରିପୁରା ପ୍ରଥମ ମୁକାବିଲା



ବିଜୟ ହଜାରେ ଟ୍ରଫି

କଟକ, ୨୦।୧୧(ସମିସ): ବରିଷ୍ଠ ପୁରୁଷ ଏକଦିବସୀୟ ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଆସନ୍ତା ୨୩ରୁ ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ରାଜ୍ୟ ଦଳ ସୋମବାର ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିଛି। ଓଡ଼ିଶା ଲିଗ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ବେଙ୍ଗାଲୁରୁରେ ଖେଳିବ। ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୨୩ ତାରିଖରେ ହେବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଦଳ ତ୍ରିପୁରାକୁ ଭେଟିବ। ପରେ ୨୫ରେ ରେଳବାଇ, ୨୭ରେ କେରଳ, ୨୯ରେ ସୌରାଷ୍ଟ୍ର, ଡିସେମ୍ବର ୧ରେ ପଣ୍ଡିଚେରୀ, ୩ରେ ସିକିମ, ୫ରେ ମୁମ୍ବାଇ ବିପକ୍ଷରେ ମ୍ୟାଚ୍ ଖେଳିବ।

ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱରେ ଗଠନ ହୋଇଥିବା ରାଜ୍ୟ ଦଳରେ ସନ୍ଦୀପ ପଟ୍ଟନାୟକ, ଅନୁରାଗ ଷଡ଼ଙ୍ଗୀ, ଶୁଭ୍ରାଂଶୁ ଶେଖର ସେନାପତି, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ରାଜେଶ ଧୂପର(ୱିକେଟ କିପର), ପ୍ରବୀଣ ଲୁହା(ୱିକେଟ କିପର), ପ୍ରୟାସ ସିଂହ, ତରଣୀ ସ, ହର୍ଷିତ ରାଥୋଡ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ଅଭିଷେକ ଯାଦବ, ଦେବେନ୍ଦ୍ର କୁଅଁର ରହିଛନ୍ତି।



## ଆଇସିସି ବିଶ୍ୱକପ: ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ

# ରୋହିତ ଅଧିନାୟକ; ୬ ଭାରତୀୟ ସାମିଲ




ଦୁବାଇ, ୨୦।୧୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଶେଷ ହୋଇଛି। ଫାଇନାଲରେ ଭାରତକୁ ୬ ୱିକେଟରେ ହରାଇ ଅଷ୍ଟ୍ରେଲିଆ ରେକର୍ଡ ଷଷ୍ଠଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଆଇସିସି ସୋମବାର ବିଶ୍ୱକପ୍‌ର 'ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ଘୋଷଣା କରିଛି ଓ ଏଥିରେ ଭାରତୀୟଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ଏହି ୧୨ ଜଣିଆ ଦଳରେ ୬ଜଣ ଭାରତୀୟ ଓ ୨ଜଣ ଅଷ୍ଟ୍ରେଲୀୟ ସ୍ଥାନ ପାଇଛନ୍ତି। ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାର ଜଣେ ଲେଖାଏ ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯାଇଛି।

**ଆଇସିସି ୱାର୍ଲ୍ଡ କପ୍ ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ:** କ୍ୱିଣ୍ଟନ ଡିକକ, ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ଡାରିଲ ମିଚେଲ, ଲୋକେଶ ରାହୁଲ, ଗ୍ଲେନ୍ ମ୍ୟାକ୍ସୱେଲ, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍ରା, ମହମ୍ମଦ ସାମି, ଦିଲଶାନ ମଦୁଶଙ୍କା, ଆଡାମ ଜାମ୍ପା ଓ ଜେରାଲ୍ଡ କୁଟ୍‌ଜି।

## ଦଳରେ ସାମିଲ ହୋଇଥିବା ଖେଳାଳିଙ୍କ ପ୍ରଦର୍ଶନ

**୧. କ୍ୱିଣ୍ଟନ ଡିକକ୍: (ଦକ୍ଷିଣ ଆଫ୍ରିକା, ୱିକେଟକିପର)**
ଦକ୍ଷିଣ ଆଫ୍ରିକାର ଏହି ଓପନର ଗ୍ରୁପ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରି ୪ଟି ଶତକ ହାସଲ କରିଥିଲେ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ସେ ବାଂଲାଦେଶ ବିପକ୍ଷରେ ୧୭୪ ରନର ବିସ୍ଫୋରଣ ଶତକୀୟ ପାଳି ଖେଳିଥିଲେ। ସେ ୧୦୭.୦୨ ଷ୍ଟ୍ରାଇକ୍‌ରେଟ୍ ୫୯୪ ରନ ସଂଗ୍ରହ କରିଥିଲେ। ୱିକେଟକିପର ହିସାବରେ ସେ ୨୦ଟି ଡିସ୍‌ମିସାଲ କରିଥିଲେ।

**୨.ରୋହିତ ଶର୍ମା (ଭାରତ, ଅଧିନାୟକ)**
ଭାରତୀୟ ଦଳର ଓପନର ତଥା ଅଧିନାୟକ ରୋହିତ ଟୁର୍ଣ୍ଣାମେଣ୍ଟରେ ମୋଟ୍ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସେ ବିରାଟ କୋହଲିଙ୍କ ପରେ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଛନ୍ତି। ୧୧ଟି ପାଳିରୁ ୫୪.୨୭ ହାରରେ, ୧୨୫.୯୪ ଷ୍ଟ୍ରାଇକ୍‌ରେଟ୍‌ରେ ୫୯୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କ ଗୋଟିଏ ଶତକ, ୩ଟି ଅର୍ଦ୍ଧଶତକ ସାମିଲ ରହିଛି।

**୩.ବିରାଟ କୋହଲି (ଭାରତ, ବ୍ୟାଟର)**
ଫାଇନାଲରେ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବିରାଟ କୋହଲି ୧୧ଟି ପାଳିରୁ ୯୫.୬୨ ହାରରେ, ୯୦.୩୧ ଷ୍ଟ୍ରାଇକ୍‌ରେଟ୍‌ରେ ୭୬୫ ରନ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ସ୍କୋରର ଓ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏଥିରେ ତାଙ୍କର ୩ଟି ଶତକ ଓ ୬ଟି ଅର୍ଦ୍ଧଶତକ ସାମିଲ ରହିଛି।

**୪. ଡାରିଲ ମିଚେଲ (ନ୍ୟୁଜିଲାଣ୍ଡ, ବ୍ୟାଟର)**
ନ୍ୟୁଜିଲାଣ୍ଡକୁ ସେମିଫାଇନାଲରେ ପହଞ୍ଚାଇବାରେ ଡାରିଲ ମିଚେଲଙ୍କ ଉଲ୍ଲେଖନୀୟ ଅବଦାନ ଥିଲା। ସେ ୧୦ଟି ପାଳିରୁ ୬୯ ହାରରେ ୧୧୧.୦୬ ଷ୍ଟ୍ରାଇକ୍‌ରେଟ୍‌ରେ ମୋଟ ୫୫୨ ରନ ସଂଗ୍ରହ କରିଥିଲେ। ଭାରତ ବିପକ୍ଷ ସେମିରେ ସେ ୧୩୪ ରନର ଶତକୀୟ ପାଳି ଖେଳିଥିଲେ।

**୫. ଲୋକେଶ ରାହୁଲ (ଭାରତ, ମଧ୍ୟକ୍ରମ ବ୍ୟାଟର)**
ଭାରତୀୟ ୱିକେଟକିପର ତଥା ମଧ୍ୟକ୍ରମ ବ୍ୟାଟର ଲୋକେଶ ରାହୁଲ ୧୧ ପାଳିରେ ୪୫୨ ରନ ସଂଗ୍ରହ କରିଛନ୍ତି। ନେଦରଲାଣ୍ଡ ବିପକ୍ଷରେ ସେ ୧୦୨ ଓ ଅଷ୍ଟ୍ରେଲିଆ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ସେ ଅପରାଜିତ ୯୭ ରନ ସଂଗ୍ରହ କରିଥିଲେ। ୩୧ ବର୍ଷୀୟ ରାହୁଲ ବିଶ୍ୱକପ୍‌ରେ ୭୫.୩୩ ହାରରେ ବ୍ୟାଟିଂ କରିଥିଲେ। ହାରାହାରି ରନ ସଂଗ୍ରହ ଦୃଷ୍ଟିକୋଣରୁ ଏହା ତୃତୀୟ ସର୍ବଶ୍ରେଷ୍ଠ ବିବେଚିତ ହୋଇଛି।

**୬. ଗ୍ଲେନ ମ୍ୟାକ୍ସୱେଲ (ଅଷ୍ଟ୍ରେଲିଆ, ଅଲରାଉଣ୍ଡର)**
ମ୍ୟାକ୍ସୱେଲ ନେଦରଲାଣ୍ଡସ ବିପକ୍ଷରେ ସେ ୪୦ ବଲରୁ ଶତକ ହାସଲ କରିଥିଲେ। ସେହିପରି ସେ ଆଫଗାନିସ୍ତାନ ବିପକ୍ଷରେ ୧୨୮ ବଲରୁ ୨୦୧ ରନର ଦ୍ୱିଶତକ ହାସଲ କରି ଦଳକୁ ବହୁମୂଲ୍ୟ ବିଜୟ ପ୍ରଦାନ କରିଥିଲେ।

**୭. ରବୀନ୍ଦ୍ର ଜାଡେଜା (ଭାରତ, ଅଲରାଉଣ୍ଡର)**
ରବୀନ୍ଦ୍ର ଜାଡେଜା ବିଶ୍ୱକପ୍‌ରେ ଉଭୟ ବଲ୍ ଓ ବ୍ୟାଟ୍‌ରେ ଉପଯୋଗୀ ପ୍ରଦର୍ଶନ କରିଛନ୍ତି। ୧୬ ୱିକେଟ ନେବା ସହ ସେ ୧୨୦ ରନ ସଂଗ୍ରହ କରିଛନ୍ତି। ତାଙ୍କର ଇକୋନୋମୀ ରେଟ୍ ୪.୨୫ ରହିଥିଲା।

**୮. ଯଶପ୍ରୀତ ବୁମ୍ରା (ଭାରତ, ବୋଲର)**
ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସେ ୧୧ଟି ମ୍ୟାଚ୍ ଖେଳି ମୋଟ୍ ୨୦ଟି ୱିକେଟ ଅକ୍ତିଆର କରିଛନ୍ତି। ତାଙ୍କର ଇକୋନୋମୀ ରେଟ୍ ୪.୨୫ ରହିଛି।

**୯. ଦିଲଶାନ ମଦୁଶଙ୍କା (ଶ୍ରୀଲଙ୍କା, ବୋଲର)**
ଶ୍ରୀଲଙ୍କା ବାମହାତୀ ଦ୍ରୁତ ବୋଲର ଦିଲଶାନ ମଦୁଶଙ୍କା ୯ଟି ମ୍ୟାଚ୍ ଖେଳି ୨୧ଟି ୱିକେଟ ଅକ୍ତିଆର କରିଥିଲେ। ସେ ଟୁର୍ଣ୍ଣାମେଣ୍ଟ ତୃତୀୟ ସଫଳତମ ବୋଲର ବିବେଚିତ ହୋଇଛନ୍ତି। ସେ ଭାରତ ବିପକ୍ଷରେ ୫ ୱିକେଟ ନେଇଥିଲେ।

**୧୦. ଆଡାମ ଜାମ୍ପା (ଅଷ୍ଟ୍ରେଲିଆ, ସ୍ପିନର)**
ଜାମ୍ପା ୨୩ଟି ୱିକେଟ ନେଇ ଅଷ୍ଟ୍ରେଲିଆର ସର୍ବାଧିକ ଓ ବିଶ୍ୱକପର ଦ୍ୱିତୀୟ ସର୍ବାଧିକ ୱିକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି।

**୧୧. ମହମ୍ମଦ ସାମି (ଭାରତ, ବୋଲର)**
ସାମି ବିଶ୍ୱକପ୍‌ରେ ଭାରତ ପାଇଁ ମାତ୍ର ୭ଟି ମ୍ୟାଚ୍ ଖେଳି ସର୍ବାଧିକ ୨୪ଟି ୱିକେଟ ଅକ୍ତିଆର କରିଛନ୍ତି। ବିଶ୍ୱକପ୍‌ରେ ସେ ମାତ୍ର ୧୭ଟି ପାଳି ଖେଳି ୫୦ ୱିକେଟ ହାସଲ କରି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କୁ ପଛରେ ପକାଇଥିଲେ।

**୧୨. ଜେରାଲ୍ଡ କୁଟ୍‌ଜି (ଦକ୍ଷିଣ ଆଫ୍ରିକା, ବୋଲର)**
ଦକ୍ଷିଣ ଆଫ୍ରିକା ବୋଲର ଜେରାଲ୍ଡ କୁଟ୍‌ଜି ୮ଟି ମ୍ୟାଚ୍ ଖେଳି ୨୦ଟି ୱିକେଟ ଅକ୍ତିଆର କରିଛନ୍ତି। ୨୩ ବର୍ଷୀୟ କୁଟ୍‌ଜି ୬.୨୩ ଇକୋନୋମି ରେଟ୍‌ରେ ବୋଲିଂ କରିଥିଲେ।

## ଡ୍ରେସିଂ ରୁମ୍‌ରେ ପ୍ରଧାନମନ୍ତ୍ରୀଙ୍କ ସାନ୍ତ୍ୱନା

ଅହମ୍ମଦାବାଦ୍, ୨୦।୧୧(ଏଜେନ୍ସି): ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ଭାରତ ହାରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡ୍ରେସିଂ ରୁମ୍ ଯାଇ ନିଜ ଖେଳାଳିମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ବିଶ୍ୱକପ୍‌ରେ ସର୍ବାଧିକ ୱିକେଟ ହାସଲ କରି ଭାରତର ହିରୋ ବିବେଚିତ ହୋଇଥିବା ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ସେ ଆଲିଙ୍ଗନ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ପାଳିରେ ପ୍ରଧାନମନ୍ତ୍ରୀ ଷ୍ଟାଡିୟମରେ ପହଞ୍ଚିଥିଲେ। ଅଷ୍ଟ୍ରେଲୀୟ ଉପ-ପ୍ରଧାନମନ୍ତ୍ରୀ ରିଚାର୍ଡ ମାର୍ଲ୍ସଙ୍କ ସହିତ ପ୍ରଧାନମନ୍ତ୍ରୀ ଅଧିନାୟକ ପ୍ୟାଟ କମିନ୍ସଙ୍କୁ ବିଶ୍ୱକପ୍ ଟ୍ରଫି ପ୍ରଦାନ କରିଥିଲେ। ସାମି ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କର ଏହି ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ରବୀନ୍ଦ୍ର ଜାଡେଜା ମଧ୍ୟ ପ୍ରଧାନମନ୍ତ୍ରୀ ଡ୍ରେସିଂ ରୁମ୍‌ରେ ଉପସ୍ଥିତ ଥିବାର ଫଟୋ ସେୟା କରିଛନ୍ତି। ଦୂର୍ଭାଗ୍ୟଜନକ ଭାବେ ରିବିବାର ଆମର ଦିନ ନଥିଲା। ପ୍ରଧାନମନ୍ତ୍ରୀ ଡ୍ରେସିଂ ରୁମ ଆସି ଆମକୁ ସାନ୍ତ୍ୱନା ଦେବା ସହ ଉତ୍ସାହିତ କରିଥିବାରୁ ତାଙ୍କ ନିକଟରେ ଆମେ କୃତଜ୍ଞ ବୋଲି ସାମି ଉଲ୍ଲେଖ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଡ୍ରେସିଂ ରୁମ୍‌ରେ ଆସି ଆମକୁ ଉତ୍ସାହିତ କରିବା ସବୁଠାରୁ ବଡ଼ କଥା ବୋଲି ଜାଡେଜା ଉଲ୍ଲେଖ କରିଛନ୍ତି।



ସର୍ବାଧିକ ୱିକେଟ ପାଇଁ ସାମିଙ୍କୁ କଲେ ଆଲିଙ୍ଗନ

## ଚର୍ଚ୍ଚାରେ ମାର୍ଶଙ୍କ ବିବାଦୀୟ ଫଟୋ

ଅହମ୍ମଦାବାଦ୍, ୨୦।୧୧(ଏଜେନ୍ସି): ଅଷ୍ଟ୍ରେଲୀୟ କ୍ରିକେଟର ମିଚେଲ ମାର୍ଶଙ୍କ ଏକ ବିବାଦୀୟ ଫଟୋ ସାମାଜିକ ଗଣମାଧ୍ୟରେ ଭାଇରାଲ ହୋଇଛି। ବିଶ୍ୱକପ୍ ଜିତିବା ପରେ ମାର୍ଶ ଟ୍ରଫି ଉପରେ ଦୁଇଟି ଗୋଡ ଥୋଇ ବସିଥିବାର ଏକ ଫଟୋକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି। ଅଷ୍ଟ୍ରେଲୀୟ ଅଧିନାୟକ ପ୍ୟାଟ କମିନ୍ସ ପ୍ରଥମେ ଏହି ଫଟୋକୁ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡଲରେ ପୋଷ୍ଟ କରିଥିଲେ। ଏହାପରେ ଏହି ଫଟୋ ଦ୍ରୁତଗତିରେ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଥିଲା। ମାର୍ଶ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଛନ୍ତି ବୋଲି କେତେକ ମତ ଦେଇଛନ୍ତି। ତାଙ୍କୁ ଏଥିପାଇଁ କଡ଼ା ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। ବିଶ୍ୱକପ୍ ଜିତିବାରେ କେତେ ଘଣ୍ଟା ପରେ ହିଁ ଏହି ବିବାଦୀୟ ଫଟୋକୁ ସେୟାର କରାଯାଇଥିଲା।



● ଏଟିପି ଫାଇନାଲ୍ସ

## ଜୋକୋଭିଚ୍‌ଙ୍କୁ ରେକର୍ଡ ସପ୍ତମ ଟାଇଟଲ

ତୁରିନ, ୨୦।୧୧(ଏଜେନ୍ସି): ଇଟାଲୀର ତୁରିନ୍‌ରେ ବର୍ଷ ଶେଷର ହାଇପ୍ରୋଫାଇଲ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସ ଅନୁଷ୍ଠିତ ହୋଇଛି। ସର୍ବିଆର ଅଭିଜ୍ଞ ଖେଳାଳି ନୋଭାକ ଜୋଭୋଭିଚ୍ ଟୁର୍ଣ୍ଣାମେଣ୍ଟର ଏହି ୫୪ତମ ସଂସ୍କରଣରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ରିବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏକକ ଫାଇନାଲ ମୁକାବିଲାରେ ଶ୍ରେଷ୍ଠ ସିଡ୍ ଜୋକୋଭିଚ୍ ୬-୩, ୬-୩ ସିଧାସଳଖ ସେଟ୍‌ରେ ଚତୁର୍ଥ ସିଡ ଇଟାଲୀର ଜାନିକ ସିନରଙ୍କୁ ପରାସ୍ତ କରି ରେକର୍ଡ ସପ୍ତମଥର ପାଇଁ ଟାଇଟଲ ହାସଲ କରିଛନ୍ତି। ୩୬ ବର୍ଷୀୟ ଜୋକୋଭିଚ୍ ଏଥିସହ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଜୋକୋଭିଚ୍ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ରେକର୍ଡ କରିଛନ୍ତି। ସେହିପରି ସେ କ୍ୟାରିୟରରେ ମୋଟ୍ ୯୮ଟି ଟାଇଟଲ ଜିତି ଓପନ୍ ଏରାରେ ତୃତୀୟ ସଫଳତମ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ଜୋକୋଭିଚ୍ ସେମିରେ ୬-୩, ୬-୨ ସେଟ୍‌ରେ ସ୍ପେନ୍‌ର ଦ୍ୱିତୀୟ ସିଡ୍ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।




## ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ

# ସମ୍ଭାବ୍ୟ ୨୦ ଜଣିଆ ରାଜ୍ୟ ଦଳ ଘୋଷିତ

କଟକ, ୨୦।୧୧(ସମିସ): ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫି ଆସନ୍ତା ଡିସେମ୍ବର ୧୮ରୁ ଆରମ୍ଭ ହେବ। ଏଥି ନିମନ୍ତେ କାଭି ଓଡ଼ିଶା ପକ୍ଷରୁ ସମ୍ଭାବ୍ୟ ୨୦ଜଣିଆ ରାଜ୍ୟ ଦଳ ସୋମବାର ଘୋଷଣା କରାଯାଇଛି। ଡିସେମ୍ବର ୫ରେ ଚୂଡାନ୍ତ ୧୬ଜଣିଆ ଦଳ ଘୋଷଣା କରାଯିବ ବୋଲି କାଭି ଓଡ଼ିଶା ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସମ୍ଭାବ୍ୟ ଦଳରେ ମହମ୍ମଦ ଜାଫର ଇକବାଲ, କାଳିଆ ପ୍ରଧାନ, ହିକିମ ମୁର୍ମୁ, ଦେବରାଜ ବେହେରା, ଅନୀଲ ମଲ୍ଲିକ, ରଞ୍ଜନ ହାଁସଦା, ଚିରଞ୍ଜୀବୀ ମଲ୍ଲିକ, ପଙ୍କଜ ଭୁଏ, ନକୁଳ ବଡନାୟକ, ଲାଲପ୍ରସାଦ ସୋରେନ, ଅର୍ଜୁନ ଭାତ୍ରା, ଅଞ୍ଜନ ସିଂହ, ସୂର୍ଯ୍ୟକାନ୍ତ ସାହୁ, ରାମଦାସ ମୁର୍ମୁ, ଆକାଶ ରାଉତ, ସୁଖରାମ ମାଝୀ, ଲିଙ୍ଗରାଜ ରାଉତରା, ଧନପତି ଗୌଡ଼, ସୁକଦେବ ସୋରେନ (ୱିକେଟ କିପର) ଓ ଲାବଣ୍ୟ ପାତ୍ର ରହିଛନ୍ତି। ଚନ୍ଦ୍ରଶେଖର ପଟ୍ଟନାୟକ କୋଚ୍ ଏବଂ ସୁରେଶ ବେହେରା ମ୍ୟାନେଜର ଭାବେ ଦଳରେ ରହିଛନ୍ତି। ଚୂଡ଼ାନ୍ତ ଦଳ ଡିସେମ୍ବର ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ପଡ଼ିଆରେ ଅଭ୍ୟାସ କରିବ।

## ଲଡୁକିଶୋର ସ୍ମାରକୀ ଚେସ୍: ପ୍ରତ୍ୟୁଷ ଚାମ୍ପିଅନ



ଭୁବନେଶ୍ୱର, ୨୦।୧୧ (ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ଲଡୁକିଶୋର ନାୟକ ସ୍ମାରକୀ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଟିଆ ପ୍ରଶାନ୍ତି ବିହାରସ୍ଥିତ ଶୋଭନୀୟ ଶିକ୍ଷାଶ୍ରମରେ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ଦୁଇ ଜଣ ଖେଳାଳି ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଥିଲେ। ବୁକୋଲଜ୍‌ରେ କଟକ ଷ୍ଟିୱାର୍ଟ ସ୍କୁଲର ପ୍ରତ୍ୟୁଷ ନାୟକ ଚାମ୍ପିଅନ ଓ ଯାଜପୁର ଟାଉନ ଡିଏଭି ପବ୍ଲିକ୍ ସ୍କୁଲର ସାଇରଞ୍ଜନ ମିଶ୍ର ରନର୍ସଅପ୍ ହୋଇଛନ୍ତି। କଟକ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ଆୟୁଷ ମହାପାତ୍ର, ଭୁବନେଶ୍ୱର କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆଦିତ୍ୟ ଜେନା, କେଦାରଗୌରୀ ସେଣ୍ଟ ଜାଭିୟର ସ୍କୁଲର ନମସ୍ୟ ନଳିନୀ, କଳିଙ୍ଗନଗର ଡିଏଭିର ଶ୍ରୀମାନ ଦାଶ, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ୍‌ର ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଚନ୍ଦ୍ରଶେଖରପୁର ଡିଏଭିର ଶୁଭସ୍ମିତା ପ୍ରିୟଦର୍ଶିନୀ ଓ ଦିବ୍ୟାଂଶ ନାୟକ, କେନ୍ଦୁଝରର ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର ପ୍ରୟାଶ ସାହୁ ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଡିସିବି ବ୍ୟାଙ୍କ୍‌ର ଓଡ଼ିଶା ଆଞ୍ଚଳିକ ମୁଖ୍ୟ ନଳିନୀକାନ୍ତ ନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଶୋଭନୀୟ ଶିକ୍ଷାଶ୍ରମ ନିର୍ଦ୍ଦେଶକ ଦୟାନିଧି ରାଉତ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସୁରଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୨୪ରୁ ଆର୍‌ଏସ୍‌ପି ଚେସ୍ ଉତ୍ସବ

ରାଉରକେଲା, ୨୦।୧୧ (ସମିସ): ଅଲ୍‌ଓଡ଼ିଶା ଚେସ୍ ସଂଘ ଓ ରାଉରକେଲା ଇସ୍ପାତ କାରଖାନାର ମିଳିତ ସହଯୋଗରେ ଆର୍‌ଏସ୍‌ପି ଚେସ ଉତ୍ସବ ଚଳିତମାସ ୨୪ରୁ ୨୬ ତାରିଖଯାଏ ଅନୁଷ୍ଠିତ ହେବ। ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ପରିସରରେ ଏହା ଖେଳାଯିବ। ଏହା ଦୁଇଟି ବିଭାଗରେ ଖେଳାଯିବ। ପ୍ରଥମ ବିଭାଗଟି ଓପନ କାଟାଗୋରୀରେ ଓ ଦ୍ୱିତୀୟ ବିଭାଗଟି ୧୩ ବର୍ଷରୁ କମ୍ ବୟସର ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ହେବ। ଓପନ କାଟାଗୋରୀରେ ୧୫ଜଣ ଶ୍ରେଷ୍ଠ ଖେଳାଳି ଓ ଅନ୍ୟମାନଙ୍କୁ ୫୦, ୦୦୦, ୧୩ ବର୍ଷରୁ କମ୍ ବିଭାଗରେ ୩୦, ୦୦୦ ଟଙ୍କାର ପୁରସ୍କାର ରଖାଯାଇଛି। ଭୁବନେଶ୍ୱର ବାହାର ପ୍ରତିଯୋଗୀଙ୍କ ଲାଗି ପ୍ରବେଶିକା ଦେୟ ୭୦୦ ଟଙ୍କା ଓ ରାଉରକେଲା ପ୍ରତିଯୋଗୀଙ୍କ ଲାଗି ୫୦୦ ଟଙ୍କା ରଖାଯାଇଛି। ଇଚ୍ଛୁକ ପ୍ରତିଯୋଗୀମାନେ ସଞ୍ଜୟ ପ୍ରଧାନ (ମୋବାଇଲ ନଂ-୭୦୦୮୭-୧୭୨୯୨) କିମ୍ବା ଗୋବିନ୍ଦ ମହାପାତ୍ର (ମୋ ନଂ-୯୪୩୭୦-୪୫୪୬୪)ଙ୍କ ସହଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଜଗଦୀଶ ଚନ୍ଦ୍ର ରାଉତରାୟଙ୍କ ପରଲୋକ



କଟକ, ୨୦।୧୧(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ପୂର୍ବତନ ସଦସ୍ୟ ଜଗଦୀଶ ଚନ୍ଦ୍ର ରାଉତରାୟଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ବର୍ଷ ବୟସ ହୋଇଥିଲା। ଭୁବନେଶ୍ୱରରେ ରହୁଥିବା ଜଗଦୀଶ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ସେ ରାଜ୍ୟ କନିଷ୍ଠ ଦଳ ଚୟନ କମିଟିର ସଦସ୍ୟ ଏବଂ ପୁରୀ ଜିଲ୍ଲା କ୍ରୀଡା ସଂଘର କ୍ରିକେଟ ସମ୍ପାଦକ ମଧ୍ୟ ଥିଲେ। ତାଙ୍କ ବିୟୋଗରେ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଶୋକ ପ୍ରକାଶ କରିଛନ୍ତି।

## ଜାତୀୟ ସବ୍‌ଜୁନିଅର କରାଟେ

# ଓଡ଼ିଶାକୁ ୭ ସ୍ୱର୍ଣ୍ଣ ସହ ୨୮ ପଦକ




ଭୁବନେଶ୍ୱର, ୨୦।୧୧ (ସମିସ): ଦିଲ୍ଲୀରେ ଚାଲିଥିବା ଜାତୀୟ ସବ୍‌ଜୁନିଅର କରାଟେ ପ୍ରତିଯୋଗିତା ଶେଷ ହୋଇଛି। ଏଥିରେ ଓଡ଼ିଶାର ପ୍ରତିଯୋଗୀମାନେ ୭ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୧୩ଟି କାଂସ୍ୟ ସହ ମୋଟ ୨୮ଟି ପଦକ ବିଜୟୀ ହୋଇଛନ୍ତି। ରାଜୀବ କୁମାର ସିଂଙ୍କ ନେତୃତ୍ୱରେ ଓଡ଼ିଶାର ପ୍ରତିଯୋଗୀମାନେ କୃତିତ୍ୱ ହାସଲ କରିଛନ୍ତି। କୃତି ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତି ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## କଳିଙ୍ଗରେ ୧୪ ବର୍ଷରୁ କମ୍ ଜାତୀୟ ସିରିଜ୍ ଟେନିସ



ଭୁବନେଶ୍ୱର, ୨୦।୧୧ (ସମିସ): ଓଡ଼ିଶା ଟେନିସ ଆସୋସିଏସନ ଆନୁକୂଲ୍ୟରେ ୧୪ ବର୍ଷରୁ କମ୍ ଜାତୀୟ ଜୁନିଅର ଟେନିସ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ୧୧ଟି ରାଜ୍ୟରୁ ୭୦ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ନଭେମ୍ବର ୨୫ରେ ସମସ୍ତ ବିଭାଗର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଜଣାଯାଇଛି। ଏଆଇଟିଏର ଗୀତିକା ପଲ ଏହି ପ୍ରତିଯୋଗିତାର ମ୍ୟାଚ୍ ରେଫରି ରହିଛନ୍ତି। ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଖେଳରେ ସିଡେଡ ଖେଳାଳିମାନେ ବିଜୟୀ ହୋଇଛନ୍ତି।

## ଆନ୍ତଃ ପିଏସପିବି ଚେସ୍ ପ୍ରତିଯୋଗିତା

# ଆଇଓସି ଚାମ୍ପିଅନ, ଓଏନ୍‌ଜିସି ରନର୍ସଅପ୍







ଭୁବନେଶ୍ୱର, ୨୦।୧୧ (ସମିସ): ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ଏଠାରେ ଆନ୍ତଃ ପିଏସ୍‌ପିବି (ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ) ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏହା ମଧ୍ୟରେ ଦଳଗତ ପ୍ରତିଯୋଗିତା ଶେଷ ହୋଇଯାଇଥିଲାବେଳେ ସୋମବାରଠାରୁ ବ୍ୟକ୍ତିଗତ ବିଭାଗରେ ଖେଳ ଆରମ୍ଭ ହୋଇଛି। ଦଳଗତ ବିଭାଗରେ ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି)-ଏ' ୩-୧ରେ ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ କମିସନ (ଓଏନ୍‌ଜିସି)-ଏ'କୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭାରତ ପେଟ୍ରୋଲିୟମ୍ ତୃତୀୟ ଓ ଆଇଓସି-ବି' ଚତୁର୍ଥ ସ୍ଥାନ ଅଧିକାର କରିଛି। ଚାମ୍ପିଅନ ଆଇଓସି ଦଳରେ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ, ଜିଏମ୍ ଏସ୍ ରୌନକ, ଜିଏମ୍ ମୁରଲୀ କାର୍ତ୍ତିକେୟନ, ଜିଏମ୍ ଏସ୍‌ଏସ୍ ଗାଙ୍ଗୁଲି, ଜିଏମ୍ ବି ଅଧିବନ ଓ ଜିଏମ୍ ଅଭିଜିତ କୁନ୍ତେ ସଦସ୍ୟ ରହିଥିଲେ। ରନର୍ସ ଅପ୍ ଓଏନ୍‌ଜିସିରେ ଜିଏମ ବିଦିତ ଗୁଜରାଟୀ, ଜିଏମ୍ ଶଶିକିରଣ କ୍ରିଷ୍ଣନ ଓ ଜିଏମ୍ ଦିପ ସେନଗୁପ୍ତ ସଦସ୍ୟ ରହିଥିଲେ। ସୋମବାର ଆରମ୍ଭ ହୋଇଥିବା ରାପିଡ ଫର୍ମାଟ ବ୍ୟକ୍ତିଗତ ବିଭାଗରେ ୧୪ଜଣ ଗ୍ରାଣ୍ଡମାଷ୍ଟର, ୪ ଜଣ ଇଣ୍ଟରନ୍ୟାସନାଲ ମାଷ୍ଟର ଓ ଜଣେ ମହିଳା ଗ୍ରାଣ୍ଡମାଷ୍ଟରଙ୍କ ସମେତ ୬୪ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏଥିରେ ମୋଟ ୯ ରାଉଣ୍ଡ ଖେଳ ହେବ। ଏହି ପ୍ରତିଯୋଗିତାକୁ ଇଣ୍ଟରନ୍ୟାସନାଲ ଆର୍ବିଟର ସୁରେଶଚନ୍ଦ୍ର ସାହୁ ଓ ତାପସ କୁମାର ମହାନ୍ତି ପରିଚାଳନା କରୁଛନ୍ତି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

DSPL-400

ODISHA INDIA'S BEST KEPT SECRET. ALL INDIA FOOTBALL FEDERATION FIFA

# ଏଆଇଏଫ୍ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀର

## ଶୁଭ ଉଦ୍‌ଘାଟନ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା

ଉପସ୍ଥିତ ରହିବେ

**ଶ୍ରୀ ଆର୍ସେନ୍ ୱେଙ୍ଗର୍**
ଫିଫା, ଗ୍ଲୋବାଲ୍ ଫୁଟବଲ୍ ଡେଭଲପମେଣ୍ଟର ମୁଖ୍ୟ

୨୧ ନଭେମ୍ବର ୨୦୨୩, ଭୁବନେଶ୍ୱର



“ କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ ଶକ୍ତି ”

**ଶ୍ରୀ କଲ୍ୟାଣ ଚୌବେ**
ସଭାପତି
ସର୍ବଭାରତୀୟ ଫୁଟବଲ ଫେଡେରେସନ

**ଶ୍ରୀ ତୁଷାରକାନ୍ତି ବେହେରା**
ମାନ୍ୟବର ମନ୍ତ୍ରୀ
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା
ସ୍ୱରାଷ୍ଟ୍ର, ଓଡ଼ିଶା ସରକାର

OIPR-29001/13/0097/2324



"କ୍ରୀଡ଼ା ଦୃଶ୍ୟପଟର ରୂପାନ୍ତରଣ, କ୍ରୀଡ଼ାବିତଙ୍କ ସଶକ୍ତିକରଣ"